


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-271 •BHUBANESWAR •SUNDAY •30 MARCH 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୭୧ •ଭୁବନେଶ୍ୱର •ରବିବାର •୩୦ ମାର୍ଚ୍ଚ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦ (ସିନ୍ଦୂରା ସହ)



DSPL-436

ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

## ଅନ୍ତ୍ୟୋଦୟ ଗୃହ ଯୋଜନା

ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା

ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।

**୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା**

ଏବଂ

**ସମୁଦାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ**

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

**www.rhodisha.gov.in** | ନିଃଶୁଳ୍କ ନମ୍ବର ୦୬୭୪- ୬୮ ୧୭୭୭୭

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

OIPR-19001/13/0015/2425

## ପ୍ରକୃତିର କରାଳଗ୍ରାସରେ ମ୍ୟାଁମାର, ଥାଇଲାଣ୍ଡ







# ଭଗ୍ନାବଶେଷ ତଳେ ଜୀବନ-ମୃତ୍ୟୁର ସଂଗ୍ରାମ

ନୂଆଦିଲ୍ଲୀ,୨୯।୩(ଏଜେନ୍ସି): ମ୍ୟାଁମାରରେ ଗତକାଲି ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପକୁ ନେଇ ମ୍ୟାଁମାରରେ ମୃତ୍ୟୁର ବିଭୀଷିକା ସୃଷ୍ଟି ହୋଇଛି। ମାଣ୍ଡେଲେ ସହର ସୋମତ ଏଠାକାର ବିଭିନ୍ନ ଅଞ୍ଚଳରେ ଅକଳନୀୟ କ୍ଷତି ଘଟିଥିଲା ବେଳେ ମୃତ୍ୟୁସଂଖ୍ୟା ବେଳକୁ ବେଳ ବଢିବାରେ ଲାଗିଛି। ଶନିବାର ସୁଦ୍ଧା ୧୬୦୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ସେହିଭଳି ୪ ହଜାରରୁ ଅଧିକ ଆହତ ଲୋକଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କିନ୍ତୁ ଏବେ ବି ବିଭିନ୍ନ ଅଞ୍ଚଳରେ ଶତାଧିକ ଲୋକ ଭଗ୍ନାଂଶ ତଳେ ରହିଥିବା ଏବଂ ସେମାନଙ୍କୁ ଉଦ୍ଧାର କରିବାକୁ ଡାକ ପକାଉଥିବାର ଶବ୍ଦ ସେଠାକାର ପରିବେଶକୁ ଆହୁରି ଗମ୍ଭୀର କରିଦେଇଛି। ବହୁ ସ୍ଥାନରେ ସଡ଼କପଥ ଧ୍ୱଂସ ହେବା ସହିତ ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୋଇଥିବାରୁ ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। ଏହାବ୍ୟତୀତ ବର୍ଷ ବର୍ଷ ଧରି ଲଢେଇ ଏବଂ

### ବିଭିନ୍ନ ଇଲାକାରେ ଭଗ୍ନାବଶେଷ ତଳେ ଶହ ଶହ ଲୋକ

### ପୂର୍ବ ଚୀନ ଠାରୁ କାମ୍ବୋଡିଆ, ଲାଓସ୍ ଏବଂ ଭାରତ ପ୍ରଭାବିତ

### ଆମେରିକା, ରୁଷିଆ ଏବଂ ଚୀନ୍ ସମେତ ବିଭିନ୍ନ ରାଷ୍ଟ୍ରରୁ ସହାୟତା

ଗୃହଯୁଦ୍ଧରେ ଲିପ୍ତ ରହିଥିବା ଏଠାକାର ଜୁଣ୍ଟା ସରକାରଙ୍କ ନିକଟରେ ଏଭଳି ଭୟଙ୍କର ପ୍ରାକୃତିକ ଦୁର୍ବିପାକକୁ ମୁକାବିଲା କରିବା ଭଳି ସାମର୍ଥ୍ୟ ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି। ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରିବା ଏବଂ ଆବଶ୍ୟକ ସେବା ଯୋଗାଇ ଦେବା ଲାଗି ଭାରତ ସମେତ ଆମେରିକା, ରୁଷିଆ, ଚୀ। ଦକ୍ଷିଣ କୋରିଆ, ଜାପାନ ଏବଂ ଅନ୍ୟ ବହୁ ରାଷ୍ଟ୍ରରୁ ସହାୟତା ଯୋଗାଣ ଆରମ୍ଭ ହୋଇଛି। ଚୀନ୍ ଏବଂ ରୁଷିଆର ଦୁଇ ଜାହାଜ ବିପୁଳ ରିଲିଫ୍ ସାମଗ୍ରୀ ସହିତ ମ୍ୟାଁମାର ଅଭିମୁଖେ ଯାତ୍ରା କରିଛନ୍ତି। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସହାୟତା ଯୋଗାଇ ଦେବାକୁ ଶନିବାର ଘୋଷଣା କରିଛନ୍ତି। ବିଗତ କିଛି ବର୍ଷ ଧରି ମ୍ୟାଁମାରରେ ସେନା ସରକାର କ୍ଷମତା ଦଖଲ କରି ଶାସନ କରୁଥିଲଶ ବେଳେ ଏଠାକାର ଅର୍ଥନୈତିକ ସ୍ଥିତି ପୂର୍ବାପେକ୍ଷା ଦୁର୍ବଳ ହୋଇଛି। କିନ୍ତୁ ସାଂପ୍ରତିକ ସ୍ଥିତି ମ୍ୟାଁମାର ପାଇଁ ଆହୁରି ଦୁର୍ଗତି ଆଣିଛି। ବ୍ୟାପକ ଭିତ୍ତିଭୂମି କ୍ଷୟକ୍ଷତି ଏଠାକାର ଆର୍ଥିକ ସ୍ଥିତିକୁ ଆହୁରି ଗମ୍ଭୀର କରିଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ଝଟ୍‌କା ପରେ ଝଟ୍‌କା; ଖାଦ୍ୟ-ପାନୀୟ ପାଇଁ ହାହାକାର

ଗତକାଲି ପ୍ରଳୟଙ୍କରୀ ଭୂକମ୍ପରେ ମ୍ୟାଁମାରର ଅଧିକାଂଶ ଅଞ୍ଚଳରେ ପ୍ରଳୟଙ୍କରୀ ସ୍ଥିତି ସୃଷ୍ଟି ହୋଇଥିଲା ବେଳେ ଶନିବାର ପୁଣି ଭୂକମ୍ପ ଝଟକା ଏଠାକାର ଲୋକଙ୍କୁ ଆହୁରି ଉଦବିଘ୍ନ କରିଦେଇଛି। ଗୋଟିଏ ପଟେ ଭଗ୍ନାଂଶ ତଳୁ ଲୋକଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ ନିଜ ପରିବାର ଏବଂ ବନ୍ଧୁ ସହୋଦରଙ୍କୁ ହରାଇଥିବା ଲୋକଙ୍କ ଆକୁଳ ଚିତ୍କାର ପରିବେଶକୁ ଆହୁରି ଗମ୍ଭୀର କରିଦେଇଛି। ସେହିପରି ଖାଦ୍ୟ ଏବଂ ପାନୀୟକୁ ନେଇ ମଧ୍ୟ ସବୁଆଡେ଼ ହାହାକାର ସ୍ଥିତି ଦେଖିବାକୁ ମିଳିଛି। ଶୁକ୍ରବାର ପ୍ରଳୟଙ୍କରୀ ଭୂକମ୍ପକୁ ନେଇ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ନଥିବା ବେଳେ ଶନିବାର ପୁଣି ଥରେ ଆଉ ଏକ ଭୂକମ୍ପ ମ୍ୟାଁମାର ସରକାରଙ୍କ ଅଣ୍ଟା ଭାଙ୍ଗିଦେବା ଭଳି ପରିସ୍ଥିତି ଉତ୍ପନ୍ନ କରିଛି। ଶହ ଶହ ଆହତ ଲୋକଙ୍କୁ ଚିକିତ୍ସା ଯୋଗାଇ ଦେବା ମଧ୍ୟ ସମ୍ଭବ ହେଉ ନାହିଁ। କାରଣ ହସ୍ପିଟାଲରେ ବି ସ୍ଥାନର ଅଭାବ ଦେଖାଯାଇଛି। ବିଭିନ୍ନ ସ୍ଥାନରେ ସଡ଼କପଥ ବିଚ୍ଛିନ୍ନ ହୋଇଥିବାରୁ ଆହତ ଲୋକମାନଙ୍କୁ ଅନ୍ୟ ସହରକୁ ନେବା କଷ୍ଟସାଧ୍ୟ ହୋଇପଡ଼ିଛି। ବଜାରଘାଟ ଏବଂ ଭିତ୍ତିଭୂମି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉଜୁଡି ଯାଇଥିବାରୁ ଲୋକମାନଙ୍କୁ ପାନୀୟ ଜଳ ଯୋଗାଣ ମଧ୍ୟ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। ଆହତମାନଙ୍କୁ ଅନେକ ସ୍ଥାନରେ ଟେଣ୍ଟ ତଳେ ରଖି ଚିକିତ୍ସା କରାଯାଉଛି। ଅନେକ ଲୋକ ନିଖୋଜ ରହିଥିବା ବେଳେ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କୁ ଖୋଜି ଖୋଜି ବିଭିନ୍ନ ସ୍ଥାନରେ ମୁଣ୍ଡ ପିଟୁଥିବାର କରୁଣ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି।

## ୨୦୨୫ର ପ୍ରଥମ ସୂର୍ଯ୍ୟୋପରାଗ

ନୂଆଦିଲ୍ଲୀ,୨୯।୩(ଏଜେନ୍ସି): ୨୦୨୫ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଉତ୍ତର ଗୋଲାର୍ଦ୍ଧର ବହୁ ଭାଗରେ ଦେଖାଯାଇଛି। ଭାରତୀୟ ସମୟ ଦିନ ୨ଟା ୨୧ ମିନିଟ୍‌ରୁ ଆରମ୍ଭ ହୋଇ ପରାଗ ୬ଟା ୧୪ ମିନିଟରେ ଶେଷ ହୋଇଛି। ଏହାର ମୋଟ ଅବଧି ୩ଘଣ୍ଟା ୫୩ ମିନିଟ ରହିଥିବା କୁହାଯାଇଛି। ଉତ୍ତର ଗୋଲାର୍ଦ୍ଧରେ ବିଭିନ୍ନ ଭାଗରେ ସୂର୍ଯ୍ୟୋପରାଗ ଆଂଶିକ ଭାବେ ଦେଖାଯାଇଥିଲେ ହେଁ ଭାରତରେ କୌଣସି ସ୍ଥାନରେ ଦୃଶ୍ୟମାନ ହୋଇ ନାହିଁ। ଏହା ଦକ୍ଷିଣ ଆମେରିକା, ଉତ୍ତର ଆମେରିକା, ଉତ୍ତର ଏସିଆ, ଉତ୍ତର-ପଶ୍ଚିମ ଆଫ୍ରିକା, ୟୁରୋପ, ଆର୍କଟିକ୍ ମହାସାଗର, ଏବଂ ଆଟଲାଣ୍ଟିକ୍ ମହାସାଗର ଆଦି ସ୍ଥାନରେ ଦୃଶ୍ୟମାନ ହୋଇଛି। ଗ୍ରହ ଚଳନ ଅନୁଯାୟୀ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ର ଗୁରୁତ୍ୱ ଯଥେଷ୍ଟ ରହିଥିବା ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି। ଜ୍ୟୋତିଷ୍ୟ ଗଣନା ଅନୁଯାୟୀ ସୂର୍ଯ୍ୟୋପରାଗ ଦିନରେ ଶନି ଚଳନ ପ୍ରାୟ ଶହେ ବର୍ଷ ପରେ ସଂଯୋଗ ହେଉଛି।

## ପଶ୍ଚିମବଙ୍ଗ ମୋଥାବାରୀ ଦଙ୍ଗାରେ ୫୦ ଗିରଫ; ସ୍ୱାଭାବିକ ହେଉଛି ସ୍ଥିତି

କୋଲକାତା,୨୯।୩(ଏଜେନ୍ସି): ପଶ୍ଚିମବଙ୍ଗ ମାଲଦା ଜିଲ୍ଲା ମୋଥାବାରୀ ଅଞ୍ଚଳରେ ଗତ ଗୁରୁବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ସାଂପ୍ରଦାୟିକ ଦଙ୍ଗା ଘଟଣାରେ ବର୍ତ୍ତମାନ ସୁଦ୍ଧା ୫୦ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ସୁଦ୍ଧା ୩୬ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଶନିବାର ସୁଦ୍ଧା ଆଉ ୧୬ ଜଣଙ୍କୁ ଗିରଫ କରାଯାଇଛି ବୋଲି ଉତ୍ତର ପଶ୍ଚିମବଙ୍ଗ ଆଇଜି ରାଜେଶ ଯାଦବ କହିଛନ୍ତି। ତେବେ ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ଆଡକୁ ଗତି କରୁଥିବା ସେ କହିଛନ୍ତି। ଗତ ଦୁଇ ଦିନ ଧରି ଏହି ଅଞ୍ଚଳରେ ଉତ୍ତେଜନା ଲାଗି ରହିବା ସହିତ ଦୋକାନ ବଜାର ବନ୍ଦ ରହିଥିଲା ବେଳେ ଏବେ ବିଭିନ୍ନ ସ୍ଥାନରେ ଗମନାଗମନ ଏବଂ ବଜାର ସ୍ଥିତି ସ୍ୱାଭାବିକ ହେଉଥିବା ସେ କହିଛନ୍ତି। ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଶାନ୍ତି କମିଟି ଗଠନ କରାଯାଇ ସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ବୁଧବାର ରାତିରେ ଏକ ଶୋଭାଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାରୁ ପରବର୍ତ୍ତୀ ସମୟରେ ଏହା ଦଙ୍ଗା ରୂପ ନେଇଥିଲା।

## ଯେଉଁଠି ବର୍ଷକୁ ଏକାଠି ହୁଅନ୍ତି ୭୫ ହଜାରରୁ ଅଧିକ ସାପ

ଓଟାୱା,୨୯।୩(ଏଜେନ୍ସି): ଋତୁ ପରିବର୍ତ୍ତନକୁ ନେଇ ଅନେକ ଦେଶର ପ୍ରବାସୀ ପକ୍ଷୀଙ୍କୁ ଆଗମନ ହେବାର ନଜିର ରହିଛି। କିନ୍ତୁ ଋତୁ ପରିବର୍ତ୍ତନକୁ ନେଇ ସାପ ଏକାଠି ହେବାର ଖବର ହୁଏତ ଅନେକ ଜାଣି ନଥିବେ। କିନ୍ତୁ କାନାଡାରେ ବସନ୍ତ ଋତୁର ଆଗମନରେ କିଭଳି ସାପ ଏକାଠି ହୁଅନ୍ତି ଏବଂ ଏହି ଘଟଣାକୁ ତର୍ଜମା କରିବାକୁ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ଜୀବପ୍ରେମୀ କିଭଳି ଏକାଠି ହୁଅନ୍ତି ତାହାର ନଜିର ଦେଖିବାକୁ ମିଳିଛି। ମିଳିଥିବା ଖବର ଅନୁସାରେ କାନାଡାରେ ବସନ୍ତ ଋତୁ ଆରମ୍ଭ ହେଲେ ଏଠାକାର ନାରସିସ୍ ସହର ନିକଟରେ ପ୍ରାୟ ୭୫ ହଜାରରୁ ଅଧିକ ସାପ ଏକାଠି ହୁଅନ୍ତି। ଅପେକ୍ଷାକୃତ ଗରମ ପରିବେଶ ପାଇବା ସହିତ ପ୍ରଜନନ ପାଇଁ ସାପ ଏଠାରେ ଏକାଠି ହେଉଥିଲା ବେଳେ ଏହା ପୃଥିବୀ ପୃଷ୍ଠରେ ଦେଖାଯାଉଥିବା ବହୁ ପ୍ରାକୃତିକ ଏବଂ ସ୍ୱକ୍ରିୟା ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଏହି ଘଟଣା ସମ୍ପର୍କରେ କରାଯାଇଥିବା ଏକ ରିପୋର୍ଟ ଅନୁସାରେ ନାରସିସ୍ ଏବଂ ମାନିତୋବା ସହର ନିକଟସ୍ଥ ଅଞ୍ଚଳରେ ପ୍ରତିବର୍ଷ ବସନ୍ତ ଋତୁରେ ୭୫ ହଜାରରୁ ୧୫୦,୦୦୦ 'ଗାର୍ଟର' ଶ୍ରେଣୀର

## ସାଇବର ଠକ ଲୁଟିନେଲେ ୫୦ ଲକ୍ଷ ; ଜୀବନ ହାରିଲେ ବୃଦ୍ଧ ଦମ୍ପତି

ବେଙ୍ଗାଲୁରୁ,୨୯।୩(ଏଜେନ୍ସି): କର୍ଣ୍ଣାଟକର ବେଲାଗାଭି ଜିଲ୍ଲାରେ ସାଇବର ଅପରାଧୀଙ୍କ ଦ୍ୱାରା ଠକାମିର ଶିକାର ହୋଇ ଏକ ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିବା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଛି। ୮୩ ବର୍ଷୀୟ ଦିୟାଙ୍ଗୋ ନଜାରତ ନିଜ ବେକ କାଟି ଆତ୍ମହତ୍ୟା କରିଥିବା ବେଳେ ତାଙ୍କର ୭୯ ବର୍ଷୀୟା ପତ୍ନୀ ପ୍ଲେୟଭିଆନା ନଜାରତ ବିଷ ପିଇ ପ୍ରାଣ ହରାଇଛନ୍ତି। ଏହି ଦମ୍ପତି ସାଇବର ଠକଙ୍କ ଦ୍ୱାରା ସେମାନଙ୍କ କଷ୍ଟ ଅର୍ଜିତ ୫୦ ଲକ୍ଷରୁ ଅଧିକ ଟଙ୍କା ହରାଇଥିବା ଜାଣିବା ପରେ ହତୋତ୍ସାହିତ ହୋଇ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। କାରଣ ଆତ୍ମହତ୍ୟା କରିବା ପୂର୍ବରୁ ସେମାନେ ଯାହାକିଛି ଲେଖିଯାଇଛନ୍ତି ସେଥିରୁ ଏହା ସ୍ପଷ୍ଟ ହୋଇଛି। ସାଇବର ଠକମାନେ ସେମାନଙ୍କୁ କିଭଳି ଧମକ ଦେଇଥିଲେ ଏବଂ ଏହାଦ୍ୱାରା ସେମାନେ କିଭଳି ଭୟଭୀତ ହୋଇପଡ଼ିଥିଲେ ତାହା ଆତ୍ମହତ୍ୟା ନୋଟ୍‌ରେ ଉଲ୍ଲେଖ କରାଯାଇଛି।



ମିଳିଥିବା ଖବର ଅନୁସାରେ, ସାଇବର ଠକମାନେ ନିଜକୁ ଦିଲ୍ଲୀ କ୍ରାଇମ୍ ବ୍ରାଞ୍ଚ ଅଧିକାରୀ ପରିଚୟ ଦେଇ ଏହି ଦମ୍ପତିଙ୍କୁ ଭିଡିଓ କଲ୍ ମାଧ୍ୟମରେ ଧମକ ଦେଇ ଡରାଇବା ଆରମ୍ଭ କରିଥିଲେ।ଦମ୍ପତିଙ୍କ ମୋବାଇଲ ନମ୍ବର ଓ ପରିଚୟ ପ୍ରମାଣପତ୍ର ଅନୁଯାୟୀ ସେମାନେ ଅପରାଧିକ ମାମଲାରେ ଜଡ଼ିତ ରହିଥିବା କହିଥିଲେ। ଏହି ଅଭିଯୋଗରୁ ମୁକ୍ତି ପାଇବା ପାଇଁ ସେମାନେ ପ୍ରଥମେ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ମହାରାଷ୍ଟ୍ର ସଚିବାଳୟରେ କାର୍ଯ୍ୟ କରି ଅବସର ନେଇଥିବା ଏହି ଦମ୍ପତି ପ୍ରଥମେ କିଛି ଟଙ୍କା ଦେଇଥିଲେ। କିନ୍ତୁ ଏହା ପରେ ଠକମାନେ ଲଗାତାର ଧମକ ଦେଇ ଅଧିକ ଟଙ୍କା ଆଦାୟ କରିଚାଲିଥିଲେ। ଯେଉଁଥିରେ ସେମାନେ ୫୦ ଲକ୍ଷରୁ ଅଧିକ ଟଙ୍କା ହରାଇଥିଲେ। ଏହି ଦମ୍ପତିଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ସେମାନେ ଏହି ବିଷୟକୁ କାହାକୁ ନ କହି ନିଜେ ମୁକାବିଲା କରିବାକୁ ଉଦ୍ୟମ କରିଥିଲେ। ତେବେ ଏହି ଦମ୍ପତିଙ୍କ ମୃତ୍ୟୁ ପରେ ଏହାକୁ ହତ୍ୟାକାଣ୍ଡ ବୋଲି ପ୍ରଥମେ ସନ୍ଦେହ କରାଯାଇଥିଲା। କେହି ଧନ ଲୋଭରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରିଥାଇପାରେ ବୋଲି ବିବେଚନା କରାଯାଇଥିଲା। କିନ୍ତୁ ତଦନ୍ତ ବେଳେ ପୁଲିସ ଘଟଣାସ୍ଥଳରୁ ଆତ୍ମହତ୍ୟା ନୋଟ୍ ଉଦ୍ଧାର କରିବା ସହ ଦମ୍ପତିଙ୍କ ମୋବାଇଲ ରେକର୍ଡ ଯାଞ୍ଚ କରିବା ପରେ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଛି।

## ଅଣ୍ଡା ଓ ଜୁସ୍ ବିକାଳିଙ୍କୁ କୋଟି କୋଟି ଟଙ୍କାର ଜିଏସଟି ନୋଟିସ୍

ନୂଆଦିଲ୍ଲୀ,୨୯।୩(ଏଜେନ୍ସି): ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ରାସ୍ତାକଡ଼ ଦୋକାନୀଙ୍କୁ କୋଟି କୋଟି ଟଙ୍କାର ଜିଏସଟି ନୋଟିସ୍ ପଠାଯିବା ଖବର ଏବେ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଧ୍ୟପ୍ରଦେଶରେ ଣେ ଅଣ୍ଡା ବିକାଳିଙ୍କ ନିକଟକୁ କୋଟି କୋଟି ଟଙ୍କାର ଜିଏସଟଇ ନୋଟିସ୍ ଆସିଥିଲା ବେଳେ ଉତ୍ତରପ୍ରଦେଶରେ ଜୁସ୍ ବିକ୍ରି କରୁଥିବା ଜଣେ ରାସ୍ତାକଡ଼ ଦୋକାନୀଙ୍କୁ ବି ଆୟକର ବିଭାଗ ପକ୍ଷରୁ ସମାନ ନୋଟିସ ଜାରି କରାଯାଇଛି। ଏହି ଦୁଇ ଛୋଟ ବ୍ୟବସାୟୀ ସେମାନଙ୍କ ପରିବାର ପାଇଁ ଏକମାତ୍ର ଆୟକାରୀ ବ୍ୟକ୍ତି ହୋଇଥିବାରୁ ଏଭଳି ନୋଟିସ୍ ପାଇଁ ଶଙ୍କାକୁଳ ହୋଇପଡ଼ିଥିବା କହିଛନ୍ତି। ମିଳିଥିବା ଖବର ଅନୁସାରେ ମଧ୍ୟପ୍ରଦେଶର ଦାମୋହ ଜିଲ୍ଲାରେ ପ୍ରିନ୍ସ ସୁମନ ନାମକ ବ୍ୟକ୍ତି ଅଣ୍ଡା ବିକ୍ରି କରି ନିଜ ପରିବାରର ଗୁଜରାଣ ମେଣ୍ଟାଇ ଥାଆନ୍ତି। କିନ୍ତୁ ଅଚାନକ ଭାବେ ତାଙ୍କ ନିକଟକୁ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ୍ ଆସିବା ସହିତ ସେ ବର୍ଷକୁ ୫୦ କୋଟି ଟଙ୍କାର ବ୍ୟବସାୟ କରୁଥିବା ଏବଂ ଏହାକୁ ନେଇ ତାଙ୍କ ଉପରେ ୬ କୋଟି ଟଙ୍କା ଜଏସଟି ବକେୟା ରହିଥିବା ଦର୍ଶାଯାଇଥିଲା। ଏପରିକି ଦିଲ୍ଲୀରେ 'ପ୍ରିନ୍ସ ଏଣ୍ଟରପ୍ରାଇଜ୍' ନାମରେ ଏକ କମ୍ପାନୀ ଚାଲୁଥିବା ବେଳେ ଏହି କମ୍ପାନୀ ୨୦୨୨ରେ ସୁମନଙ୍କ ନାମରେ ପଞ୍ଜିକୃତ ହୋଇଥିବା କୁହାଯାଇଥିଲା। ଏହି କମ୍ପାନୀ ଚମଡ଼ା ସାମଗ୍ରୀ ଠାରୁ ଆରମ୍ଭ କରି କାଠ ସାମଗ୍ରୀ ଏବଂ ଲୁହା କାରବାର କରେ ବୋଲି ସୁମନଙ୍କୁ ପଠାଯାଇଥିବା ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ସୁମନ ତାଙ୍କ



ଛୋଟିଆ ସହରରେ ଠେଲା ଗାଡ଼ିରେ କେବଳ ଅଣ୍ଡା ବିକ୍ରି କରନ୍ତି ବୋଲି କହିଛନ୍ତି। ତାଙ୍କ ବାପା ଏକ ଛୋଟ କିରାନା ଦୋକାନ କରିଥିଲା ବେଳେ ବାର୍ଷିକ ୫୦ କୋଟି ଟଙ୍କାର କାରବାରକୁ ନେଇ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯଦି ତାଙ୍କ ପରିବାର ୫୦ କୋଟି ଟଙ୍କାର କାରବାର କରୁଥାଆନ୍ତା ତେବେ ସେମାନଙ୍କ ସର୍ବନିମ୍ନ ଆବଶ୍ୟକତା ପାଇଁ ସେମାନେ କାହିଁକି ସଂଗ୍ରାମ କରୁଥାଆନ୍ତେ ବୋଲି ସୁମନଙ୍କ ବାପା ପ୍ରଶ୍ନ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର ମହମ୍ମଦ ରହିସ୍‌ଙ୍କୁ ୭.୫ କୋଟି ଟଙ୍କାର ଜିଏସଟି ନୋଟିସ୍ ଆସିଥିବାରୁ ତାଙ୍କ ପରିବାର ମଧ୍ୟ ବିସ୍ମିତ ହୋଇପଡ଼ିଛନ୍ତି।

## ଶୋଇଥିବା ଅବସ୍ଥାରେ ବାୟୁସେନା ମୁଖ୍ୟ ଇଞ୍ଜିନିୟରଙ୍କୁ ଗୁଳିକରି ହତ୍ୟା



ପ୍ରୟାଗରାଜ,୨୯।୩(ଏଜେନ୍ସି): ବାୟୁସେନାର ଜଣେ ମୁଖ୍ୟ ଇଞ୍ଜିନିୟରଙ୍କୁ ଶୋଇଥିବା ଅବସ୍ଥାରେ ପ୍ରୟାଗରାଜରେ ଗୁଳିକରି ହତ୍ୟା କରାଯାଇଛି। ଶନିବାର ସକାଳେ ପ୍ରୟାଗରାଜର ଅତ୍ୟନ୍ତ ସୁରକ୍ଷିତ ଅଞ୍ଚଳରେ ଏଭଳି ଜଘନ୍ୟକାଣ୍ଡ ଘଟିଛି। ମୃତ ଇଞ୍ଜିନିୟର ଜଣକ ହେଲେ ୫୦ ବର୍ଷୀୟ ସତ୍ୟେନ୍ଦ୍ର ନାଥ ମିଶ୍ର ଏବଂ ତାଙ୍କ ଘର ବିହାରର ରୋହତକ୍ ଜିଲ୍ଲାରେ । ମିଳିଥିବା ଖବର ଅନୁସାରେ ସତ୍ୟେନ୍ଦ୍ର ପ୍ରୟାଗରାଜସ୍ଥିତ ବାମରୌଲୀ ଏୟାରଫୋର୍ସ କଲୋନୀରେ ରୁହନ୍ତି। ସେ ଶୋଇଥିଲା ବେଳେ ଶନିବାର ଭୋର ପ୍ରାୟ ୪ଟା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ଝରକା ପଟୁ ଗୁଳି କରିଥିଲା। ଗୁଳି ଶବ୍ଦ ଶୁଣି ପରିବାର ଲୋକଙ୍କ ସମେତ ପଡୋଶୀ ତୁରନ୍ତ ଦୌଡି ଆସିଥିଲେ। ସତ୍ୟେନ୍ଦ୍ରଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଛାତିରେ ଗୁଳି ବାଜିଥିଲା ବେଳେ ପ୍ରବଳ ରକ୍ତସ୍ରାବ ଯୋଗୁ ମୃତ୍ୟୁ ହୋଇଥିବା ଡାକ୍ତରମାନେ କହିଥିଲେ। ହେଲେ କିଏ ଏବଂ କାହିଁକି ତାଙ୍କୁ ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ। ହତ୍ୟାକାରୀ ସଂପୃକ୍ତ କଲୋନୀର ପାଚେରି ଡେଇଁ ସତ୍ୟେନ୍ଦ୍ରଙ୍କ ବାସଭବନରେ ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଏବେ ଅଭିଯୁକ୍ତକୁ ଧରିବା ଲାଗି ପୁଲିସ କାର୍ଯ୍ୟ ଆରମ୍ଭ କରିଥିବା କୁହାଯାଇଛି।

## ୱାକ୍‌ଫ ବିଲ୍‌କୁ ନେଇ ଚନ୍ଦ୍ରବାବୁ ନିରବ

ବିଜୟୱାଡ଼ା, ୨୯।୩: ବିବାଦୀୟ ୱାକଫ୍ ସଂଶୋଧନ ବିଲକୁ ନେଇ ଦେଶବ୍ୟାପୀ ମୁସଲିମ ସଂଗଠନଗୁଡ଼ିକ ପ୍ରତିବାଦ ସଭା ଚଳାଇଥିବା ବେଳେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଡ଼ୁ କହିଛନ୍ତି ଯେ ତାଙ୍କ ସରକାର ୱକଫ୍ ସଂପତ୍ତିର ସୁରକ୍ଷା ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିବ। କିନ୍ତୁ ୱାକଫ୍ ବିଲ୍ ସଂପର୍କରେ ସେ କିଛି କହି ନାହାନ୍ତି। ବିଜୟୱାଡ଼ାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଇଫତାର ଭୋଜି ସଭାରେ ଉଦବୋଧନ ଦେଇ ଚନ୍ଦ୍ରବାବୁ କହିଲେ ଯେ ରାଜ୍ୟରେ ସାଂପ୍ରଦାୟିକ ସଦଭାବ ବଜାୟ ରଖାଯିବ। ତାଙ୍କ ସରକାର ମୁସଲିମମାନଙ୍କ ସହିତ ରହିଛି ଏବଂ ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବାକୁ ସଂକଳ୍ପବଦ୍ଧ।

ଅନ୍ୟପକ୍ଷରେ ଅନେକ ମୁସଲିମ ସଂଗଠନ ୱାକଫ୍ ସଂଶୋଧନ ବିଲକୁ ବିରୋଧ କରି ନାଇଡୁଙ୍କ ଇଫତାର ଭୋଜିସଭାକୁ ବର୍ଜନ କରିଥିଲେ। ବିଲକୁ ଚନ୍ଦ୍ରବାବୁ ବିରୋଧ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ସାଂସଦ ଅସଦୁଦ୍ଦିନ ଓୱେସି କହିଛନ୍ତି ଯେ ଚନ୍ଦ୍ରବାବୁ ଏବଂ ନୀତୀଶ କୁମାର ଚାହିଁଲେ ୱାକଫ୍ ବିଲ୍ ଅଟକିଯିବ। ସେମାନେ ଏଭଳି ମୁସଲିମ ବିରୋଧୀ ବିଲକୁ ସମର୍ଥନ କଲେ ମୁସଲିମ ସମାଜ ସେମାନଙ୍କୁ କ୍ଷମା ଦେବେନାହିଁ। ଇତିମଧ୍ୟରେ ବିଭିନ୍ନ ମୁସଲିମ ସଂଗଠନ ଆସନ୍ତା ୨ ତାରିଖରେ ବିଜୟୱାଡ଼ାରେ ୱାକଫ୍ ବିଲ ବିରୋଧରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି।



ଜେଲେଁସ୍କିଙ୍କ ବିବାଦୀୟ ବୟାନ

## ଆମେରିକାର ୬୬ ବିଲିୟନ ଡଲାର ସହାୟତା ଋଣ ନୁହେଁ

କିଭ୍,୨୯।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ନେବା ପରେ ତାଙ୍କ ପୂର୍ବ ପ୍ରତିଶ୍ରୁତି ଅନୁସାରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ବାଇଡେନଙ୍କ କାର୍ଯ୍ୟକାଳରେ ୟୁକ୍ରେନକୁ ଆମେରିକା ଯୋଗାଇ ଦେଇଥିବା ୬୬ ବିଲିୟନ ଡଲାରର ସହାୟତାକୁ ସେ ଋଣ ଭାବେ ଦାବି କରିବା ସହିତ ଏଥିପାଇଁ ୟୁକ୍ରେନରୁ ଖଣିଜ ସାମଗ୍ରୀ ନେବାକୁ ରାଷ୍ଟ୍ରପତି ଜେଲେଁସ୍କିଙ୍କ ସହ ଆଲୋଚନା କରିଥିଲେ। ଏହିକ୍ରମରେ ଜେଲେଁସ୍କି ଆମେରିକା ଗସ୍ତ କରି ଟ୍ରମ୍ପଙ୍କ ସହ ଆଲୋଚନା କରିଥିଲା ବେଳେ ହ୍ୱାଇଟ୍ ହାଉସରେ ଯେଭଳି ସ୍ଥିତି ଉପୁଜିଥିଲା ତଦ୍ୱାରା ଖଣିଜ ଚୁକ୍ତି ବୁଝାମଣା ସ୍ୱାକ୍ଷରିତ ହୋଇପାରି ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆମେରିକା ନେତୃତ୍ୱରେ ଯୁଦ୍ଧ ବିରତି ପାଇଁ ଆଲୋଚନ ଜାରି ରହିଥିଲା। ହେଲେ ରାଷ୍ଟ୍ରପତି ଜେଲେଁସ୍କି ଆମେରିକାର ସହାୟତାକୁ ନେଇ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ଟ୍ରମ୍ପଙ୍କୁ କ୍ଷୁବ୍ଧ କରିବା ସହିତ ଯୁଦ୍ଧ ବିରତି ପ୍ରୟାସକୁ ପ୍ରଭାବିତ କରିବାର ଆଶଙ୍କା ବଢାଇଛି। ଆମେରିକା ଦେଇଥିବା ୬୬ ବିଲିୟନ ଡଲାରର ସହାୟତା ଋଣ ନୁହେଁ ବୋଲି ଜେଲେଁସ୍କି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆମେରିକା ସେନା ସହାୟତା ଭାବେ ୟୁକ୍ରେନକୁ ଯେଉଁ ଅର୍ଥ ଦେଇଛି ତାହାକୁ ଆମେ ଋଣ ଭାବେ ଗ୍ରହଣ କରୁନାହୁଁ ବୋଲି ଜେଲେଁସ୍କି ଦୃଢୋକ୍ତି କରିବା ପରେ ଏବେ ବିଭିନ୍ନ ମହଲରେ ପୁଣି ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ବିଶେଷକରି ଯୁଦ୍ଧ ବନ୍ଦ ଲାଗି ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଉଦ୍ୟମ କରୁଛନ୍ତି ତାହା ଆଗାମୀ ଦିନରେ ଫସରଫାଟି ଯିବ ବୋଲି ଆଶଙ୍କା ବଢିଛି। ଏହାବ୍ୟତୀତ ଜେଲେଁସ୍କି ଟ୍ରମ୍ପଙ୍କୁ ଛାଡି ବର୍ତ୍ତମାନ ରୁଷ ରାଷ୍ଟ୍ରପତି ପୁତିନଙ୍କ ସହ ଆଲୋଚନା କରିବାକୁ ଜୋର ଦେଉଥିବାରୁ ତାହା ମଧ୍ୟ ଭିନ୍ନ ପରସ୍ଥିତି ସୃଷ୍ଟି କରିଥିବା କୁହାଯାଉଛି।



ଶରତ କମଲ୍‌ଙ୍କ ଅବସର

▶ପୃଷ୍ଠା ୧୩ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-271 •BHUBANESWAR •SUNDAY •30 MARCH 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୭୧ •ଭୁବନେଶ୍ୱର •ରବିବାର •୩୦ ମାର୍ଚ୍ଚ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦ (ସିନ୍ଦୂରା ସହ)




# ହାହାକାର

## ୧୦,୦୦୦ ଟପିବ ଭୂକମ୍ପ ମୃତ୍ୟୁସଂଖ୍ୟା !

**୫.୧ ତୀବ୍ରତାର ପଶ୍ଚାତ୍‌ଘାତ**

### ୧୬୪୪ ମୃତଦେହ ଉଦ୍ଧାର; ଧ୍ୱଂସାବଶେଷ ତଳେ ଶତାଧିକ ଲୋକ

### ରିଲିଫ୍ ସାମଗ୍ରୀ ସହ ୮୦ ଜଣିଆ ଏନ୍‌ଡିଆରଏଫ ଟିମ୍ ପଠାଇଲା ଭାରତ

■ **ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ଭୂକମ୍ପର ବିଶାଳ ଝଟ୍‌କାରେ ଦୋହଲିଯାଇଥିବା ମ୍ୟାଁମାର୍ ଓ ଥାଇଲାଣ୍ଡର ପୀଡ଼ିତ ଜନତା ତ୍ରାହିତ୍ରାହି ଡାକୁଥିବା ବେଳେ ଆଜି ୫.୧ ତୀବ୍ରତାର ପଶ୍ଚାତ୍‌ଘାତ (ଭୂକମ୍ପ ପରବର୍ତ୍ତୀ କମ୍ପନ) ଜନମାନସରେ ଭୟ ସଞ୍ଚାର କରିଛି। ଗତକାଲି ହୋଇଥିବା ୭.୭ ତୀବ୍ରତାର ଭୂକମ୍ପରେ ଶନିବାର ସୁଦ୍ଧା ୧୬୪୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବେଳେ ୨୫୦୦ରୁ ଅଧିକ ଆହତ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ବହୁ ସଂଖ୍ୟକ ଅଟ୍ଟାଳିକା ତଳେ ଅନେକ ଲୋକ ଚାପିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ୧୦ ହଜାର ଟପିପାରେ ବୋଲି ପ୍ରାଥମିକ ଭାବେ ଆକଳନ କରାଯାଉଛି। ଭୂକମ୍ପର କେନ୍ଦ୍ରସ୍ଥଳ ମ୍ୟାଁମାରର ଦ୍ୱିତୀୟ ବୃହତ ସହର ମାଣ୍ଡାଲେ ରହିଥିଲା ବେଳେ ଏହି ସହର ସମେତ ଏହାର ଆଖପାଖ ଅଞ୍ଚଳରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ହୋଇଛି। କେବଳ ମ୍ୟାଁମାର ନୁହେଁ, ଭୂକମ୍ପ ପ୍ରଭାବରେ ୯୦୦ କିମି ଦୂର ଥାଇଲାଣ୍ଡର ବିଭିନ୍ନ ସହର ମଧ୍ୟ ଭୀଷଣ କ୍ଷତିଗ୍ରସ୍ତ ହେବା ସହିତ ଏଠାରେ ମଧ୍ୟ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ଭୂକମ୍ପ ପରବର୍ତ୍ତୀ ଅବସ୍ଥାରେ ଖାଦ୍ୟ-ପାନୀୟ ବିନା ପ୍ରଭାବିତ ଅଞ୍ଚଳରେ ହାହାକାର ପଡ଼ିଛି। ବିଦ୍ୟୁତ ନାହିଁ। ପାଣି ଯୋଗାଣ ଠପ୍। ଫୋନ୍ ନାହିଁ କି ଇଣ୍ଟରନେଟ୍ ନାହିଁ। ଅନେକ ସ୍ଥାନରେ ଭଗ୍ନାବଶେଷ ତଳୁ ଏବେ ବି ଶୁଭୁଛି ଆର୍ତ୍ତଚିତ୍କାର। ବିପର୍ଯ୍ୟୟ ସମୟରେ ସହାୟତାର ହାତ ବଢ଼ାଇଥିବା ଭାରତ ସମେତ ଦେଶବିଦେଶର ଉଦ୍ଧାରକାରୀ ଦଳ ଧ୍ୱଂସସ୍ତୂପ ତଳୁ ଜୀବନ ଖୋଜିବା ସହ ପୀଡ଼ିତମାନଙ୍କୁ ଚିକିତ୍ସା ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଉଛନ୍ତି। ରିଲିଫ୍ ସାମଗ୍ରୀ ସହ ଭାରତରୁ ୮୦ ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍ ▶ପୃଷ୍ଠା-୭

# ଜୀବନସାଥୀ ଖୋଜି ହରାଇଲେ ୬ କୋଟି

■ **ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ଜୀବନ ସାଥୀ ଖୋଜୁ ଖୋଜୁ ଦିଲ୍ଲୀର ଜଣେ ବ୍ୟକ୍ତି କିଭଳି ଜୀବନବ୍ୟାପୀ ସଞ୍ଚୟ କରିଥିବା ୬ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି ତାହାର ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ନୋଏଡାରେ ରହୁଥିବା ଦଲଜିତ୍ ସିଂହ ନାମକ ଜଣେ ବ୍ୟକ୍ତି ପୂର୍ବରୁ ନିଜ ପତ୍ନୀଙ୍କୁ ଛାଡ଼ପତ୍ର ଦେଇଥିଲା ବେଳେ ବାକି ଜୀବନ ପାଇଁ ଜଣେ ଜୀବନସାଥୀ ଖୋଜିବାକୁ ଡେଟିଂ ଆପ୍‌ର ସହାୟତା ନେଇଥିଲେ। ଗତବର୍ଷ ଏହି ଆପ୍ ମାଧ୍ୟମରେ ଅନୀତା ନାମ୍ନୀ ଜଣେ ତରୁଣୀ ସହ ସମ୍ପର୍କରେ ଆସିବା ପରେ ସେମାନଙ୍କ ଭିତରେ ସମ୍ପର୍କ ବଢ଼ିଥିଲା। ଅନୀତା ନିଜକୁ ହାଇଦରାବାଦ୍‌ର ବୋଲି କହିଥିଲେ। ଦଲଜିତ୍ ଦିଲ୍ଲୀସ୍ଥିତ ଏକ କମ୍ପାନୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲା ବେଳେ କିଛି ଦିନର ସମ୍ପର୍କ ପରେ ଅନୀତା ତାଙ୍କୁ କିଛି କମ୍ପାନୀରେ ନିବେଶ କରିବାକୁ କହିଥିଲେ। ଏହିସବୁ କମ୍ପାନୀରେ ନିବେଶ କଲେ ପ୍ରଚୁର ଲାଭ ମିଳିବ ବୋଲି ଅନୀତା ଦଲଜିତ୍‌ଙ୍କୁ କହିଥିଲେ। ସେହି ଅନୁସାରେ ଦଲଜିତ୍ ଏକ କମ୍ପାନୀରେ ପ୍ରଥମେ ୩.୨ ଲକ୍ଷ ଟଙ୍କା ନିବେଶ କରି ମାତ୍ର କିଛି ଘଣ୍ଟା ମଧ୍ୟରେ ୨୪ ହଜାର ଟଙ୍କା ଲାଭ ପାଇଥିଲେ। ଏହି ଲାଭରୁ ତତ୍‌କ୍ଷଣାତ୍ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୮ ହଜାର ଟଙ୍କା ଜମା ହୋଇଥିଲା ବେଳେ ଦଲଜିତ୍‌ଙ୍କ ବିଶ୍ୱାସ ଦ୍ୱିଗୁଣିତ ହୋଇଥିଲା ଏବଂ ଅନୀତା ତାଙ୍କର ଜଣେ ଶୁଭାକାଂକ୍ଷୀ ବୋଲି ସେ ଧରିନେଇଥିଲେ। ଏହାପରେ ଅନୀତାଙ୍କ କଥା ଅନୁସାରେ ଦଲଜିତ୍ ତାଙ୍କ ଜୀବନକାଳ ମଧ୍ୟରେ ଆୟ କରିଥିବା ପ୍ରାୟ ୪.୫ କୋଟି ଟଙ୍କା ନିବେଶ କରିଦେଇଥିଲେ। କେବଳ ସେତିକି ନୁହେଁ, ପରେ ପରେ ସେ ୨ କୋଟି ଟଙ୍କା ଋଣ କରି ମଧ୍ୟ ଅନୀତା କହିଥିବା କମ୍ପାନୀଗୁଡିକରେ ନିବେଶ କରିଦେଇଥିଲେ। କିନ୍ତୁ ପରେ ପରେ ଦଲଜିତ୍ ତାଙ୍କ ଟଙ୍କା ଉଠାଇବାକୁ ▶ପୃଷ୍ଠା-୭

# ପୁଣି ଅଟକାଇଲା ପୁଲିସ

## ବିଧାନସଭା ପରିସରକୁ ଯାଇପାରିଲେନି ନିଲମ୍ବିତ କଂଗ୍ରେସ ବିଧାୟକ

- ପ୍ରତିବାଦରେ ବିଧାନସଭା ଫାଟକ ସମ୍ମୁଖରେ ଧାରଣାଦେଲେ
- ତାତିରେ ଅସୁସ୍ଥ ବିଧାୟକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଡାକ୍ତର
- ରାଜ୍ୟ ସରକାର ସାମ୍ବିଧାନିକ ଅଧିକାର ଛଡ଼ାଇ ନେବାକୁ ଚାହୁଁଛନ୍ତି: କାଡ଼ାମ
- ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲା କଂଗ୍ରେସ ପ୍ରତିନିଧି ଦଳ



■ **ଭୁବନେଶ୍ୱର, ୨୯।୩ (ସମିସ):** ନିଲମ୍ବିତ କଂଗ୍ରେସ ବିଧାୟକ ଏବଂ ରାଜ୍ୟ ସରକାର ମଧ୍ୟରେ ଚାଲିଥିବା ଛକାପଞ୍ଝା ଥମିବାର ନାମ ଧରୁନାହିଁ। ଶନିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସହ ଅନ୍ୟ କଂଗ୍ରେସ ବିଧାୟକ ବିଧାନସଭା ଭିତରକୁ ପ୍ରବେଶ ଉଦ୍ୟମ କରୁଥିବା ବେଳେ ପୁଣିଥରେ ପୁଲୁସି ସେନାନଙ୍କ ପଥ ଅବରୋଧ କରିଥିଲା। ଫଳରେ କାଡାମଙ୍କ ସମେତ ୩ ଜଣ ବିଧାୟକ ଡହଡହ ଖରାରେ ବିଧାନସଭା ଫାଟକ ସମ୍ମୁଖରେ ପ୍ରାୟ ୨ ଘଣ୍ଟା ଧରି ଧାରଣାରେ ବସି ରହିଥିଲେ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିବା ଜଣାପଡ଼ିଛି। ଅପରପକ୍ଷେ ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ପ୍ରବଳ ଅସନ୍ତୋଷ ଜାହିର୍ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ଆମକୁ ବିଧାନସଭା ଗୃହ ଭିତରେ ପ୍ରବେଶ କରିବାରେ ନିଲମ୍ବିତ କରାଯାଇଛି। ମାତ୍ର ବିଧାୟକ ଭାବେ ବିଧାନସବା ପରିସର କରିବାର ଅଧିକାର ଆମର ରହିଛି। ଲୋକ ପ୍ରତିନିଧି ଆଇନ ଅନୁଯାୟୀ ସମ୍ବିଧାନ ଆମକୁ ଏ ଅଧିକାର ଦେଇଛି। ମାତ୍ର ରାଜ୍ୟ ସରକାର ଆମର ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେବାକୁ ଚାହୁଁଛନ୍ତି। ଦିନ ଦ୍ୱିପ୍ରହରରେ ଗଣତନ୍ତ୍ରର ହତ୍ୟା କରିଛନ୍ତି। ଏହାଠାରୁ ଆଉ ଦୁର୍ଭାଗ୍ୟଜନକ ଘଟଣା କଣ ହୋଇପାରେ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନିଲମ୍ବନ ଓ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆଜି କଂଗ୍ରେସ ପ୍ରତିନିଧି ଦଳ ରାଜଭବନରେ ରାଜ୍ୟପାଳ ହରି ବାବୁ କମ୍ଭମ୍‌ପାଟିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବିଧାନସଭା ଭିତରୁ ଓ ବାହାରୁ ଶନିବାର ଦୁଇଟି ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ଗୃହଭିତରେ ସ୍ୱାଭାବିକ ଭାବେ ପ୍ରଶ୍ନକାଳ ଚାଲିଥିବା ବେଳେ ଅନ୍ୟଟିରେ ବିଧାନସଭା ଗେଟ ସମ୍ମୁଖରେ ଗୃହରୁ ନିଲମ୍ବିତ ▶ପୃଷ୍ଠା-୭

### ଗୁମର ଖୋଲିଲା ବାଂଲାଦେଶୀ ହାସିମ୍

# ୩୫ ହଜାର ଟଙ୍କା ଦେଲେ ଅନୁପ୍ରବେଶ



■ **ଭୁବନେଶ୍ୱର, ୨୯।୩ (ସମିସ):** ବିନା ଭିସା ଓ ପାସ୍‌ପୋର୍ଟରେ ଭାରତରେ ଅନୁପ୍ରବେଶ କରି ଧରାପଡ଼ିଥିବା ବାଂଲାଦେଶୀ ଏଜେଣ୍ଟ ମହମ୍ମଦ ହାସିମ୍ ଚାଞ୍ଚଲ୍ୟକର ଖୁଲାସା କରିଛି। ଦୁଇଦିନିଆ ରିମାଣ୍ଡରେ ତା'ଠାରୁ ଏସ୍‌ଟିଏଫ୍ ଅତି ସାଂଘାତିକ ତଥ୍ୟ ହାସଲ କରିଛି। ମାତ୍ର ୩୫ ହଜାର ଟଙ୍କା ନେଇ ଜଗଦୀଶ ଦାସ ନାମକ ଜଣେ ଦଲାଲ ଅତି ସହଜରେ ବାଂଲାଦେଶୀ ନାଗରିକଙ୍କୁ ଭାରତରେ ଅନୁପ୍ରବେଶ କରାଉଛି। ସେହିପରି ପ୍ରତ୍ୟାବର୍ତ୍ତନ ପାଇଁ ସେ ବାଂଲାଦେଶ ନାଗରିକଙ୍କଠାରୁ ୩୦ ହଜାର ଟଙ୍କା ନେଉଛି। ଏହାଠାରୁ ଆହୁରି ଉଦ୍‌ବେଗଜନକ କଥା ହେଲା ଯେ ଗତ ଦୁଇ ବର୍ଷ ମଧ୍ୟରେ ଜଗଦୀଶ ଜରିଆରେ ୫୦ରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଦିଲ୍ଲୀ, ବେଙ୍ଗାଲୁରୁରେ ରହି ଆସୁଛନ୍ତି। ହାସିମ୍ ବାଂଲାଦେଶରୁ ଲୋକ ଯୋଗାଡ଼ କରୁଥିବା ବେଳେ ଜଗଦୀଶ ସେମାନଙ୍କୁ ଆସାମର ଡୁବୁରୀ ବର୍ଡର୍ ପାର୍ କରାଇ ଭାରତରେ ପ୍ରବେଶ କରାଉଥିଲା। ଏହି ଚାଞ୍ଚଲ୍ୟକର ତଥ୍ୟ ମିଳିବା ପରେ ଏସ୍‌ଟିଏଫ୍‌ର ୩ଟି ଟିମ୍ ଦିଲ୍ଲୀ, ଆସାମ ଓ ବେଙ୍ଗାଲୁରୁ ଅଭିମୁଖେ ଯାଇଛନ୍ତି। ସେହିପରି ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୧୦ ଅନୁପ୍ରବେଶକାରୀଙ୍କ ଅସଲ ପରିଚୟ ଓ ସେମାନଙ୍କ ଅପରାଧୀଙ୍କ ପୃଷ୍ଠଭୂମି ଉପରେ ତଥ୍ୟ ଦେବାକୁ ଏସ୍‌ଟିଏଫ୍

### ସୀମାରେ ଲୁଚିଛି ଦଲାଲ୍ ଜଗଦୀଶ

### ଦିଲ୍ଲୀ ଓ ବେଙ୍ଗାଲୁରୁରେ ଶରଣ ନେଇଛନ୍ତି ୪୦ରୁ ୫୦ ବାଂଲାଦେଶୀ

ବାଂଲାଦେଶର ହାଇକମିସନର୍‌ଙ୍କୁ ଚିଠି ଲେଖିଛି। ସେହିପରି ଏହି ଅନୁପ୍ରବେଶର ମାଷ୍ଟରମାଇଣ୍ଡ ଜଗଦୀଶଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଆସାମ ଓ ବାଂଲାଦେଶ ସୀମାନ୍ତରେ ଛାନ୍‌ଭିନ୍ ଆରମ୍ଭ କରିଥିବା ଏସ୍‌ଟିଏଫ୍ ଏସ୍‌ପି ରବିନାରାୟଣ ଶତପଥୀ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### କେନ୍ଦ୍ର ଅର୍ଥ ସଚିବଙ୍କ ସୂଚନା

# କ୍ଷମତା ମୁତାବକ ପ୍ରଦର୍ଶନ କରିପାରୁନି ରପ୍ତାନୀ ଇଞ୍ଜିନ




ଗତି ମନ୍ଥର କରିବ ବିଶ୍ୱ ଅର୍ଥନୀତି

■ **ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ବିଶ୍ୱ ଅର୍ଥନୀତି ନକାରାତ୍ମକ ଧାରା ଦେଇ ଗତି କରୁଛି। ଏଥିଯୋଗୁଁ ଭାରତର ରପ୍ତାନୀ ଇଞ୍ଜିନ ନିଜ କ୍ଷମତା ମୁତାବକ ପ୍ରଦର୍ଶନ କରିପାରୁ ନାହିଁ। ତେଣୁ ଏହା ମନ୍ଥର ହୋଇପାରେ ବୋଲି ଅର୍ଥ ସଚିବ ଅଜୟ ସେଠ୍ କହିଛନ୍ତି। ସେ ନୂଆଦିଲ୍ଲୀରେ ସ୍କୋଚ୍ ଗ୍ରୁପର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ମନ୍ତବ୍ୟ ଦେଇଛନ୍ତି।

ଶ୍ରୀ ସେଠ୍ କହିଛନ୍ତି ଯେ ଭାରତର ପ୍ରମୁଖ ଚାରୋଟି ବିକାଶ ଇଞ୍ଜିନ ମଧ୍ୟରୁ ରପ୍ତାନୀ ଅନ୍ୟତମ। ମାତ୍ର ଚଳିତ ବର୍ଷର ମଧ୍ୟଭାଗରେ ଏହା ଆଶାନୁଯାୟୀ ପ୍ରଦର୍ଶନ କରି ନ ପାରେ। ସେ ସୂଚନା ଦେଇ କହିଛନ୍ତି ଯେ ଚଳିତ ବର୍ଷ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିକାଶର ଚାରୋଟି ଇଞ୍ଜିନ ବାଛିଥିଲେ। ଏଗୁଡିକ ମଧ୍ୟରେ କୃଷି, ଏମ୍‌ଏସ୍‌ଏମ୍‌ଇ ଏବଂ ଉତ୍ପାଦନ, ନିବେଶ ଏବଂ ରପ୍ତାନୀ ସାମିଲ ରହିଛି। ଆମକୁ ବିଶ୍ୱ ପାଇଁ ଉତ୍ପାଦନ କରିବାକୁ ହେବ। ମାତ୍ର ବିଶ୍ୱର ଆର୍ଥିକ ସ୍ଥିତି ପ୍ରତିକୂଳ ଥିବାରୁ ଆଗାମୀ ଦିନରେ ରପ୍ତାନୀ ମନ୍ଥର ହୋଇପାରେ। ଏବେ ଆମେ ଜଟିଳ ଭୂ-ରାଜନୈତିକ ସ୍ଥିତି ଏବଂ ଆର୍ଥିକ ପରିବେଶ ଦେଇ ଗତି କରୁଛେ। ଅନ୍ୟ ଦେଶଗୁଡିକ ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ସେହି ଦେଶଗୁଡିକର ସମସ୍ୟାକୁ ଅଧିକ ଜଟିଳ କରିଦେଉଛି। ଚଳିତ ବର୍ଷର ମଧ୍ୟଭାଗରେ ଲାଗି ରହିଥିବା ଏହି ଅନିଶ୍ଚିତତା କମ୍ ହେବ ବୋଲି ଲାଗୁନାହିଁ। ତେଣୁ ଦେଶଗୁଡିକ ପ୍ରତିଯୋଗିତା ପରିବର୍ତ୍ତେ ସହଯୋଗକୁ ପ୍ରାଧାନ୍ୟ ଦେବା ଉଚିତ। ଆମେରିକା ଏହାକୁ ଅନୁଭବ କରି ନିଜ ଅର୍ଥନୀତିରେ ପରିବର୍ତ୍ତନ କରୁଛି ବୋଲି ଶ୍ରୀ ସେଠ୍ କହିଛନ୍ତି।


KALINGA INSTITUTE OF INDUSTRIAL TECHNOLOGY
KIIT DEEMED TO BE UNIVERSITY
(Established U/S 3 of UGC Act 1956), Bhubaneswar, Odisha, India

15th Among Indian Universities Ranked by NIRF, Govt. of India | A++ Grade Accredited by NAAC | Tier 1 Re-accredited by NBA All Engineering Programs for 6 Years
Special Consultative Status by the UN-ECOSOC | ABET | THE 601-800 University Ranking World University Rankings 2024 | IET

KIIT SCHOOL OF ECONOMICS AND COMMERCE
ADMISSION OPEN

Apply Now — Through the website www.kiitee.kiit.ac.in

Admission through KIITEE 2025 starts in April 2025 | No Examination Fee (Computer-Based Test)

Academic Programmes Available
- B.Com (Hons)
- BA in Economics (Hons)
- B.Sc. Economics & Data Analytics
- M.Com
- MA in Economics
- Doctor in Philosophy (PhD) Commerce
- Doctor in Philosophy (PhD) Economics

CAMPUS FACILITIES
- Visiting Faculty
- World-Class Education
- Cutting-Edge Facilities
- Supportive Environment
- Diverse Community
- Global Library

TOP RECRUITERS
highradius, Deloitte, tcs, wipro, Capgemini, accenture, leadsquared, Learning Shala, State Street, Wells Fargo, Axis Bank, IntelliPaat, Edoofa, genpact, KFINTECH, EY, L'ORÉAL, Godrej

Director, Admissions: Admission Cell, Koel Campus, Po- KIIT Bhubaneswar-751024, Odisha, India | Ph: 8080 735 735 Fax: 0674 - 2741465 | Email: admission@kiit.ac.in Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

### ପଟ୍ଟାମୁଣ୍ଡାଇରେ ବେଆଇନ ବାଲି ଖନନ

# ରାଜସ୍ୱ କ୍ଷତି ସହ ପରିବେଶ ପ୍ରତି ବିପଦ

ପଟ୍ଟାମୁଣ୍ଡାଇ,୨୯।୩ (ସମିସ):

ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଏବଂ ଆଖପାଖ ଅଞ୍ଚଳରେ ବ୍ୟାପକ ବେଆଇନ ବାଲି ଖନନ ଚାଲିଛି। ଯାହା ଫଳରେ ବ୍ୟାପକ ରାଜସ୍ୱ କ୍ଷତି ହେବା ସହିତ ପରିବେଶ ପ୍ରତି ବିପଦ ସୃଷ୍ଟି ହେଉଛି। ପ୍ରଶାସନିକ ସ୍ଥାଣୁତା ପାଇଁ ସରକାରଙ୍କ ନିର୍ଦ୍ଦେଶ ଓ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ଆଦେଶ କାର୍ଯ୍ୟକାରୀ ହେଉନି। ବାଲିମାଫିଆଙ୍କୁ ସାବାଡ୍ କରିବା ପାଇଁ ଜିଲ୍ଲାସ୍ତରରେ ସ୍କ୍ୱାର୍ଡ ଗଠନ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗୁରୁତର ଅଭିଯୋଗ ହୋଇଛି। ଏଥିନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣୀ ଯୁବକ ସଂଘ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓଡ଼ିଶା ସରକାରଙ୍କୁ ଚିଠି ଲେଖାଯାଇଥିଲା। ସଂଗଠନର ସଭାପତି ଗୌତମ ବେହେରା ଅଭିଯୋଗ କରିଥିଲେ କି ସାମ୍ପ୍ରତିକ ଖବର କାଗଜରେ ପ୍ରକାଶିତ ରିପୋର୍ଟ ଗୁଡ଼ିକ ଦର୍ଶାଉଛି ଯେ, କୌଣସି ସରକାରୀ ଅନୁମତି ବିନା ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀନଦୀ ଅବବାହିକା ଅଞ୍ଚଳରେ ଥିବା ଡିଆ ଘାଟ, ଚନ୍ଦନପୁର ଘାଟ, ଚଉଦକୁଲାଟ, ନେମାଳ ଘାଟ ଏବଂ ଅଳପୁଆ ସମେତ ବହୁ ପ୍ରମୁଖ ସ୍ଥାନଗୁଡ଼ିକରୁ ପ୍ରତିଦିନ ହଜାର ହଜାର ଟ୍ରକ ବାଲି ଲୁଟ ହେଉଛି। ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରାଙ୍କ ଦ୍ୱାରା ଦାଖଲ ଅଭିଯୋଗ ଅନୁଯାୟୀ, ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ବାଲି ମାଫିଆମାନେ ଅନିୟନ୍ତ୍ରିତ ଭାବରେ କାର୍ଯ୍ୟ କରୁଛନ୍ତି। ବେଆଇନ କାର୍ଯ୍ୟକଳାପ ଓ ବେଆଇନ ବାଲି ଚାଲଣ ପାଇଁ

**ପ୍ରଶାସନିକ ସ୍ଥାଣୁତା ପାଇଁ ବଦଳୁନି ପରିସ୍ଥିତି, ବ୍ୟାପକ ରାଜସ୍ୱ ହାନି**

ଯାହା ବାର୍ଷିକ ୩-୪ କୋଟି ଟଙ୍କାର ରାଜସ୍ୱ କ୍ଷତି କରୁଛି। ଦୈନିକ ଶହ ଶହ ସଂଖ୍ୟାରେ ଟ୍ରକ୍ ଓ ହାଇୱା ବେଆଇନ ଭାବେ ଯାତାୟାତ କରିବା ଫଳରେ ଚଉଦକୁଲାଟ-ପଟ୍ଟାମୁଣ୍ଡାଇ ବାଇପାସ୍, ଇନ୍ଦୁପୁର-ପଟ୍ଟାମୁଣ୍ଡାଇ ରାସ୍ତା ଏବଂ ବନ୍ୟାବନ୍ଧ ରାସ୍ତା ଭଳି ରାଜପଥରେ ଗୁରୁତର କ୍ଷତି ଘଟାଉଛି। ଭାରୀ ବାଲି ବୋଝେଇ ଟ୍ରକ୍ ଗୁଡ଼ିକ ରାସ୍ତାରେ ଗର୍ତ୍ତ ସୃଷ୍ଟି କରୁଛି ଏବଂ ଯାତାୟାତରେ ବାୟୁ ପ୍ରଦୂଷଣକୁ ଆହୁରି ଖରାପ କରୁଛି। ପରିବେଶବିତମାନେ ଚେତାବନୀ ଦେଇଛନ୍ତି ଯେ, ନଦୀପଠାରୁ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ବ୍ରାହ୍ମଣୀ ଜଳ ନିଷ୍କାସନ ପ୍ରଣାଳୀକୁ ଦୁର୍ବଳ କରୁଛି, ବନ୍ୟାର ଆଶଙ୍କା ବୃଦ୍ଧି କରୁଛି। ମାଫିଆଙ୍କ କାର୍ଯ୍ୟ ଯୋଗୁଁ ମାଟି କ୍ଷୟ ହେଉଛି ଏବଂ ପ୍ରାକୃତିକ ସୁରକ୍ଷା କାନ୍ଥ ନଷ୍ଟ ହେଉଛି। ଫଳରେ ସରକାର ପଥର ପ୍ୟାକିଂ ଏବଂ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି। ବାରମ୍ବାର ଜନସାଧାରଣଙ୍କ ପ୍ରତିବାଦ ସତ୍ତ୍ୱେ, ସ୍ଥାନୀୟ ପ୍ରଶାସନ, ତହସିଲ ଅଧିକାରୀ ଏବଂ ଜିଲ୍ଲା କର୍ତ୍ତୃପକ୍ଷ ପ୍ରାୟତଃ ନିରବ ରହିଛନ୍ତି। ରିପୋର୍ଟ ଅନୁଯାୟୀ ବାଲି ମାଫିଆ, ବିଳାସପୂର୍ଣ୍ଣ ଯାନରେ ଚଢ଼ି ବୁଲୁଥିବା ବେଳେ ନଦୀ ପଠାରୁ ବେଆଇନ ବାଲି ଉତ୍ତୋଳନ ସ୍ଥାନକୁ ବାହାର ଲୋକଙ୍କୁ ସେମାନଙ୍କ ଖନନ ସ୍ଥାନରେ ପ୍ରବେଶ କରିବାକୁ ବାରଣ କରିବା ପାଇଁ ଶିବିର ସ୍ଥାପନ କରି ତାଙ୍କ ଅନୁଗତମାନଙ୍କୁ ଜଗି ରହିବା କାର୍ଯ୍ୟରେ ନିଯୁକ୍ତ କରୁଥିବା ଜଣାଯାଇଛି। ଏହି ପ୍ରସଙ୍ଗର ତଦନ୍ତ କରୁଥିବା ସାମ୍ବାଦିକଙ୍କୁ ଧମକ ଦିଆଯାଇଥିବା ଉତ୍କଳମଣୀ ଯୁବକ ସଂଘ ସଭାପତି ଗୌତମ ବେହେରା କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜେସିବି ଏବଂ ଟ୍ରକ୍ ସମେତ ବେଆଇନ ଖଣିରେ ବ୍ୟବହୃତ ଉପକରଣ ତୁରନ୍ତ ଜବତ କରିବା, ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତିର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ କରିବା, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ନଜର ସମେତ କଠୋର ପ୍ରତିରୋଧକ ପଦକ୍ଷେପ ନେବା, ବାଲି ଚାଲାଣ ରୋକିବା ପାଇଁ ସ୍ଥାନୀୟ ଆଇନ ପ୍ରବର୍ତ୍ତନକୁ ଉନ୍ନତ କରାଯାଇ ଖଣି ନିୟନ୍ତ୍ରଣ ଏବଂ ଅଧିକ କ୍ଷତି ରୋକିବା ପାଇଁ ବାଲି ଘାଟଗୁଡ଼ିକର ତୁରନ୍ତ ନିଲାମ କରିବା ବିଷୟରେ ଶ୍ରୀ ବେହେରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ବେହେରା ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଅଭିଯୋଗ ଗୁଡ଼ିକୁ ସ୍ୱୀକାର କରିଛନ୍ତି ଏବଂ ପ୍ରଭାବିତ ଅଞ୍ଚଳରେ ଖୁବ୍ ଶୀଘ୍ର ଚଢ଼ଉ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତେବେ ସରକାର ବାଲି ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା ଆଖି ବନ୍ଦ କରି ରଖିବେ ସେ ବିଷୟରେ ସ୍ଥାନୀୟ ଲୋକମାନେ ସନ୍ଦେହରେ ଅଛନ୍ତି। ତେବେ ରାଜ୍ୟ ସରକାର ରାଜସ୍ୱ ଓ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ପକ୍ଷରୁ ଉତ୍କଳମଣୀ ଯୁବକ ସଂଘ ସଭାପତି ଶ୍ରୀ ବେହେରାଙ୍କ ଅଭିଯୋଗର ଶୁଣାଣି କରି ଏହି ବିଷୟରେ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ଖଣି ଓ ଇସ୍ପାତ ବିଭାଗ ଉପସଚିବଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଚିଠି ଲେଖିଥିବା ଜଣାଯାଇଛି।

## ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଶୋକସଭା

ରାଜକନିକା,୨୯।୩ (ସମିସ): ଆଳି କନିକାର ସୁଖ ଦୁଃଖର ସାଥି, ଆଳିର ପୂର୍ବତନ ବିଧାୟକ ପ୍ରିୟ ଜନନେତା ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଗତ ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମ କନିକାର କଣ୍ଡିଆହାଟ ଠାରେ ଏକ. ବିଶାଳ ଶୋକସଭା ଅନୁଷ୍ଠିତ ହୋଇ ଦିବଙ୍ଗତ ନେତାଙ୍କୁ



ସାଧାରଣରେ ସ୍ମୃତିଚାରଣ କରାଯାଇଛି। ଦୁର୍ଯୋଧନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଦେବେନ୍ଦ୍ର ଶର୍ମାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା, ଶୋକ ସଙ୍ଗୀତ, ବେଦପାଠ ପରେ ସ୍ମୃତି ଚାରଣ କରାଯାଇଥିଲା। ଏହି ବିଶାଳ ସ୍ମୃତିଚାରଣରେ ପିସିସି ସଦସ୍ୟ ବାବୁରାମ ଜେନା, ଜୋନ କଂଗ୍ରେସ ସଭାପତି ଅଜୟ ଦାସ, କମ୍ୟୁନିଷ୍ଟ ନେତା ସୁଧୀର ମହାନ୍ତି, ବିଧାନ ଦାସ, ପୂର୍ବତନ କଂଗ୍ରେସ ସଭାପତି ଶ୍ରୀନିବାସ ପ୍ରଧାନ, ମୁରଲୀଧର ନାୟକ, ବିଦ୍ୟାଧର ବରଜ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମୁରଲୀଧର ବେହେରା, ସନ୍ତୋଷ ମଳିକ, ସମିତି ସଭ୍ୟ ଶରତ ରାଉତ, ସରପଞ୍ଚ ସୀତାରାଣୀ ଦାସ, ଧିରେନ ଜେନା, ଦିବ୍ୟସିଂହ ରାଉତ, ସସ୍ମିତା ନାୟକ, ପରୀକ୍ଷିତ ପଢିହାରୀ, କଳାକାର ମାଝୀ, ଚକ୍ରଧର ପାଣ୍ଡବ, ମଧୁସୂଦନ ବାରିକ, ନିରଞ୍ଜନ ବେହେରା, ବିଦ୍ୟାଧର ଦାସ, ମିତ୍ରଭାନୁ ସାମନ୍ତସିଂହାର, ସରୋଜକାନ୍ତ ବଳ, ଶଶଧର ଦାସ, ସୂର୍ଯ୍ୟକାନ୍ତ ଦାସ, ଭଜହରି ଦାସ, କାଳନ୍ଦୀ ପରିଡା, ବ୍ରଜ କିଶୋର ରାଉତ, ମାୟାଧର ମଳିକ, ଦୁଃସାଶନ ସାହୁ, ବୃନ୍ଦାବନ ସାହୁ, ଜିତନ ଦାସ, ଜ୍ଞାନେନ୍ଦ୍ର ମଳିକ, ନୀଳମଣି ମଳିକ, ଗୋଦାବରୀଶ ଧଳ, ସାରଙ୍ଗଧର ସାହୁ, ଅଶ୍ୱନୀ ବିନ୍ଧାଣି, ରମାକାନ୍ତ ବାରିକ, କମଳ ଲୋଚନ ମହାପାତ୍ର, ନିତ୍ୟାନନ୍ଦ ସାହୁ, ପ୍ରେମାନନ୍ଦ ଦାସ, ଅଞ୍ଚଳ ମଳିକ, ତ୍ରୈଲୋକ୍ୟନାଥ ମଳିକ, ନିମାଇଁ ଚରଣ ମଳିକ, ମନୋଜ ପରିଡା, ହରେକୃଷ୍ଣ ମଳିକ, ଶିବରାମ ଦାସ, ଅଦୈତ ପ୍ରସାଦ ବାରିକ ବିଜୟ ସାମଲ, ଲୋତକବିନ୍ଦୁ ଦାସ, ପ୍ରଫୁଲ୍ଲ ସୂତାର ଓ ପ୍ରମିଳା ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦ୍ରାପଡା,୨୯।୩ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେଇଥିବା ଡକ୍ଟର ସଞ୍ଜୀବ କୁମାର ମହାନ୍ତିଙ୍କୁ ମାଇଁ ଏନ୍‌ସିସି ଆଲୁମିନି ଆସୋସିଏସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜର ଉଭୟ ଏନସିସି ବାଳକ ଓ ବାଳିକା, କ୍ୟାପଟେନ୍ ସୀମା ମହାନ୍ତି, ସିଟିଓ ସତ୍ୟରଞ୍ଜନ ମିଶ୍ର, ଆସୋସିଏସନର ସଭାପତି ପ୍ରଭାସିନୀ ସାହୁ, ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଅନୁପ କୁମାର ରାଉତ, ମିତ୍ରଭାନୁ ସାହୁ, ବର୍ଷା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ଡ. ମହାନ୍ତିଙ୍କୁ ମାଇଁ ଆଲୁମିନି ଆସୋସିଏସନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ସମାଧାନ ନିମନ୍ତେ ନିବେଦନ କରାଯାଇଥିଲା। ବିଭିନ୍ନ ଗଠନମୂଳକ କାର୍ଯ୍ୟ ଉପରେ ଆସୋସିଏସନର ସଦସ୍ୟମାନେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅନଶନ କରିବେ ଥଇଥାନରୁ ବଞ୍ଚିତ ଦଳିତ ପରିବାର

ରାଜନଗର,୨୯।୩ (ସମିସ): ବଙ୍ଗୋପସାଗର ଆଁ ମୁହଁରେ ଥିବା ରାଜନଗର ବ୍ଲକର ସାତଭାୟାବାସୀଙ୍କୁ ବଗପାଟିଆ ଠାରେ ଥଇଥାନ କରାଯାଇଛି । ୨୦୧୮ ମସିହାରେ ସାତଭାୟାର ୫୭୧ ପରିବାରଙ୍କୁ ଥଇଥାନ କରଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଚାରିଘାରିଆର ୯ ୯ ପରିବାର ସହିତ ୧୪୮ ପରିବାରଙ୍କୁ ଜାଗା ଚିହ୍ନଟ ଦିଆଯାଇଛି। ଏହା ବାଦ୍ ଆହୁରି ୨୩୫ ପରିବାର ଥାଇଥାନରୁ ବଞ୍ଚିତ ଥିବା ଅଭିଯୋଗ ହୋଇଥିଲା। ଏହି ୨୩୫ ପରିବାର ମଧ୍ୟରେ ବାଉଁଶଗଡ଼ ନଦୀ ସେପଟେ ଥିବା ମଗରକନ୍ଦା ଗାଁର ୪୦ ଦଳିତ ପରିବାର ରହିଛନ୍ତି। ଏହି ୪୯ ପରିବାର ଦୀର୍ଘ ବର୍ଷ ହେଲା ଥଇଥାନ ପାଇଁ ପ୍ରଶାସନ ନିକଟକୁ ଦୌଡ଼ିବା ସହିତ ଅନଶନରେ ବସିଥିଲେ ମଧ୍ୟ ଆଜି ଯାଏଁ ସେମାନଙ୍କୁ ଥଇଥାନ କରାଯାଇ ନାହିଁ। ଏହାକୁ ନେଇ ୪୦ ଦଳିତ ପରିବାର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ମାତ୍ର ଜଏଣ୍ଟ ଭେରିଫିକେସନ କମିଟି ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ସଠିକ ତଥ୍ୟ ପ୍ରଦାନ ସହିତ ୪୦ ପରିବାରକୁ ଥଇଥାନ କରିବା ଦାବିରେ ଏପ୍ରିଲ ୩ ତାରିଖଠାରୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଦଳିତ ଅନୁସୂଚିତ ସଂଗଠନର ସଭାନେତ୍ରୀ ସସ୍ମିତା ମଳିକ ଓ ଥଇଥାନ ଓ ପୁର୍ନବସତି ମଞ୍ଚ , ସାତଭାୟାର ଆବାହକ ଡକ୍ଟର ଧରଣୀଧର ରାଉତ ଲିଖିତ ଭାବେ ଜଣାଇଛନ୍ତି।

## ଶିକ୍ଷା ବିଭାଗ ପକ୍ଷରୁ ଇକୋ କ୍ଲବ୍ ପ୍ରଦର୍ଶନୀ

ରାଜନଗର, ୨୯।୩ (ସମିସ): ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଇକୋ କ୍ଲବ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁସାରେ ପ୍ରାଥମିକ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରଦର୍ଶନୀ କରାଯାଇଥିଲା। ୧୮ ଟି କ୍ଲଷ୍ଟରରୁ ୩୭ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବା ସହିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପ ଗୁଡିକ ମଧ୍ୟରେ ଶକ୍ତି ସଂରକ୍ଷଣ, ଜଳ



ସଂରକ୍ଷଣ, ବର୍ଜ୍ୟବସ୍ତୁ କମାଇବା, ପ୍ଲାଷ୍ଟିକ ବ୍ୟବହାର ନ କରିବା ସହିତ ପ୍ରକୃତିର ସୁରକ୍ଷା କ୍ଷେତ୍ରରେ ମାନବର କର୍ତ୍ତବ୍ୟ ଉପରେ ପ୍ରକଳ୍ପ ଗୁଡିକ ପ୍ରଦର୍ଶନ କରାଯାଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଂଜନ ଜେନା, ବିଆରସିସି ଭକ୍ତିଲତା ବାରିକ ପ୍ରମୁଖ ଯୋଗଦେଇ ୭ଜଣଙ୍କ ମଧ୍ୟରେ ଅଧିକ ନମ୍ବର ରଖିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସପରିଚାଳନା କରିଥିଲେ।

## ‘ଆମ ସଂସ୍କୃତି ଆମ ଖେଳନା’ କର୍ମଶାଳା



ମାର୍ଶାଘାଇ,୨୯।୩(ସମିସ): ମାର୍ଶାଘାଇ ବ୍ଲକ ଶିଳିପୁର ମଣିନାଗେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଆମ ସଂସ୍କୃତି, ଆମ ଖେଳନା କର୍ମଶାଳା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ମୁଖ୍ୟବକ୍ତା ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଗରଜଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି, ଆମ ପରମ୍ପରା ଶ୍ରୀଜଗନ୍ନାଥ ସଂସ୍କୃତି ଓ ଭାଗବତ ଟୁଙ୍ଗି ଗୁରୁତ୍ୱ ବହନ କରୁଥିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ରଙ୍ଗୋଲି, ସଂଗୀତ ନୃତ୍ୟ, ଆମ ସଂସ୍କୃତି ଆଧାରିତ କାରୁକାର୍ଯ୍ୟ ଓ ବର୍ଯ୍ୟବସ୍ତୁ ବିନିଯୋଗ କରି ସୁନ୍ଦର ଖେଳନା ପ୍ରସ୍ତୁତି କରି ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଥମ ସୁଚିତ୍ରା ଦାସ, ୨ୟ ସୁପ୍ରିୟା ସ୍ୱାଇଁ, ୩ୟ ସ୍ମୃତିସ୍ନେହଁ ଦାସ, ସଂଗୀତ ପ୍ରତିଯୋଗିତାରେ ପ୍ରଥମ ଲୋପାମୁଦ୍ରା ରଥ, ଦ୍ୱିତୀୟ ଅଭିଲିପ୍ସା ପ୍ରଧାନ, ତୃତୀୟ ସୁଚିତ୍ରା ଦାସ, ନୃତ୍ୟରେ ପ୍ରଥମ ମେଘନା ପ୍ରିୟଦର୍ଶିନୀ ମିଶ୍ର, ୨ୟ ଲକ୍ଷ୍ମୀପ୍ରିୟା ସାହୁ, ୩ୟ ମନିଷା ପ୍ରଧାନ ଏବଂ ଆମ ସଂସ୍କୃତି ପ୍ରତିଯୋଗିତାରେ ପ୍ରଥମ ପାର୍ଥସାରଥୀ ସ୍ୱାଇଁ, ଆମ ଖେଳନାରେ ଅଂଶୁମାନ ଖଣ୍ଡିଆଙ୍କୁ ପୁରସ୍କୃତ କରାଯାଇଛି। ‘ସାହିତ୍ୟ ସୃଜନୀ’ଭାରପ୍ରାପ୍ତ ଶିକ୍ଷୟିତ୍ରୀ ପଲ୍ଲବୀ ରାଉତ କର୍ମଶାଳାକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମିନତୀ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଫିରଦୋସ ବେଗମ୍, ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ପ୍ରଣତୀ ସ୍ୱାଇଁ, ଦିଲୀପ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଠିପି ଖୋଲା ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

### ଫେରିଘାଟ ନିକଟରେ ଚାଲିଛି ଠିପି ବନ୍ଦ ମଦ ଦୋକାନ

ରାଜନଗର,୨୯।୩ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି ଏହି ମଦ ଦୋକାନ। ସ୍ଥାନୀୟ ଅଞ୍ଚଳବାସୀ ତଥା ମହିଳାମାନେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଲା ପରେ ବି ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନ ନେବାରୁ ମହିଳା ମାନେ ଏହାକୁ ସାତ ଦିନ ମଧ୍ୟରେ ଉଚ୍ଛେଦ ନକଲେ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ହଂସିଣା ଫେରି ଘାଟ ନିକଟରେ ଥିବା ବିଦେଶୀ ମଦ ଦୋକାନ ଓପନ ବାରରେ ପରିଣତ ହେବା ସହ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜାମୁଥିବା ଅଭିଯୋଗ ହୋଇଛି। ହଂସିଣା ଫେରିଘାଟ ନିକଟରେ ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହା ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ୍ୟ ବେଆଇନ ଭାବେ ମଦ ଦୋକାନ ସମ୍ମୁଖ ଓପନ ବାରରେ ପରିଣତ ହୋଇଛି। ଏହି ମଦ ଦୋକାନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଅଭିଯୋଗ ମୁତବକ ଏହି ଠିପି ଖୋଲା ମଦ ଦୋକାଳ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି। ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନବାଡି କେନ୍ଦ୍ର , ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ମଦ ଦୋକାନ ପାଇଁ ଅନେକ ଦୁର୍ଘଟଣା




ସ୍ଥାନୀୟ ଅଞ୍ଚଳରେ ଘଟୁଛି। ପ୍ରତ୍ୟେକ ଦିନ ଏହି ମଦ ଦୋକାନ ବାଟ ଦେଇ ପାଠ ପଢିବାକୁ ଯାଉଥିବା ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଖରାପ ବ୍ୟବହାର ମଧ୍ୟ କରାଯାଉଛି। ଯାହାଦ୍ୱାରା ନାବାଳିକା ଛାତ୍ରୀମାନେ ପାଠ ପଢିବାକୁ ସେହି ବାଟ ଦେଇ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି । ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏହି ମଦ ଦୋକାନ ପାଇଁ ବିଦ୍ୟାଳୟକୁ ଯିବା ଆସିବା କରିବାରେ ହଇରାଣ ହେଉଛନ୍ତି। ଏହି ମଦ ଦୋକାନ ପାଇଁ ବିଦ୍ୟାଳୟରେ ପଢୁଥିବା ଛାତ୍ରମାନେ ମଦ ପିଇବା ସହିତ ଚୋରା ମଦ ବିକ୍ରି ମଧ୍ୟ କଲେଣି। ଏହି ବିଦେଶୀ ମଦ ଦୋକାନ ପାଇଁ ଶିକ୍ଷା ପରିବେଶ ଓ ଧାର୍ମିକ ପରିବେଶ ନଷ୍ଟ ହେଉଛି। ତେଣୁ ଏହି ବିଦେଶୀ ମଦ ଦୋକାନକୁ ବନ୍ଦ କରିବା ପାଇଁ ପୂର୍ବରୁ ଅଞ୍ଚଳର ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ବାରମ୍ବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହି ମଦ ଦୋକାନକୁ ବନ୍ଦ କରିବାକୁ ମୀନା ରାଉତ, ବାନାମ୍ବର ଗାଉତ, ରଶ୍ମିରଞ୍ଜନ ରାଇତ, ମନୋରମା ନୟକ, ପ୍ରଭାତୀ ନାୟକ, ସୁମିତ୍ରା ରାଉତ, ସାବିତ୍ରୀ ପ୍ରଧାନ, ମଞ୍ଜୁଲତା ରାଉଳ, ବାସନ୍ତୀ ରାଉତ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନ ଏହି ବିଦେଶୀ ଠିପି ବନ୍ଦ ମଦ ଦୋକାନ ବନ୍ଦ କରିବାକୁ ପଦକ୍ଷେପ ନ ନେଲେ ମହିଳା ମାନେ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟ ପକ୍ଷରେ ହଂସିଣା ଫେରିଘାଟ ନିକଟରେ ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହା ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ୍ୟ ବେଆଇନ ଭାବେ ମଦ ଦୋକାନ ସମ୍ମୁଖ ଓପନ୍ ବାରରେ ପରିଣତ ହୋଇଛି। ଏହି ମଦ ଦୋକାନ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

**■ ସରପଞ୍ଚଙ୍କ ମୃତ୍ୟୁକୁ ଦେଢ଼ ବର୍ଷ ପୁରିଲା**

## ଜୟନଗର ପଞ୍ଚାୟତରେ ପୁନଃ ନିର୍ବାଚନ ଦାବି

ରାଜକନିକା,୨୯।୩ (ସମିସ): ରାଜକନିକା ପଞ୍ଚାୟତ ସମିତି ଅଧୀନ ଜୟନଗର ଗ୍ରାମପଞ୍ଚାୟତର ନିର୍ବାଚିତ ସରପଞ୍ଚଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେବାର ଦେଢ଼ ବର୍ଷ ପରେ ଏହି ପଞ୍ଚାୟତର ସରପଞ୍ଚ ପଦ ଖାଲିପଡ଼ିଛି। ଫଳରେ ପଞ୍ଚାୟତ କାର୍ଯ୍ୟରେ ଜୟନଗର ଗ୍ରାମପଞ୍ଚାୟତବାସୀ କୌଣସି ସୁଫଳ ପାଉ ନାହାନ୍ତି। ଏପରିକି ସର୍ବନିମ୍ନ ସରକାରୀ ପ୍ରକଳ୍ପ ପାଇଁ ଲୋକେ ନାନା ହିନସ୍ତା ହେଉଛନ୍ତି। ନିୟମ. ମୁତାବକ ପୁନଃ ନିର୍ବାଚନ ପାଇଁ ଏହି ପଞ୍ଚାୟତର ଲୋକେ ବିଭିନ୍ନ ଫୋରମରେ ଦାବି କରି ଆସୁଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦେବେନ୍ଦ୍ର କୁମାର ପ୍ରଧାନ, ପ୍ରଦୀପ୍ତ କୁମାର ବିଶ୍ୱାଳ, ନିର୍ମଳ ଚନ୍ଦ୍ର ପଢିହାରୀ, ରାଜେଶ ଶତପଥି, ନୃସିଂହ ନାୟକ, କମଳାକାନ୍ତ ନାୟକ, ରମାକାନ୍ତ ରାଉତ, ଶିଶିର କୁମାର ମଲ୍ଲିକ, ପ୍ରକାଶ ରଞ୍ଜନ ରାଉତ, ଅକ୍ଷୟ ରାଉତ, ରାଧାଗୋବିନ୍ଦ ରାଉତ, ଗଣେଶ ସେଠୀ, ଶଶୀକାନ୍ତ ବାରିକ, ସୁକାନ୍ତ ପଲାଇ, ସୁବାଷ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବେହେରା, ବିସିକେଶନ ଦାସ, ଉମାକାନ୍ତ ଦାସ, ପରମେଶ୍ୱର ବେହେରା, ନାରାୟଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

## କର୍କଟ ପୀଡ଼ିତାଙ୍କୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା,୨୯।୩ (ସମିସ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମ୍‌ରିଟସ ପ୍ରଫେସର ଡ.ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି ଭୁବନମୋହନ ଦାସ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ଗ୍ରାମର କର୍କଟରେ ପୀଡ଼ିତ ଧ୍ରୁବ ଚନ୍ଦ୍ର ରାଉତଙ୍କ ପତ୍ନୀ ପ୍ରମିଳା ରାଉତଙ୍କ ଘରେ ପହଞ୍ଚି ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ସମୟରେ ସ୍ୱୟଂଭୂବ ଦାସ ଓ ରତ୍ନାକର ସାର ଉପସ୍ଥିତ ଥିଲେ।

## ୩ ବର୍ଷ ହେଲା ଅଟକି ରହିଛି ବଡ଼ରାଉଲିଆ ଓ ଗଣେଶ୍ୱରପୁର ସେତୁ ନିର୍ମାଣ କାର୍ଯ୍ୟ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହ,୨୯ ।୩(ସମିସ):

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅନ୍ତର୍ଗତ ବଡରାଉଲିଆ କାଣୀ ନଦୀ ଉପରେ ହେଉଥିବା ସେତୁର ସ୍ଥିତି ଏବେ ସଙ୍ଗୀନ ଅବସ୍ଥାରେ। ଏହି ସେତୁ ନିର୍ମାଣ ଦାୟିତ୍ୱ ନେବାକୁ ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗ ନାମକ ସଂସ୍ଥା ୨୦୧୯ ମସିହାରେ ଚୁକ୍ତି କରିଥିଲା। ଚୁକ୍ତି ପରେ ଉକ୍ତ ସଂସ୍ଥା ବଡ଼ ରାଉଲିଆ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଦୀର୍ଘ ଦୁଇ ତିନି ବର୍ଷ ମଧ୍ୟରେ କେବଳ ପିଲାରର ମୁଳଦୁଆ ପକାଇ ୨୦୨୨ ମସିହା ଅଗଷ୍ଟ ମାସଠାରୁ ଠିକା ସଂସ୍ଥା କାମ ବନ୍ଦ କରିଦେଇଥିଲା। ପରବର୍ତ୍ତୀ ସମୟରେ ଅଞ୍ଚଳବାସୀ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ସେତୁ ନିର୍ମାଣ କାର୍ଯ୍ୟରେ ଅବହେଳା ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ସଂସ୍ଥାକୁ ୨୦୨୩ ଡିସେମ୍ବର ମାସରେ କାର୍ଯ୍ୟରୁ ବହିଷ୍କାର କରିଥିଲା। ସେତୁ ନିର୍ମାଣର ପାଞ୍ଚ ବର୍ଷ ପରେ ଗତ ବର୍ଷ ମାର୍ଚ୍ଚ ମାସରେ ନୂତନ ଟେଣ୍ଡର ପ୍ରକ୍ରିୟାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି



ସୂଚନା ଦେଇଥିଲା ବିଭାଗ। ୨୦୨୪ ନଭେମ୍ବର ମାସରେ ନୂତନ ଭାବେ ନିଯୁକ୍ତ ଠିକାଦାର ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ଓ ସେତୁ ନିର୍ମାଣ କାର୍ଯ ମଧ୍ୟ ଦ୍ରୁତଗତିରେ ଚାଲୁ ରହିଥିଲା। ମାତ୍ର ଗତ ଫେବୃଆରୀ ମାସ ଠାରୁ ସେତୁ ନିର୍ମାଣ କାର୍ଯ୍ୟ ହଠାତ୍ ବନ୍ଦ ହୋଇଯାଇଛି। ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗ କଣ୍ଟ୍ରାକ୍ଟର ସଂସ୍ଥା କୋର୍ଟରେ ମାମଲା ଦାୟର କରି ଥିବାରୁ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଛି। ଉକ୍ତ ସଂସ୍ଥା ଦୀର୍ଘ ୪ ବର୍ଷ ସମୟ ସୀମା ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିପାରି ନଥିବାରୁ ତାର ଏଗ୍ରୀମେଣ୍ଟକୁ ସରକାର ୨୦୨୩ ମସିହାରେ ନାକଚ କରି ଚୁକ୍ତିନାମା ଧାରା ୨ବି (ଆଇ) ଅନୁଯାୟୀ ନୂତନ ଠିକା ସଂସ୍ଥାକୁ କାମ ଦିଆଯାଇଥିଲା। ଆଇନ୍ ଅନୁଯାଇ ସେତୁ ନିର୍ମାଣ ଶେଷ କରି ନ ପାରିବା ହେତୁ ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗ ସଂସ୍ଥାକୁ ୨୦ ପ୍ରତିଶତ ଫାଇନ କରାଯିବା ବ୍ୟବସ୍ଥା ଥିବାରୁ ଉକ୍ତ ସଂସ୍ଥା ନିଜକୁ ବଞ୍ଚାଇବା ପାଇଁ ଉଚ୍ଚ ନ୍ୟାୟାଳୟର ସାହାରା ନେଇ ଗୋଟଏ ପରେ ଗୋଟାଏ କେସ କରିଚାଲିଛି। ଉକ୍ତ ଠିକା ସଂସ୍ଥାର କୌଣସି ଭିତ୍ତିଭୂମି ନ ଥିବା ବେଳେ ସର୍ବମୋଟ ତିନୋଟି କେସ କରି ସମୟ ଗଡେଇ ଚାଲିଛି। ପ୍ରକାଶ ଥାଉ କି କାଣୀନଦୀର ଏହି ସେତୁ ଦୁଇଟି ଗ୍ରାମ ଯଥା ବଡ଼ ରାଉଲିଆ ଓ ସାନ ରାଉଲିଆକୁ ସଂଯୋଗ କରିବା ସହିତ ବନ୍ୟା ସମୟରେ ବିପଦମୁକ୍ତ ଗମନାଗମନ ସୃଷ୍ଟି କରିବ। ବର୍ଷା ଦିନେ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବାରେ ଅସୁବିଧା ଭୋଗିବା ସହିତ ରୋଗୀ ଚିକିତ୍ସା ପାଇଁ ନଦୀ ଆରପଟକୁ ପାର ହୋଇ ଯିବାରେ ସମସ୍ୟା ସୃଷ୍ଟି ହେଉଛି। ବହୁ ବର୍ଷ ଧରି ଅଧାପନ୍ତରିଆ ଭାବେ ପଡି ରହିଥିବା ସେତୁକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଇଛି। ଏହି ସେତୁ ସମ୍ପୂର୍ଣ୍ଣ ନହେବା ହେତୁ କାଣୀ ନଦୀର ଉଭୟ ପାର୍ଶ୍ୱର୍ରେ ଥିବା ୧୫ରୁ ୨୦ ଖଣ୍ଡ ଗ୍ରାମବାସୀ ମାନେ ପ୍ରଭାବିତ ହେବା ସହିତ ଆଳି ବିଧାନସଭା କ୍ଷେତ୍ରରୁ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର କୁ ଗମନାଗମନ ପାଇଁ ବାଧା ସୃଷ୍ଟି ହେଉଛି। ଏହି ସେତୁର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଲେ ବିଜେଡି ସଭାପତି

# ଇଫ୍‌ତାର୍ ପାର୍ଟିରେ ନବୀନ




ଭୁବନେଶ୍ୱର,୨୯।୩(ସମିସ): ଶଙ୍ଖ ଭବନ ପରିସରରେ ଶନିବାର ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲ ପକ୍ଷରୁ ଇଫତାର୍ ପାର୍ଟି ଆୟୋଜିତ ହୋଇଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟସଭା ସାଂସଦ ମୁଜିବିଲ୍ଲା ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, କର୍ପୋରେଟର୍ ଯୋଗ ଦେଇଥିଲେ। ଏହି ଅବସରରେ ସମୂହ ପ୍ରାର୍ଥନା କରାଯାଇଥିଲା। ଏସମ୍ପର୍କରେ ଦେବୀ ପ୍ରସାଦ ମିଶ୍ର କହିଥିଲେ, ପ୍ରତିବର୍ଷ ନବୀନ ଇଫତାର ପାର୍ଟିରେ ଯୋଗ ଦେଇଥାନ୍ତି। ସଂଖ୍ୟାଲଘୁଙ୍କ ପାଇଁ ନବୀନ ବାବୁ ବହୁତ କିଛି କରିଛନ୍ତି। ପବିତ୍ର ରମଜାନ୍ ମାସରେ ନବୀନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଏନ୍‌କାଉଣ୍ଟର୍‌ରେ ୧୭ ମାଓବାଦୀ ନିପାତ

## ୪ ଯବାନ ଆହତ, ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ





ମାଲକାନଗିରି,୨୯।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ଯବାନଙ୍କୁ ଏକ ବଡ଼ଧରଣର ସଫଳତା ମିଳିଛି। ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୧୭ ମାଓବାଦୀ ନିହତ ହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରେ ଅରନପୁର ଆଇଡି ବିସ୍ଫୋରଣର ମାଷ୍ଟରମାଇଣ୍ଡ ୨୫ଲକ୍ଷ ଇନାମି ମାଓବାଦୀ ଜଗଦୀଶ ସମେତ ୬ପୁରୁଷ ଓ ୧୧ ମହିଳା ମାଓବାଦୀ ରହିଛନ୍ତି। ମୃତକଙ୍କ ମଧ୍ୟରେ ଆଉ କିଛି ବଡ଼ ଓ କ୍ୟାଡର୍ ମାଓବାଦୀ ଥିବା ଅନୁମାନ କରାଯାଉଛି। ଚିହ୍ନଟ ପ୍ରକ୍ରିୟା ପରେ ଖୁବ୍‌ଶୀଘ୍ର ସମସ୍ତଙ୍କ ପରିଚୟ ମିଳିବ ବୋଲି ପୁଲିସ୍ ସୂଚନା ଦେଇଛି। ସେହିପରି ଘଟଣାସ୍ଥଳରୁ ଏକେ-୪୭, ଏସ୍‌ଏଲ୍‌ଆର, ଇନସାସ୍, ଥ୍ରି-ନଟ୍-ଥ୍ରି ବନ୍ଧୁକ, ରକେଟ୍ ଲଞ୍ଚର୍ ସହ ଆଧୁନିକ ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ୪ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ଡିଆରଜି ଓ ଜଣେ ସିଆରପିଏଫର ଯବାନ ରହିଛନ୍ତି। ଘଟଣାସ୍ଥଳରେ ତଲାସୀ ଅଭିଯାନକୁ ଜୋରଦାର କରାଯାଇଥିବା ସୁକୁମା ଏସ୍‌ପି କିରଣ ଗଙ୍ଗାରାମ ଚୌହାନ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ସୁକୁମା ଜିଲ୍ଲାର ଉପାମପାଲି ଗାଁ ନିକଟସ୍ଥ ଗୋଗୁଣ୍ଡା ପାହାଡ଼ ଉପରେ ମାଓବାଦୀମାନେ ଏକ କ୍ୟାମ୍ପ କରି ରହିଥିବା ନେଇ ପୁଲିସ୍‌ର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି ଓ ସିଆରପିଏଫ୍ ବାହିନୀ ପକ୍ଷରୁ ଆଜି ସକାଳେ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଏହି ସମୟରେ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଜବାବରେ ଯବାନମାନେ ମଧ୍ୟ ଏହାର ପାଲଟା ଗୁଳିଚାଳନା କରିଥିଲେ। ଦୀର୍ଘ ଚାରି ଘଣ୍ଟା ଧରି ଗୁଳି ବିନିମୟ ପରେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସେଠାରେ ଛାନଭିନ୍ କରି ଖବର ଲେଖା ହେବା ସୁଦ୍ଧା ମୋଟ ୧୭ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ।

ଅପରପକ୍ଷେ, ଏହି ବଡ଼ ସଫଳତା ପରେ ଫେରିଥିବା ଯବାନଙ୍କୁ ପୁଲିସ୍‌ର ବରିଷ୍ଠ ଅଧିକାରୀମାନେ ମିଠା ଖୁଆଇ ଉତ୍ସାହିତ କରିଛନ୍ତି। ଛତିଶଗଡ଼ରେ ୨୦୨୫ ମସିହା ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ନିହତ ହୋଇଥିବା ନେଇ ଅପରେସନ୍ 'କଗାର' ଦ୍ୱାରା ମାଓବାଦୀଙ୍କ ଗଡ଼କୁ ସମୂଳେ ନାଶ କରିବ ବୋଲି କୁହାଯାଉଛି।

# ସ୍ୱେଚ୍ଛାକୃତ ଅବସର ନେଲେ ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର,୨୯।୩(ସମିସ): ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ଆର କାର୍ତ୍ତିକେୟନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି। ଗତ ୧୩ ତାରିଖରେ ଅବସର ନେବାକୁ ସେ କରିଥିବା ଆବେଦନକୁ କେନ୍ଦ୍ର ସରକାର ମଞ୍ଜୁର କରିଥିବା ସମ୍ପର୍କରେ କେନ୍ଦ୍ର କାର୍ମିକ ବିଭାଗ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।



ସୂଚନାଯୋଗ୍ୟ, ୨୦୦୦ ମସିହା ବ୍ୟାଚ୍‌ର ଆଇଏଏସ୍ ଶ୍ରୀମତୀ କାର୍ତ୍ତିକେୟନ୍ କଟକର ପ୍ରଥମ ମହିଳା ଜିଲ୍ଲାପାଳ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ମିଶନ୍ ଶକ୍ତି ଅଭିଯାନ ଏକ ଆନ୍ଦୋଳନରେ ପରିଣତ ହୋଇଥିଲା। କ୍ରମାଗତ ସଫଳତା ହାସଲ କରିବା ପରେ ରାଜ୍ୟ ସରକାର ମିଶନ୍ ଶକ୍ତିକୁ ଏକ ବିଭାଗରେ ପରିଣତ କରିଥିଲେ।

ରାଜ୍ୟରେ ୭ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ି ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଏଥିସହ ୨୦୨୩ ମସିହାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ନେଇଥିବା ସୁଜାତା ଓଡ଼ିଶାରେ ପ୍ରଥମ ଥର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିବାରେ ପ୍ରମୁଖ ମାଧ୍ୟମ ସାଜିଥିଲେ।

## ଏସ୍‌ସିବି ଏମ୍‌ସପ୍ଲସ୍ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

# ଗୃହରେ ଉଦ୍‌ବେଗ ଜଣାଇଲା ବିଜେଡି

ଭୁବନେଶ୍ୱର,୨୯।୩(ସମିସ): ଏସ୍‌ସିବି ମେଡିକାଲ କଲେଜ ହେଉଛି ସ୍ୱାସ୍ଥ୍ୟ ସେବାର ଶ୍ରୀମନ୍ଦିର। ରାଜ୍ୟର ସବୁଠାରୁ ବଡ଼ ମେଡିକାଲ କଲେଜ, କିନ୍ତୁ ଆଜି ଘୋର ଦୁର୍ଦ୍ଦଶାରେ। ସମସ୍ତଙ୍କୁ ଆରୋଗ୍ୟ ବରଦାନ ଦେଉଥିବା ଏହି ସର୍ବପୁରାତନ ମେଡିକାଲ କଲେଜ ଓ ହସ୍ପିଟାଲ ଆଜି ନିଜେ ଅସୁସ୍ଥ ହୋଇପଡିଛି। ଏଠି ରୋଗୀଙ୍କ ଜୀବନ ସହ ଖେଳ ଚାଲିଛି। ନୂଆ ସରକାର ଆସିବା ପରଠାରୁ ଏସ୍‌ସିବି ଭଳି ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ରୁଗ୍‌ଣ ହୋଇଚାଲିଛି। କେବଳ ଓଡ଼ିଶା ନୁହେଁ, ଆଖପାଖ ରାଜ୍ୟର ଲୋକେ ମଧ୍ୟ ଏହା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଯନ୍ତ୍ରପାତି ଠାରୁ ଆରମ୍ଭ କରି କର୍ମଚାରୀ ଅଭାବ ରୋଗୀ ସେବାକୁ ବିପର୍ଯ୍ୟସ୍ତ କରି ପକାଇଛି।

ସୂଚନାଯୋଗ୍ୟ ଯେ ନୂଆ ମେଡିକାଲ ଓ ଏକାଡେମିକ୍ ବ୍ଲକ୍, ୩୦୦୦ ଶଯ୍ୟାର ଇଣ୍ଟିଗ୍ରେଟେଡ୍ ହସ୍ପିଟାଲ, ଡାକ୍ତର ଓ କର୍ମଚାରୀଙ୍କ ବହୁତଳ ଆବାସ, ଷ୍ଟାଡିୟମ୍‌କୁ ନେଇ ଏସ୍‌ସିବି ଏମ୍ସ ପ୍ଲସ୍ ପ୍ରକଳ୍ପକୁ ପୂର୍ବ ସରକାର ୨୦୧୯ ମସିହାରେ ମଞ୍ଜୁର କରିଥିଲେ। ୨୦୨୨ ଜାନୁଆରୀରେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ଶେଷ କରିବା ପାଇଁ ଲକ୍ଷ୍ୟ ରହିଥିଲା। ଏହାର କ୍ଲିନିକାଲ ଫାସିଲିଟି ଓ ରେସିଡେନ୍ସିଆଲ ଫାସିଲିଟି କାର୍ଯ୍ୟ ଅଧା ବି ସମ୍ପୂର୍ଣ୍ଣ ହୋଇପାରିନି। ଏହାର ଅବଧି ବୃଦ୍ଧି କରାଯାଇ ଚଳିତ ବର୍ଷ ଡିସେମ୍ବରକୁ ଧାର୍ଯ୍ୟ ହୋଇଛି। ଏସ୍‌ସିବି ଏମ୍ସ ପ୍ଲସ୍ ପ୍ରକଳ୍ପରେ ୬୦୦ ଶଯ୍ୟା ଓ ୪୮ଟି ଆଇସିୟୁ ଶଯ୍ୟା ସହିତ ଜେନେରାଲ ମେଡିସିନ୍ ବ୍ଲକ୍, ୪୯୬ ଶଯ୍ୟ ଓ ୬୭ ଆଇଇସିୟୁ ସହିତ ସ୍ପେଶିଆଲାଇଜଡ୍ ମେଡିସିନ୍ ବ୍ଲକ୍, ସ୍ପେଶିଆଲାଇଜଡ୍ ସର୍ଜରୀ ବ୍ଲକ୍ (୪୫୬ ଶଯ୍ୟା ଓ ୮୮ ଆଇସିୟୁ ଶଯ୍ୟା), ଜେନେରାଲ ସର୍ଜରୀ ଓ ଟ୍ରମା କେୟାର (୫୦୬ ଶଯ୍ୟା ଓ ୬୩ ଆଇସିୟୁ ଶଯ୍ୟା) ନିର୍ମାଣ ଯୋଜନା ଅଛି। ମୋଟାମୋଟି ଭାବେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ଥିଲା। ଆବଶ୍ୟକ ଅନୁମୋଦନ ଲାଭ କରିବା ପରେ ବିଧିବଦ୍ଧ ଭାବେ ଏହି ସୁବିଧା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଉନ୍ମୁକ୍ତ ହୋଇଥାନ୍ତା। କିନ୍ତୁ ଏଥିରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ମୌଳିକ ଭିତ୍ତିଭୂମି ଭୁଶୁଡ଼ି ପଡିଛି।

ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଆଜି ଗୃହରେ ଏସସିବି ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ଦାସ କହିଥିଲେ କେବଳ ଓଡ଼ିଶା ନୁହେଁ, ଏସ୍‌ସିବି ଉପରେ ଅନ୍ୟୂନ ୧୨/୧୩ଟି ରାଜ୍ୟର ରୋଗୀ ନିର୍ଭର କରୁଛନ୍ତି। ଏହାର ସୁନାମ ଓ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୫୦୦ କୋଟି ଟଙ୍କାରେ ଏମ୍ସ ପ୍ଲସ୍ ପ୍ରକଳ୍ପ ଆରମ୍ଭ କରିଥିଲେ। ସେ କାମ ଆଗକୁ ବଢ଼ିବ କ'ଣ ଭେଣ୍ଟିଲେଟର୍ କାମ କରୁନି। ଗୋଟିଏ କମ୍ପାନୀର ଏଗୁଡିକୁ ୧୦ ଥର ମରାମତି କଲା। କିନ୍ତୁ କୋଭିଡ୍ ସମୟରେ କେନ୍ଦ୍ର ସରକାର ଦେଇଥିବା ଏସବୁ ଭେଣ୍ଟିଲେଟର୍ ସଚଳ ହୋଇପାରୁନି। କିଛି ଦିନ ପୂର୍ବେ ବିଧାନସଭା ଷ୍ଟାଣ୍ଡିଂ କମିଟି ଏସ୍‌ସିବି ମେଡିକାଲ କଲେଜ ଗସ୍ତରେ ଯାଇ ସମୀକ୍ଷା କରିବା ପରେ ନାନାଦି ଅବହେଳା ଧରାପଡିଥିଲା। ବିଶେଷକରି ନୂଆ ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। କେଉଁଠି ଠିକାଦାର ଟଙ୍କା ପାଇ ନାହାନ୍ତି ତ ଆଉ କେଉଁଠି ବୈଷୟିକ ସମସ୍ୟା ସମାଧାନ ହୋଇପାରୁନି। ପ୍ରାୟ ୧୭୫ଏକର ଜମିରେ ଏସ୍‌ସିବି ମେଡିକାଲ କଲେଜର ନବକଳେବର ଧାର୍ଯ୍ୟ ସମୟ ଭିତରେ ଶେଷ କରିବା ଏକାନ୍ତ ଆବଶ୍ୟକ ଥିଲା।

# ପୁଣି ଘୁଞ୍ଚିଲା ବିଜେପି ସଭାପତି ଚୟନ ନିଷ୍ପତ୍ତି

ଭୁବନେଶ୍ୱର,୨୯।୩(ସମିସ): ସମସ୍ତ କସରତ୍ ସତ୍ତ୍ୱେ ରାଜ୍ୟ ବିଜେପି ସଭାପତି କିଏ ହେବ ସେନେଇ ନିଷ୍ପତ୍ତି ନେଇପାରୁ ନାହାନ୍ତି ବିଜେପି ଶୀର୍ଷ ନେତୃତ୍ୱ। ତାରିଖ ପରେ ତାରିଖ, ମାସ ପରେ ମାସ ଗଡ଼ୁଥିଲେ ମଧ୍ୟ ରାଜ୍ୟ ବିଜେପି ସଭାପତି ଅଙ୍କ ବିଜେପି ପାଇଁ କ୍ରମଶଃ ଅଛିଣ୍ଡା ହେବାରେ ଲାଗିଛି। ଏହାରି ମଧ୍ୟରେ କନ୍ଧମାଳ ସାଂସଦ ତଥା ରାଜ୍ୟ ବିଜେପିର ସାଂଗଠନିକ ନିର୍ବାଚନ

- ଆସନ୍ତା ୧୨ରେ ଆସୁଛନ୍ତି ନଡ୍ଡା
- ୧୪ ପରେ ଘୋଷଣା ହେବ ସଭାପତିଙ୍କ ନାମ

ସହପ୍ରଭାରୀ ସୁକାନ୍ତ ପାଣିଗ୍ରାହୀ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି। ବିଜେପିର ଜାତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଆସନ୍ତା ମାସ ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଏକାଧିକ ପ୍ରକଳ୍ପର ଉଦଘାଟନ କରିବା ସହ ସାଂଗଠନିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ। ଏପ୍ରିଲ ୧୪ ତାରିଖ ପରେ ରାଜ୍ୟ ବିଜେପି ସଭାପତିଙ୍କ ନାମ ଘୋଷଣା ହେବ ବୋଲି ସେ ସୂଚନା ଦେଇଛନ୍ତି।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଗସ୍ତ ଅବସରରେ ନଡ୍ଡା ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କର ମାର୍ଗଦର୍ଶନ କରିବେ। ବିଶେଷକରି ଦଳ ଓ ସଂଗଠନ ଭିତରେ କିପରି ସମନ୍ୱୟ ରହିବ, ତୃଣମୂଳ ସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯିବ, ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଦିଗରେ ଦଳର ଭୂମିକା କ'ଣ ରହିବ, ସେ ନେଇ ସେ ମାର୍ଗଦର୍ଶନ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ରାଜ୍ୟ ସଭାପତି ଚୟନ ପ୍ରକ୍ରିୟା ତାଙ୍କ ଗସ୍ତର ଅନ୍ୟତମ ପ୍ରଧାନ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଉଭୟ କେନ୍ଦ୍ରୀୟ ତଥା ରାଜ୍ୟ ନେତୃତ୍ୱଙ୍କ ବାରମ୍ବାର ପ୍ରୟାସ ସତ୍ତ୍ୱେ ରାଜ୍ୟ ସଭାପତି ଚୟନ ହୋଇପାରୁ ନାହିଁ। ମଣ୍ଡଳ ଏବଂ ଜିଲ୍ଲାସ୍ତରରେର ସଭାପତି ଚୟନ ପ୍ରକ୍ରିୟା ସରିଥିଲେ ମଧ୍ୟ ରାଜ୍ୟ ମଙ୍ଗୁଆଳ ଚୟନରେ ପେଞ୍ଚ ଅଟକିଛି। ଇତିମଧ୍ୟରେ ଦଳର ରାଷ୍ଟ୍ରୀୟ ସମ୍ପାଦକ ତରୁଣ ଚୁକ୍ ୩ ଥର ଓଡ଼ିଶା ଆସି ସାଂଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳର ରାଜ୍ୟ ନେତୃତ୍ୱ ମଧ୍ୟ ଏକାଧିକ ଥର ଡକରା ପାଇ ଦିଲ୍ଲୀ ଯାଇ ଏନେଇ ବୈଠକ କରିଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ପାରି ନାହିଁ। ସଭାପତି ପଦକୁ ନେଇ ଦୁଇଗୋଷ୍ଠୀ ପରସ୍ପରକୁ ବାଟ ଛାଡ଼ିବାକୁ ପ୍ରସ୍ତୁତ ନଥିବା ବେଳେ ଏଥିପାଇଁ ତାରିଖ ଲମ୍ବିବାରେ ଲାଗିଛି। ଏପରିକି ଦଳ ସମ୍ବଲପୁର ଜିଲ୍ଲାର ବିଜେପି ସଭାପତି ମଧ୍ୟ ଚୟନ କରିପାରି ନାହିଁ।

# ଆହୁରି ୨୪ ଘଣ୍ଟା ଗରମ-ଗୁଳୁଗୁଳି

ଭୁବନେଶ୍ୱର, ୨୯ ।୩(ସମିସ): ରାଜଧାନୀ ସମେତ ସାରା ରାଜ୍ୟରେ ଆଜି ଅସହ୍ୟ ତାତି ସହ ପ୍ରବଳ ଗରମ ଅନୁଭୂତ ହୋଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ୧୮ ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ବିଶେଷକରି ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆହୁରି ୨୪ ଘଣ୍ଟା ତାତି ଏଭଳି କଲବଲ କରିବ। ତେବେ ଏପ୍ରିଲ୍ ପହିଲାରୁ କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବା ସହ ପାଗରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ତୁଳନାରେ ଆଜି ଅଧିକାଂଶ ସ୍ଥାନରେ ପାରଦ ଉପରକୁ ଚଢ଼ିଛି। ଆସନ୍ତାକାଲି ମଧ୍ୟ ତାତି ୨ରୁ ୩ ଡିଗ୍ରୀ ବଢ଼ିପାରେ। ୪୦ ଡିଗ୍ରୀ ମୁହାଁ ପାରଦରେ ଆଉ କିଛି ଜିଲ୍ଲା ଯୋଡ଼ି ହେବ ବୋଲି ପୂର୍ବାନୁମାନ କରାଯାଉଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଶୁକ୍ରବାରଠାରୁ ରାଜ୍ୟରେ ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତ ଦୁଇ ଦିନରେ ୧ରୁ ୨ଡିଗ୍ରୀ ପର୍ଯ୍ୟନ୍ତ ପାରଦ ବଢ଼ିବାରୁ ଲୋକ ଖରାରେ ପୂରା ଅସ୍ତବ୍ୟସ୍ତ ହୋଇଯାଇଛନ୍ତି। ତେବେ ଆସନ୍ତାକାଲି ମଧ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଆହୁରି ବଢ଼ିବ ବୋଲି ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କରିଛନ୍ତି।

ଆସନ୍ତାକାଲି ଗ୍ରୀଷ୍ମପ୍ରବାହ ସହ ପ୍ରବଳ ଖରାକୁ ନେଇ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଉଷ୍ମ ଓ ଆର୍ଦ୍ର ଅର୍ଥାତ୍ ଗରମ ଗୁଳୁଗୁଳି ସ୍ଥିତିକୁ ନେଇ ଗଜପତି, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ,

- ୪୦ ଡିଗ୍ରୀ ଉପରେ ୧୮ ଜିଲ୍ଲା
- ଏପ୍ରିଲ୍ ପହିଲାରୁ ଆଶ୍ୱସ୍ତି
- ୨ରୁ ୪ଯାଏ ବର୍ଷା

ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ମଧ୍ୟ ୟେଲୋୱାର୍ଣ୍ଣିଂ ଜାରି ହୋଇଛି।

ଆସନ୍ତାକାଲି ପରଠାରୁ ତାପମାତ୍ରା ଧୀରେଧୀରେ କମିବା ସହ ଆଉ ହିଟୱେଭ୍‌ର ସମ୍ଭାବନା ନାହିଁ। ଏପ୍ରିଲ୍ ପହିଲାରୁ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ରାଜ୍ୟରେ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ୨, ୩ ଓ ୪ ତାରିଖରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ଓଡ଼ିଶାରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବ। ଏପ୍ରିଲ ୨ ତାରିଖରେ ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ମେଘୁଆ ପାଗ ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବ। ସେହିପରି ୩ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ବର୍ଷା ଜାରି ରହିବ। ୪ ତାରଖରେ ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଓ ରାୟଗଡ଼ାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଦ୍ୱିତୀୟ ଦିନ ପାଇଁ ସର୍ବାଧିକ ତାପମାତ୍ରା ଝାରସୁଗୁଡ଼ାରେ ୪୩ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସମ୍ବଲପୁର ୪୧.୬, ହୀରାକୁଦ ୪୧.୨, ରାଉରକେଲା ଓ ଚାନ୍ଦବାଲି ୪୦.୪, ଭୁବନେଶ୍ୱରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୭.୦ ଡିଗ୍ରୀ ରେକର୍ଡ କରାଯାଇଛି।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ପୁଲିସ-ମାଓବାଦୀ ଗୁଳି ବିନିମୟ

ବଲାଙ୍ଗିର/ଖପ୍ରାଖୋଲ,୨୯ ।୩(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅର୍ନ୍ତଗତ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ନୂଆପାଲି ନିକଟରେ ପୁଲିସ୍-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ଜୋରଦାର ଗୁଳି ବିନିମୟ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ସୂଚନା ମିଳିଛି। ଗନ୍ଧମାର୍ଦ୍ଦନ ପାଦଦେଶରେ କିଛି ମାଓବାଦୀ କ୍ୟାମ୍ପ କରିଥିବା ସୂଚନା ପାଇ ପୁଲିସ୍ କମ୍ବିଂ ଅପରେସନ୍ କରିଥିଲା। ନୂଆପାଲି ନିକଟ ପାହାଡ଼ ପାଦଦେଶରେ ପୁଲିସ୍ ତଲସୀ କରୁଥିବା ବେଳେ ପୁଲିସ୍ କିଛି ମାଓବାଦୀଙ୍କୁ ଦେଖି ଗୁଳି ଚଳାଇଥିଲା। ପରେ ମାଓବାଦୀମାନେ ମଧ୍ୟ ପାଲଟା ଗୁଳିଚାଳନା କରିଥିଲେ। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କ ନେତୃତ୍ୱରେ ଏହି ଅପରେସନ୍ ଚାଲିଥିବା ବେଳେ ଡିଭିଏଫ୍, ଏସଓଜି ଯବାନ ସାମିଲ ହୋଇଥିଲେ। କମ୍ବିଂ ଅପରେସନ ସମୟରେ କେହି ମୃତାହତ ହୋଇନଥିଲେ ହେଁ ଜଣକୁ ପୁଲିସ୍ ଧରିଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାଯାଇଛି। ଘଟଣାସ୍ଥଳରେ ଏସ୍‌ପି ପହଞ୍ଚି ଛାନଭିନ୍ କରିଛନ୍ତି। କମ୍ବିଂ ଅପରେସନ୍ ଜାରି ରହିଥିବା ବେଳେ ଡ୍ରୋନ୍ ଦ୍ୱାରା ମଧ୍ୟ ମାଓବାଦୀଙ୍କ ଉପସ୍ଥିତି ଜାଣିବା ପାଇଁ ଚେଷ୍ଟା କରାଯାଉଛି।

# ବିକ୍ଷୋଭ ବେଳେ ଗଣ୍ଡଗୋଳ: କଂଗ୍ରେସ କର୍ମୀ ଗିରଫ

ଭୁବନେଶ୍ୱର,୨୯।୩(ସମିସ): ଗତ ୨୭ ତାରିଖରେ ଲୋୟର ପିଏମ୍‌ଜିରେ କଂଗ୍ରେସ ବିକ୍ଷୋଭ ବେଳେ ହୋଇଥିବା ଗଣ୍ଡଗୋଳ ମାମଲାରେ ପୁଲିସ ଆଜି ଜଣେ ଦଳୀୟ କର୍ମୀଙ୍କୁ ଗିରଫ କରିଛି। ସିସିଟିଭି ଫୁଟେଜ୍ ଆଧାରରେ କ୍ୟାପିଟାଲ ଥାନା ପୁଲିସ ନହରକଣ୍ଟାରେ ରହୁଥିବା ମିର୍ଜା ଇସଲାମ୍ ବାଗଙ୍କୁ ଉଠାଇ ଆଣିଛି। କଂଗ୍ରେସ ସମାବେଶରେ ହୋଇଥିବା ଗଣ୍ଡଗୋଳକୁ ନେଇ କମିସନରେଟ୍ ପୁଲିସ ୩ଟି ମାମଲା ରୁଜୁ କରିଛି।। ହିଂସାରେ ସମ୍ପୃକ୍ତ ବିକ୍ଷୋଭକାରୀମାନଙ୍କୁ ଗିରଫ କରାଯିବ ବୋଲି ଡିସିପି କହିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଗିରଫ ହୋଇଥିବା ମିର୍ଜାଙ୍କ ନାଁରେ ପୂର୍ବରୁ ୦କେଇ ସମେତ ଅନେକ ମାମଲା ରହିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।



ପୁଲିସ ପକ୍ଷରୁ କୁହାଯାଇଛି ଯେ ୨୬ ତାରିଖ ରାତିରେ ବିଧାନସଭା ଗେଟ୍ ନଂ-୩ରେ କଂଗ୍ରେସ ନେତା ଓ କର୍ମୀଙ୍କ ଧାରଣାକୁ ନେଇ କ୍ୟାପିଟାଲ ଥାନାରେ ପୁଲିସ୍ କେସ୍ ନଂ-୧୨୮ରେ ମାମଲା ରୁଜୁ କରିଛି। ବିଏନଏସ ଧାରା୧୮୯(୨)/୨୨୧/ ୨୯୬/୧୩୨/୧୯୦ ସହ ୯୬ ଓୟୁପି ଆକ୍ଟ ଲଗାଇ ପୁଲିସ ମାମଲା ରୁଜୁ କରିଛି। ସେହିପରି ୨୭ ତାରିଖ ଦିନ କଂଗ୍ରେସ ପକ୍ଷରୁ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ଭ୍ୟାନରେ ନିଆଁ ଲଗାଇ ଦେଇଥିଲେ। ବିକ୍ଷୋଭକାରୀମାନେ ବିକ୍ଷୋଭ ସମୟରେ କାର୍ଯ୍ୟରତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଟେକା, ପଥର, ଚେୟାର, ପାଣିବୋତଲ ମାଡ଼ କରିଥିଲେ। ଏହାକୁ ନେଇ ମଧ୍ୟ ବିଏନଏସର ବିଭିନ୍ନ ଧାରାରେ ପୁଲିସ ମାମଲା ରୁଜୁ କରିଛି।

ସେପଟେ ଏହି ସମାବେଶରେ କଂଗ୍ରେସ କର୍ମୀଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଗତକାଲି ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆଇନଜୀବୀ। ପୁଲିସ ଡିଜି, ସିପି ଓ ଡିସିପିଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଆବେଦନ କରାଯାଇଛି। ପଦର ଅପବ୍ୟବହାର କରିଥିବା ଅଭିଯୋଗ ଆହତଙ୍କ ଖର୍ଚ୍ଚ ସରକାର ବହନ କରିବା ପାଇଁ ମାନବାଧିକାର କମିସନଙ୍କ ପାଖରେ ଦାବି ରଖିଛନ୍ତି ଦୁଇ ଆଇନଜୀବୀ ସୌମ୍ୟକାନ୍ତ ଖୁଣ୍ଟିଆ ଓ ଲଲାଟେନ୍ଦୁ ଦାସ।

## ବିମାନବନ୍ଦରରୁ ଅନ୍ତର୍ଜାତୀୟ ସରୀସୃପ ତସ୍କର ଗ୍ୟାଙ୍ଗ୍ ଠାବ

# ବିସ୍କୁଟ ଡବାରେ ସାପ, କଇଁଛ ଓ ଗୋଧି

ଭୁବନେଶ୍ୱର,୨୯ ।୩(ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ପୁଣି ଏକ ଅନ୍ତର୍ଜାତୀୟ ସରୀସୃପ ତସ୍କର ଗ୍ୟାଙ୍ଗ୍ ଠାବ ହୋଇଛି। ସୀମାଶୁଳ୍କ (କଷ୍ଟମ) ବିଭାଗ ଆଜି ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଅଟକ ରଖିଥିବା ବେଳେ ତା'ଠାରୁ ଗୋଧି, ସାପ ଓ କଇଁଛ ଉଦ୍ଧାର କରାଯାଇଛି।

## ବ୍ୟାଙ୍କକ୍‌ରୁ ଭାୟା ଭୁବନେଶ୍ୱର ଦେଇ ଚେନ୍ନାଇ ଚାଲାଣ

ଉଦ୍ଧାର ସରୀସୃପଙ୍କ ମଧ୍ୟରେ ୯ଟି କାଲିଫର୍ଣ୍ଣିଆ କିଙ୍ଗ୍ ସ୍ନେକ, ୧୨ଟି ନାଇଲ ମନିଟର୍ ଗୋଧି ଓ ୧୦ଟି ପିଗ୍-ନୋଜଡ୍ କଇଁଛ ରହିଛି। ଏହି ସରୀସୃପଗୁଡ଼ିକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଅଟକ ଅଭିଯୁକ୍ତଜଣଙ୍କ ହେଲା, ଶଙ୍କର ମୁରଗନ୍। ଘର ତାମିଲନାଡୁରେ। ସେ ଏକ ବିସ୍କୁଟ୍ ଡବାରେ







ଏସବୁ ସରୀସୃପଙ୍କୁ ଭର୍ତ୍ତି କରି ନେଉଥିବା ବେଳେ ଧରାପଡ଼ିଛି। ପ୍ରାଥମିକ ତଦନ୍ତରୁ କଷ୍ଟମ ବିଭାଗ ଜାଣିବାକୁ ପାଇଛି ଯେ ଏସବୁ ସରୀସୃପ ସେ ବ୍ୟାଙ୍କକ୍‌ରୁ ଚେନ୍ନାଇ ଚାଲାଣ କରୁଥିଲା।

ମିଳିଥିବା ତଥ୍ୟ ଅନୁଯାୟୀ, ବ୍ୟାଙ୍କକ୍‌ରୁ ଆସିଥିବା ଶଙ୍କର କିଛି ଲଗେଜ୍ ଧରି ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇଥିଲେ। ତେବେ ବ୍ୟାଗ୍ ସ୍କାନିଂ ବେଳେ ସେଥିରେ କିଛି ସନ୍ଦେହଜନକ ଦ୍ରବ୍ୟ ଥିବା ଜଣାପଡ଼ିଥିଲା। ଉକ୍ତ ବ୍ୟାଗ୍‌କୁ ସୀମାଶୁଳ୍କ ବିଭାଗ ଯାଞ୍ଚ କରିବାରୁ ସେଥିରେ ଥିବା ଏକ ବିସ୍କୁଟ୍ ଡବାରେ ବିଦେଶୀ ସାପ, କଇଁଛ ଓ ଗୋଧି ବାହାରିଥିଲା। କାଲିଫର୍ଣ୍ଣିଆ କିଙ୍ଗ୍ ସ୍ନେକ-୯ଟି ଥିବା ବେଳେ ସେଥିରୁ ଦୁଇଟି ଆଲବିନୋ ପ୍ରଜାତିର ସାପ ଥିଲା। ଏହି ରଙ୍ଗବେରଙ୍ଗ ସାପ ଭାରତରେ ବିରଳ। ଏଠାରେ ଏହି ସାପକୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରାଯାଏ। ଏହି ସାପ ବିଷଧର ହୋଇନଥିବା ବେଳେ ବିଷଧର ସାପକୁ ଖାଇଥାଏ। ତେଣୁ ସାପକୁ କାଲିଫର୍ଣ୍ଣିଆ କିଙ୍ଗ୍ ସ୍ନେକ କୁହାଯାଏ। ଅନୁରୂପ ଭାବେ ନାଇଲ ମନିଟର ପ୍ରଜାତିର ୧୨ଟି ଗୋଧିରୁ ୩ଟି ମୃତ ଥିବା ବେଳେ ୧୦ଟି ପିଗ ନୋଜଡ ପ୍ରଜାତିର କଇଁଛ ବାହାରିଥିଲା। ସମ୍ପୃକ୍ତ ଚାଲାଣକାରୀ ବା ତାମିଲନାଡୁର ଯାତ୍ରୀକୁ ଜେରା କରିବା ପରେ ସେ ସରୀସୃପକୁ ଚେନ୍ନାଇ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ସେ ଏଜେଣ୍ଟ ସାଜି ଏହି ସରୀସୃପକୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ବାବଦରେ ଟଙ୍କା ନେଇଯାଉଥିଲେ। ସରୀସୃପକୁ ଜବତ କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯିବା ସହ ଏସବୁ କାହା ପାଖକୁ ଯାଉଥିଲା, ସେନେଇ ତଦନ୍ତ କରୁଛି ତଦନ୍ତକାରୀ ଟିମ୍।

Nippon India Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below

| Date | Time | Location |
| --- | --- | --- |
| 01st April, 2025 | 12:00 PM | Berhampur |

Venue: 4th Floor, Celebration Hall, Shankar Bhavan, Berhampur (Odisha) - 760002
Name: S Tara Prasad Prusty | Mob. No.: 9692703699
Nippon Life India Asset Management Limited | CIN : L65910MH1995PLC220793
Good gets better
Mutual Fund investments are subject to market risks, read all scheme related documents carefully.

■ ଅନୁଗୋଳ ଓକିଲ ସଂଘ ନିର୍ବାଚନ

# ହିମାଂଶୁ ସଭାପତି, ଧ୍ରୁବଚରଣ ସାଧାରଣ ସମ୍ପାଦକ



**ଅନୁଗୋଳ,୨୯ ।୩(ସମିସ)**

ଅନୁଗୋଳ ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ହିମାଂଶୁ ସାମଲ ସଭାପତି, ପ୍ରତାପ ନାଏକ ଉପସଭାପତି, ଧ୍ରୁବଚରଣ ସାହୁ ସମ୍ପାଦକ, ପ୍ରଦୀପ ସେଠୀ କୋଷାଧ୍ୟକ୍ଷ, ଜ୍ୟୋସ୍ନାମୟୀ ସାହୁ ସାଂସ୍କୃତିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ପୁରୁଷୋତ୍ତମ ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସହ ସମ୍ପାଦକ ନିର୍ବାଚିତ ହୋଇଛନ୍ତି।

କୋର୍ଟ ପରିସର ଓକିଲ ସଂଘ କାର୍ଯ୍ୟାଳୟରେ ଭୋଟ ଗ୍ରହଣ ହୋଇଥିଲା। ସିକ୍ରେଟ ବାଲାଟ ପେପର ମାଧ୍ୟମରେ ସଂଘର ୫୮୭ ସଦସ୍ୟ ମତଦାନ କରିଥିଲେ। ସଭାପତି ପଦ ପାଇଁ ୩ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ହିମାଂଶୁ ଶେଖର ସାମଲ ୨୫୪ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୋମନାଥ ରାଉତ ୧୬୮ ଭୋଟ ପାଇଥିଲେ। ଜିତେନ୍ଦ୍ର କୁମାର ସାହୁଙ୍କୁ ୧୬୪ ଭୋଟ ମିଳିଥିଲା। ଗୋଟିଏ ଭୋଟ ନାକଚ ହୋଇଥିଲା। ସାଧାରଣ ସମ୍ପାଦକ ପଦ ପାଇଁ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଧ୍ରୁବଚରଣ ସାହୁ ୨୬୩ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିରୋଦ କୁମାର ମିଶ୍ର ୨୨୫ ଭୋଟ ପାଇଥିଲେ। ଧର୍ମେନ୍ଦ୍ର କୁମାର ମିଶ୍ରଙ୍କୁ ୭୫ ଏବଂ ବିକାଶ କୁମାର ତ୍ରିପାଠୀଙ୍କୁ ୨୩ ଭୋଟ ମିଳିଥିଲା। ଗୋଟିଏ ଭୋଟ ନାକଚ ହୋଇଥିଲା। ଉପସଭାପତି ପଦ ପାଇଁ ୩ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରତାପ ନାଏକ ୨୪୬ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଦୀପ ପ୍ରଧାନଙ୍କୁ ୨୩୦ ଭୋଟ ମିଳିଥିଲା। ଅନ୍ୟତମ ପ୍ରାର୍ଥୀ ପଦୀପ୍ତ ଭୁତିଆ ୧୧୧ ଭୋଟ ପାଇଥିଲେ। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ ନିର୍ବାଚରେ ପ୍ରଦୀପ କୁମାର ସେଠୀ ୩୮୧ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗୋପାଳ ଅଗ୍ରୱାଲ ୨୦୩ ଭୋଟ ପାଇଥିଲେ। ସାଂସ୍କୃତିକ ସମ୍ପାଦକ ପଦ ପାଇଁ ଜ୍ୟୋସ୍ନାମୟୀ ସାହୁ ୩୧୨ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରିତାରାଣୀ ମିଶ୍ରଙ୍କୁ ୨୭ ଭୋଟ ମିଳିଛି।

■ ଆଠମଲ୍ଲିକ ଓକିଲସଂଘ ନିର୍ବାଚନ

## ଲଗାତର ୫ମ ଥର ସଭାପତି ହେଲେ ସୁଶାନ୍ତ



**ଆଠମଲ୍ଲିକ,୨୯ ।୩(ସମିସ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଆଠମଲ୍ଲିକ ଓକିଲସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ସୁଶାନ୍ତ କୁମାର ମହାପାତ୍ର ଲଗାତର ୫ମ ଥର ପାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭବାନୀ ପ୍ରସାଦ ଜ୍ୟୋତିଷରାୟଙ୍କଠାରୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ବିଦ୍ୟୁତ ପାଣିଗ୍ରାହୀ, ସମ୍ପାଦକ ଭାବେ ଅର୍ଜୁନ ରାଉଳ, ସହ ସମ୍ପାଦକ ଭାବେ ନୀଳାଚଳ ନାଏକ ନିର୍ବାଚିତ ହୋଇଛନ୍ତି। ଓକିଲସଂଘର ସମସ୍ତ ଆଇନଜୀବୀଙ୍କ ସୁଖଦୁଃଖର ସାଥୀ ହୋଇ କାମ କରିବେ ବୋଲି ନବନିର୍ବାଚିତ ସଭାପତି ସୁଶାନ୍ତ କହିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ସହ ନିର୍ବାଚନ ଅଧିକାରୀ ଭାବେ ରାମଚନ୍ଦ୍ର କର୍ଣ୍ଣ ଓ ଲଲାଟେନ୍ଦୁ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚିତ ହେବାପରେ ସଭାପତି ସୁଶାନ୍ତ ଓକିଲସଂଘରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଆଇନଜୀବୀଙ୍କ ଗହଣରେ ମାଲ୍ୟାର୍ପଣ କରିଥିଲେ।

■ ପାଲଲହଡ଼ା ଓକିଲ ସଂଘ ନିର୍ବାଚନ

## ମନୋରଞ୍ଜନ ସଭାପତି, ରଶ୍ମିରଞ୍ଜନ ସମ୍ପାଦକ





**ପାଲଲହଡ଼ା,୨୯ ।୩(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ମନୋରଞ୍ଜନ ପାଳ, ଉପ ସଭାପତି ଭାବେ ସରୋଜ କୁମାର ମାହାନ୍ତି, ସମ୍ପାଦକ ଭାବେ ରଶ୍ମିରଞ୍ଜନ ପଟ୍ଟନାୟକ ଓ ସହ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସାମଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ମାନସ ରଞ୍ଜନ ଭଞ୍ଜ ଦାୟିତ୍ୱ ତୁଲାଇଥିଲା ବେଳେ ସମସ୍ତ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

■ ତାଳଚେର ଓକିଲସଂଘ ନିର୍ବାଚନ

## ସନ୍ତୋଷ ସଭାପତି, ମାନସ ସମ୍ପାଦକ



**ତାଳଚେରସଦର,୨୯ ।୩(ସମିସ):** ତାଳଚେର ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ, ଉପସଭାପତି ଭାବେ ପ୍ରମୋଦ ପ୍ରଧାନ, ସମ୍ପାଦକ ଭାବେ ମାନସ ରଞ୍ଜନ ବାଇ, ସହସମ୍ପାଦକ ମାନସ ରାଏ, କୋଷାଧ୍ୟକ୍ଷ ତନୁଜ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ସର୍ଦ୍ଦାର ରାଜେନ୍ଦ୍ର ସିଂହ, ସେମିନାର ସମ୍ପାଦକ କରୁଣାକର ନାୟକ, କୋଷାଧ୍ୟକ୍ଷ ଭାବେ ଜଳନ୍ଧର ବେହେରା ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ହରେକୃଷ୍ଣ ପାତ୍ର ସୁଚନା ଦେଇଛନ୍ତି। ସନ୍ଧ୍ୟାରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ବାଣ ଫୁଟାଇ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକମାନେ ଖୁସି ମନାଇଥିଲେ। ନବନିର୍ବାଚିତ ପ୍ରତିନିଧିମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ସଂଘର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ନବନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟ କରିବା ସହ ତାଳଚେରରେ ଥିବା ବିଭିନ୍ନ ସମସ୍ୟା ଯଥା ଧୂଳିଧୂଆଁ, ତାଳଚେରରେ ଚଳିତ ବର୍ଷଠାରୁ ମେଡିକାଲ କଲେଜରେ ରୋଗୀସେବା ଆରମ୍ଭ, ତାଳଚେର ପାଇଁ ଉଦ୍ଦିଷ୍ଟ ଡିଏମଏଫ୍‌ର ସୁନିନିଯୋଗ କରାଇବାରେ ତାଳଚେର ବାର ଆସୋସିଏସନ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଛନ୍ତି।

■ ଛେଣ୍ଡିପଦା ଓକିଲ ସଙ୍ଘ ନିର୍ବାଚନ

## ଦୁର୍ଯ୍ୟୋଧନ ସଭାପତି, ଅଶୋକ ସମ୍ପାଦକ



**ଛେଣ୍ଡିପଦା,୨୯ ।୩(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଓକିଲ ସଙ୍ଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବେ ଦୁର୍ଯ୍ୟୋଧନ ମାଝୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନଗେନ ନନ୍ଦଙ୍କଠାରୁ ୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପ ସଭାପତି ଭାବେ ବିଜୟ କୁମାର ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ କୁମାର ସାହୁଙ୍କଠାରୁ ୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଅଶୋକ କୁମାର ଦ୍ୱିବେଦୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟ କୁମାର ବେହେରାଙ୍କଠାରୁ ୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ବିଦ୍ୟାଧର ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀପକ କୁମାର ମାଝୀଙ୍କଠାରୁ ୬ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ସାଂସ୍କୃତିକ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ କେହି ନାମାଙ୍କନ ଭରିନାହାନ୍ତି। ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିପଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଭୀମାକାନ୍ତ ଗଡ଼ନାୟକ, ପ୍ରଭାତ କୁମାର ବେହେରା ଓ ଅଜୟ ବେହେରା ନିର୍ବାଚନ ପରିଚାଳନା କରିଥିଲେ। ଚଳିତ ବର୍ଷ ଉପସଭାପତି ପଦବୀରେ ଗୋଟିଏ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ଗଡ଼ନାୟକ ସୂଚନା ଦେଇଛନ୍ତି।

**୭ ସ୍ଥାନରୁ ଆସିଲା ମଶାଲ**

## ଆଜିଠୁ ପାଲଲହଡ଼ା ମହୋତ୍ସବ



**ପାଲଲହଡ଼ା,୨୯ ।୩(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ପାଲଲହଡ଼ା ମହୋତ୍ସବ ପାଇଁ ଶନିବାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୭ଟି ପ୍ରସିଦ୍ଧ ଶୈବପୀଠରୁ ମଶାଲ ଶୋଭାଯାତ୍ରାରେ ଆସିଛି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଲୁଡ଼ି ଶିବମନ୍ଦିର, ପବିତ୍ରପୁର ଶିବମନ୍ଦିର, ରଜଡଙ୍ଗ ଶିବମନ୍ଦିର, ମଗରମୁହାଣ ଶିବମନ୍ଦିର, ମାଲ୍ୟଗିରି ପାହାଡ଼ ପାଦଦେଶରେ ଥିବା ସମଳ ଶିବମନ୍ଦିର, ଶରଧାପୁରସ୍ଥିତ ମା' କନକେଶ୍ୱରୀ ମନ୍ଦିର ଏବଂ ରେଙ୍ଗାଳି ଦେନାଳି ଶିବମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରି ପାଲଲହଡ଼ା ବଳଦେବଜୀଉ ମନ୍ଦିରରେ ପହଞ୍ଚିଛି। ରବିବାର ଜଗନ୍ନାଥ ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ପାଲଲହଡ଼ା ସହର ପରିକ୍ରମା କରି ଷ୍ଟାଡିୟମର ମହୋତ୍ସବ ସ୍ଥଳରେ ସ୍ଥାପନ କରାଯିବ। ସନ୍ଧ୍ୟାରେ ପାଲଲହଡ଼ା ମହୋତ୍ସବ ଉଦଘାଟିତ ହେବ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ବାବା ଗିରିଶ୍ୱର ଶୈବପୀଠରେ ଉପସ୍ଥିତ ରହି ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଡିଓ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର ପ୍ରମୁଖ ମଶାଲ ଯାତ୍ରାର ତଦାରଖ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ଗ୍ରାମବାସୀ ତଥା ସଂକୀର୍ତ୍ତନ ମଣ୍ଡଳୀ ମଶାଲକୁ ସ୍ୱାଗତ କରିଥିଲେ। ରବିବାରଠାରୁ ତିନିଦିନ ଧରି ସ୍ଥାନୀୟ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ନାମୀଦାମୀ ବଲିଉଡ୍ ଓ ଓଲିଉଡ କଳାକାର ଦର୍ଶକଙ୍କ ମନୋରଞ୍ଜନ କରିବା କାର୍ଯ୍ୟକ୍ରମ ରହିଛି।

**ନବୋଦୟ ପ୍ରବେଶିକା ପରୀକ୍ଷା**

## ସାଇ ସମର୍ପିତା ଜିଲ୍ଲା ଟପ୍ପର



**ଭୁବନ,୨୯ ।୩(ସମିସ):** ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଢେଙ୍କାନାଳ ଜିଲ୍ଲା ଟପ୍ପର ହୋଇଛନ୍ତି ସାଇ ସମର୍ପିତା ବେହେରା। ସେ ଭୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୫ମ ଶ୍ରେଣୀ ଛାତ୍ରୀ। ବାପା ଚନ୍ଦନ ବେହେରା ଓ ମା' ସଜନୀ ବେହେରାଙ୍କ ଝିଅ ସାଇ ସମର୍ପିତା ବିଦ୍ୟାଳୟ ବ୍ୟତୀତ କୌଣସି ଘରୋଇ ଟ୍ୟୁସନ ଯାଇନାହାନ୍ତି। ଚନ୍ଦନ ଭୁବନ କଲେଜ ଛକରେ ଦହିବରା ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ମା' ସଜନୀ ଜଣେ ଗୃହିଣୀ। ଝିଅର ଏହି ସଫଳତାରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି।

## ବାର୍‌ହା ଆକ୍ରମଣରେ ବୃଦ୍ଧ ଗୁରୁତର



**ଢେଙ୍କାନାଳ,୨୯ ।୩(ସମିସ):** ଗଁଦିଆ ଥାନା ବରଦା ପଞ୍ଚାୟତ ଆଣ୍ଠୁକୁରା କାଟେଣୀ ଗ୍ରାମ ନିକଟରେ ଶନିବାର ସକାଳେ ବାରହା ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରାମର ହରିହର ନାୟକ ଶୌଚ ହେବାପାଇଁ ଗ୍ରାମ ନିକଟ ପୋଖରୀକୁ ଯାଇଥିବା ବେଳେ ବାରହା ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## ଟାଟା ଏସିଇ-ବାଇକ ଧକ୍କା; ୨ ଗୁରୁତର

**ରେଙ୍ଗାଳି,୨୯ ।୩(ସମିସ):** ୫୩ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ରେଙ୍ଗାଳି ଥାନା ଖୁଣ୍ଟ ନିକଟରେ ଶନିବାର ସନ୍ଧ୍ୟାରେ ଟାଟା ଏସିଇ ଓ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଧୀରମୁଣ୍ଡା ଗ୍ରାମର ଜିତେନ୍ଦ୍ର ସାମଲ (୩୨) ଓ ତାଙ୍କ ଭଣଜା ପ୍ରହ୍ଲାଦ ସାମଲ। ରେଙ୍ଗାଳି ପଟରୁ ଯାଉଥିବା ଟାଟା ଏସିଇ ଗାଡ଼ି ବିପରୀତ ଦିଗରୁ ଆସୁଥିବା ବାଇକକୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ମାମୁ-ଭଣଜା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଜିତେନ୍ଦ୍ରଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧୀରମୁଣ୍ଡା ଗ୍ରାମବାସୀ ରାସ୍ତାରୋକ କରିଥିଲେ। ରେଙ୍ଗାଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରୁଛି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଛି।

## କେନାଲରେ ବୁଡ଼ି ଯୁବକ ମୃତ

**ଢେଙ୍କାନାଳ,୨୯ ।୩(ସମିସ):** ସଦର ଥାନା ମୋଟରୀ ଗ୍ରାମ ନିକଟ କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୋଟରୀ ଗ୍ରାମର ଚନ୍ଦ୍ରମଣି ପ୍ରଧାନ (୪୦)। ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦ୍ରମଣି କେନାଲକୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଚନ୍ଦ୍ରମଣିଙ୍କ ମୃତଦେହ କେନାଲରେ ଭାସୁଥିବା ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ମୃତଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ 'ଅପାର' କଣ୍ଟା**

# ଛାତ୍ରଛାତ୍ରୀଙ୍କ ଆଧାର, 'ପେନ୍' ନାହିଁ

**ଢେଙ୍କାନାଳ,୨୯ ।୩(ସମିସ)**

ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୪୨ଟି କଳା ଏବଂ ୩୩ଟି ବିଜ୍ଞାନ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏହି ସବୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅଟୋମେଟେଡ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି (ଅପାର) ଆଇଡି କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ତାଗିଦ କରାଯିବା ସହ ଅଧ୍ୟକ୍ଷମାନଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବାସ୍ତବତାକୁ ଦୃଷ୍ଟି ନ ଦେଇ ବାରମ୍ବାର ଏଭଳି ତାଗିଦ କରାଯାଉଥିବାରୁ ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଜିଲ୍ଲାରେ ଥିବା ୪୨ଟି କଳା ଏବଂ ୩୩ଟି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ ହଜାର ୯୧୯ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ମଧ୍ୟରୁ ୟୁଡାଇସର ୨୩ ହଜାର ୬୪୧ ଛାତ୍ରଛାତ୍ରୀ ରହିଥିବା ବେଳେ ୧୪ ହଜାର ୯୮୧ ଜଣଙ୍କ ଅପାର ଆଇଡି ଖୋଲାଯାଇଛି। ସମଗ୍ର ରାଜ୍ୟରେ ଏକନମ୍ବରରେ ଥିବା ଢେଙ୍କାନାଳ ଜିଲ୍ଲା ୬୫ ପ୍ରତିଶତ ଅପାର ଆଇଡି ଖୋଲିଛି। କିନ୍ତୁ ଅନେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଆଧାର ଅପଡେଟ ଏବଂ ପରମାନେଟ ଏଜୁକେସନ ନମ୍ବର (ପେନ) ନ ଥିବାରୁ ଅପାର ଖୋଲିବା ସମ୍ଭବ ହେଉନାହିଁ। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ହାଇସ୍କୁଲ ପାସ ପରେ ଯୁକ୍ତଦୁଇ ଶ୍ରେଣୀକୁ ଆସୁଛନ୍ତି। କିନ୍ତୁ ନାମ ଲେଖାଇବା ସମୟରେ ସରକାରଙ୍କ ତରଫରୁ ଆବେଦନ ପାଇଁ ଜାରି ହେଉଥିବା କାଫ ଫର୍ମରେ ୟୁଡାଇସ ନମ୍ବର, ପେନ ନମ୍ବର କିମ୍ବା ଆଧାର ସମ୍ପର୍କରେ ସଠିକ ବ୍ୟବସ୍ଥା ନ ଥିବା ବେଳେ ବାପାମାଆଙ୍କ ଆଧାର ପାଇଁ କୌଣସି ସୂଚନା ନାହିଁ। ବିଦ୍ୟାଳୟରୁ ଟିସି ଆଣିବା ବେଳେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କ ପେନ ଦେଉ ନ ଥିବା ଓ ଛାତ୍ରଛାତ୍ରୀଙ୍କ ତଥ୍ୟ ଅପଡେଟ କରୁ ନ ଥିବାରୁ ଯୁକ୍ତଦୁଇ ନାମଲେଖା ପରେ ୟୁଡାଇସରେ ଅପଡେଟ କରିବାକୁ ନାକେଦମ ହେବାକୁ ପଡୁଛି। ଯେଉଁ ଛାତ୍ରଛାତ୍ରୀଙ୍କ ଆଧାର, ବାପାମାଆଙ୍କ ଆଧାର ଏବଂ ପେନ ଥିବ ସେମାନଙ୍କ ଅପାର ଆଇଡି ଖୋଲାଯାଇପାରିବ। କିନ୍ତୁ ଯୁକ୍ତଦୁଇରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ୧୮ ବର୍ଷ ହୋଇ ନ ଥିବାରୁ ଆଧାର ଅପଡେଟ ହୋଇପାରୁନାହିଁ। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ପିତାମାତା ମଧ୍ୟ ଆଧାର ଦେବାକୁ ଅମଙ୍ଗ ହେଉଥିବା ବେଳେ ଆଧାର ତଥ୍ୟ, ନାମଲେଖା ସମୟରେ ଥିବା ତଥ୍ୟ, ମାଟ୍ରିକ ପ୍ରମାଣପତ୍ରରେ ଥିବା ତଥ୍ୟରେ ତାଳମେଳ ନ ଥିବାରୁ ଅପାର ଖୋଲିବା କଷ୍ଟକର ହୋଇପଡୁଛି। ଯୁକ୍ତଦୁଇ କଲେଜଗୁଡ଼ିକରେ ଆଧାର ସଂଶୋଧନ, ନାମ ସଂଶୋଧନ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ନ ଥିବା ବେଳେ ଅପାର ପାଇଁ ସରକାର କଲେଜ ଅଧ୍ୟକ୍ଷମାନଙ୍କୁ ଦାୟୀ କରୁଛନ୍ତି। ନାମଲେଖା ସମୟରେ କାଫ ଫର୍ମରେ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସେହିପରି ଅଧିକାରୀମାନେ ବାସ୍ତବ ତଥ୍ୟକୁ ନ ଯାଇ ବାରମ୍ବାର ତାଗିଦ କରୁଥିବାରୁ ଅଧ୍ୟକ୍ଷମାନେ ମାନସିକ ଚାପରେ ରହୁଛନ୍ତି। ଅପାର ପାଇଁ ବାସ୍ତବ ସମସ୍ୟାକୁ ଦୃଷ୍ଟିରେ ରଖି ସରଳ ଭାବରେ ଯେପରି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ସମଗ୍ର ରାଜ୍ୟରେ ଅପାର ଆଇଡି ଖୋଲିବାରେ ଢେଙ୍କାନାଳ ପ୍ରଥମ ସ୍ଥାନରେ ଥିବା ବେଳେ ଏବେ ଛାତ୍ରଛାତ୍ରୀଙ୍କ ସମସ୍ୟା ଯୋଗୁଁ ଅପାର ଖୋଲିବା କଷ୍ଟକର ହେଉଛି। ସୋମବାର ସୁଦ୍ଧା ଅପାର ୮୦ ପ୍ରତିଶତ କରା ନ ଗଲେ ମାର୍ଚ୍ଚ ମାସର ଦରମା ବନ୍ଦ କରିବାକୁ ବିଭାଗୀୟ ନିର୍ଦ୍ଦେଶକ ସମସ୍ତ ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ତାଗିଦ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

**୮୦ ପ୍ରତିଶତ ନ ହେଲେ ମାର୍ଚ୍ଚ ମାସର ଦରମା ବନ୍ଦ ନିର୍ଦ୍ଦେଶ**

**ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ୩ୟ 'ନାଟକ ପଠନ ସନ୍ଧ୍ୟା'**

## ଶ୍ରୋତାଙ୍କୁ ପୁରାଣମନସ୍କ କଲା ନାଟକ 'ରାଧେୟ'

**ଢେଙ୍କାନାଳ,୨୯ ।୩(ସମିସ):** ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟ ଅନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ 'ନାଟକ ପଠନ ସନ୍ଧ୍ୟା'ର ତୃତୀୟ ସଂସ୍କରଣ କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନାଟ୍ୟକାର ଦୀନେଶଙ୍କ ରଚିତ ନାଟକ 'ରାଧେୟ'କୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ମନୋହର ଶତପଥୀ, କାମାକ୍ଷାପ୍ରସାଦ ରଣା, ଦୀନେଶ ଦାସ, ଦେବଜାନୀ ଦାସ, ସୌମ୍ୟା ପ୍ରିୟଦର୍ଶିନୀ, ବିଜ୍ଞାନ ମହାନ୍ତି, ପ୍ରମୋଦ କୁମାର ଦାସ, ବିଶ୍ୱଜିତ ସାହୁ, ସତ୍ୟଜିତ ରାଉତ, ମାଧବ ହେମ୍ବ୍ରମ୍ ପ୍ରମୁଖ ଅଭିନୟ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଳାପରିଷଦର ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଉଦ୍‌ଘାଟନ କରିଥିଲେ। ଏଥିରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ନାଟ୍ୟପ୍ରେମୀ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇ ନାଟକ ଶୁଣିଥିଲେ। ନାଟକ 'ରାଧେୟ' ଶ୍ରୋତାମାନଙ୍କୁ ପୁରାଣମନସ୍କ କରିଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ ଏବଂ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ ମଣପ୍ପୁରମ୍‌ରୁ ଡକାୟତି ମାମଲା

# କୋଲକାତା ଜେଲ୍‌ରୁ ଆସିଲା ମାଷ୍ଟରମାଇଣ୍ଡ ସୁବୋଧ

ସମ୍ବଲପୁର, ୨୯।୩ (ସମିସ): ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସ କମ୍ପାନୀରୁ ସୁନା ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ସୁବୋଧ ସିଂହକୁ ୭ ଦିନିଆ ରିମାଣ୍ଡରେ ଆଣି ଜେରା କରୁଛି ସମ୍ବଲପୁର ପୁଲିସ୍। ଏକାଧିକ ମାମଲାରେ ଜଡ଼ିତ ସୁବୋଧ ଏବେ କୋଲକାତାର ଆଲିପୁରର ପ୍ରେସିଡେନ୍ସି ଜେଲରେ କାରାଦଣ୍ଡ ଭୋଗୁଛି। ଗତକାଲି ପୁଲିସ୍ ତାକୁ ସେଠାରୁ ରିମାଣ୍ଡରେ ସମ୍ବଲପୁର ଆଣି ପଚରାଉଚରା କରୁଛି। ମୁଥୁଟ୍ ଫାଇନାନ୍ସ, ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସ ଭଳି ଅର୍ଥଲଗାଣକାରୀ ସଂସ୍ଥାରୁ ସୁବୋଧ ଡକାୟତି କରିବା ସହ ହତ୍ୟା ଓ ଅନ୍ୟ ଅପରାଧମୂଳକ ମାମଲାରେ ଜଡ଼ିତ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ଉପସ୍ଥିତିରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ସୁବୋଧ ସାଙ୍ଗରେ ଶଶାଙ୍କ ସିଂହ ମିଶି ଭାରତର ବିଭିନ୍ନ ସ୍ଥାନରେ ସୁନା ଡକାୟତିର ନେଟ୍‌ୱର୍କ ଚଲାଉଛି। ଲୁଟ୍ ପରେ ଏହି ଗ୍ୟାଙ୍ଗ୍ ସୁନାକୁ ତରଳାଇବା ସହ ବିଭିନ୍ନ ଉପାୟରେ ନେପାଳ ଚାଲାଣ କରାଉଛି। ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଗୁଜରାଟ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରେ ୨୮ଟି ମାମଲାରେ ସାମିଲ ଥିବା ସୁବୋଧ ସ୍ୱୀକାର କରିଛି। ଏହା ଭିତରେ ୧୦ରୁ ୧୨ଟି ସୁନା ଡକାୟତି, ୫ଟି ହତ୍ୟା ଏବଂ ଜବରଦସ୍ତ ଅସୁଲି (ଏକ୍ସଟର୍ସନ), ଆର୍ମସ ଆକ୍ଟ ଆଦି ଅନ୍ୟ ମାମଲା ରହିଛି।

**■ ୭ ଦିନିଆ ରିମାଣ୍ଡ**

**■ ସୁନାଚୋରି ସମେତ ହତ୍ୟା ଭଳି ଜଘନ୍ୟ ଅପରାଧରେ ସଂପୃକ୍ତି**

ଗତ ଜାନୁଆରୀରେ ବୁଢ଼ାରାଜା ଅଞ୍ଚଳରେ ଥିବା ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସରୁ ଲୁଟ୍ ସମେତ ୨୦୧୭ ମସିହାରେ ମୁଥୁଟ୍ ଫାଇନାନ୍ସରୁ ଡକାୟତି ଘଟଣାରେ ସୁବୋଧର ସମ୍ପୃକ୍ତି ରହିଛି। ଜେଲରେ ଥାଇ ସୁବୋଧ କ୍ରାଇମ୍ ନେଟ୍‌ୱାର୍କ ଚଳାଉଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ୨୦୨୨ରେ ନାଗପୁର, ୨୦୧୭ରେ ଜୟପୁର, ୨୦୧୮ ରେ ବାରାକପୁର ଆଦିରେ ବଡ଼ ଡକାୟତି କରିଛି। ପୁଲିସ୍ ତାହାର ଖୋଜତାଡ଼ କରୁଛି।

ଅଇଁଠାପାଲି ଥାନା ଅନ୍ତର୍ଗତ ସମ୍ବଲପୁରର ବ୍ୟବସାୟିକ ବୁଢ଼ାରାଜା ଅଞ୍ଚଳରେ ଥିବା ମଣପ୍ପୁରମ୍ ଗୋଲ୍ଡ ଫାଇନାନ୍ସରୁ ଗତ ଜାନୁଆରୀ ୩ ତାରିଖ ସକାଳେ ପ୍ରାୟ ୩୦ କିଲୋ ସୁନା ଏବଂ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଡକାୟତି ହୋଇଥିଲା। ସମ୍ବଲପୁର ପୁଲିସ ଏହି ଡକାୟତି ମାମଲାର ତନାଘନା ଆରମ୍ଭ କରିଥିଲା। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ୨୦୧୭ ମସିହା ଡିସେମ୍ବର ୧୮ ତାରିଖରେ ବୁଢ଼ାରାଜାସ୍ଥିତ ମୁଥୁଟ୍ ଫାଇନାନ୍ସରୁ ମଧ୍ୟ ଡକାୟତି ହୋଇଥିଲା। ପୁଲିସର ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ବିହାର ହାଜିପୁରର ଅଜୟ ପାଶାନ, ପଙ୍କଜ ପାଶାନ ଓ ଉତ୍ତମ ପାଶାନଙ୍କୁ ପୂର୍ବରୁ ଗିରଫ କରିଥିଲା।

■ ପାକ୍ସ ଅର୍ଥ ହେରଫେର ମାମଲା

# ପୂର୍ବତନ ସମ୍ପାଦକଙ୍କ ସମେତ ୨ କର୍ମଚାରୀ ଗିରଫ





ପଦ୍ମପୁର,୨୯।୩(ସମିସ): ପଦ୍ମପୁର ଉପଖଣ୍ଡ କନଫିରା ପାକ୍ସରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିଲା। ତା'ର ତଦନ୍ତ କରି ତତ୍କାଳୀନ ସମ୍ପାଦକ ଛବିଳ ବେହେରା ଓ ସହଯୋଗୀ କାନ୍ତିଲାଲ ଭୋଇଙ୍କୁ ଜିଲ୍ଲାନୁ ଗିରଫ କରିଛି। ଉଭୟ ପାକ୍ସ କର୍ମଚାରୀ ମିଳିତ ଭାବରେ ୭୧,୭୪,୬୬୬/ଟଙ୍କା ହେରଫେର୍ କରିଥିଲେ। ପୁନଶ୍ଚ ଛବିଳ ବେହେରା ବ୍ୟକ୍ତିଗତ ଭାବରେ ୨୦,୩୦,୦୯୦/ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

■ ମନ୍ଦିର ଜମିରୁ ଜବରଦଖଲ ଉଚ୍ଛେଦ ହେଲା କାଳ!

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ସଂଘବଦ୍ଧ ହତ୍ୟା

ପୁରୁଷୋତ୍ତମପୁର, ୨୯।୩ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ସିକୁଳା ଗାଁର ସୁମନ୍ତ ମହାପାତ୍ର ଓରଫ୍ ଟିକିନା(୫୦)। ଶୁକ୍ରବାର ବିଳମ୍ବିତ ରାତିରେ ସୁମନ୍ତ ତାଙ୍କର ଜଣେ ସାଙ୍ଗ ସହ ମିଶି ବାଇକ୍‌ରେ ପୁରୁଷୋତ୍ତମପୁର ଶ୍ରମିକମାନଙ୍କ ପାଇଁ ଖାଇବା ଆଣିବାକୁ ଯାଉଥିଲେ। ଏତିକିବେଳେ ସମା ରାସ୍ତା ମେଡିକାଲ ପୂର୍ବରୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ତାଙ୍କୁ ମାରଣାସ୍ତ୍ରରେ ନିର୍ମମ ଭାବେ ହାଣି ପକାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁଯାୟୀ, ସିକୁଳା ଗ୍ରାମରେ ଥିବା ରାଧାକାନ୍ତ ମନ୍ଦିରକୁ ସୁମନ୍ତଙ୍କ ପରିବାର ରକ୍ଷଣାବେକ୍ଷଣ କରୁଥିଲେ। କିନ୍ତୁ, ବର୍ଷେ ତଳେ ସେହି ଜାଗାକୁ ଗ୍ରାମର ଅସାମାଜିକ ଶ୍ରେଣୀର କିଛି ବ୍ୟକ୍ତି ଜବରଦଖଲ କରି ସେଠାରେ ଗୃହ ନିର୍ମାଣ କରିଥିଲେ। ଏହାକୁ ସୁମନ୍ତ ପ୍ରତିବାଦ କରିବା ସହ ପ୍ରଶାସନ ସହାୟତାରେ ଉଚ୍ଛେଦ କରିଥିଲେ। ଏହି କାରଣରୁ ଅଭିଯୁକ୍ତମାନଙ୍କ ସହ ଦୀର୍ଘ ଦିନ ହେଲା ଶତ୍ରୁତା ଲାଗି ରହିଥିଲା। ଅଭିଯୁକ୍ତମାନେ ସୁମନ୍ତଙ୍କୁ ହତ୍ୟା କରିବା ଲାଗି ସୁଯୋଗ ଖୋଜୁଥିଲେ ବୋଲି ସୁମନ୍ତଙ୍କ ଭାଇ ଅଭିଯୋଗ କରିଛନ୍ତି। ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର, ଆଇଆଇସି ରାଜେଶ କୁମାର ନାୟକ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଅପରପକ୍ଷେ ଏହି ମାମଲାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଠିକ୍ ଗଲା ବର୍ଷ ଦଶହରା ସମୟରେ ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ହାଣି ହତ୍ୟା କରିଥିଲେ ଦୁର୍ବୃତ୍ତ। ଏହିପରି ସିକୁଳା ଗ୍ରାମରେ ପ୍ରତିବର୍ଷ ଗୋଟିଏ ହତ୍ୟା ଲାଗି ରହିଛି।

**ବସ୍ତାରେ ପାନୀୟ ଜଳ ସମସ୍ୟା**

# ଧାନ ଚାଷ କମାଉଛି ଭୂତଳ ଜଳସ୍ତର!

ବସ୍ତା ବ୍ଲକ, ୨୯।୩ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାର ଲାଗିଛି। ଗ୍ରୀଷ୍ମ ଆରମ୍ଭରୁ ଭୂତଳ ଜଳସ୍ତର କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ରବି ଋତୁରେ ବ୍ୟାପକ ଧାନ ଚାଷ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି।

ବସ୍ତା ବ୍ଲକକୁ ଜଳକା, ସୁବର୍ଣ୍ଣରେଖା, ପେଜଗଳା, ପଳପଳା ନଦୀ ସହିତ ଛୋଟ ଶାଖା ନଦୀ ଓ ଉପନଦୀ ଥିବା ବେଳେ ଗ୍ରୀଷ୍ମ ଆରମ୍ଭରୁ ସବୁ ନଦୀ ଏବେ ଶୁଖିଲା। ଫଳରେ ବସ୍ତା ଚାଷୀ ଭୂତଳ ଜଳକୁ ଚାଷରେ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ କମ୍ ବର୍ଷା ସହ ବେଧଡ଼କ ଘରୋଇ ଗଭୀର ନଳକୂପ ଖନନ, ସରକାରଙ୍କ ପାନୀୟ ଜଳଯୋଗାଣ ବିଭାଗ ଓ ଉଠା ଜଳସେଚନ ବିଭାଗର ସରକାରୀ ଉତ୍ସ ଖନନ ସହ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏବେ ବସ୍ତା ବ୍ଲକ୍‌ରେ ଶହଶହ ସରକାରୀ ଓ ଘରୋଇ ନଳକୂପ ଅଚଳ ହୋଇପଡ଼ିଛି।

ବସ୍ତା ଏକ କୃଷି ପ୍ରଧାନ ବ୍ଲକ। ପୂର୍ବ ବର୍ଷମାନଙ୍କରେ ଲୋକେ ଖରିଫ ଧାନ ଚାଷକୁ ଗୁରୁତ୍ୱ ଦେଉଥିବା ବେଳେ ଏବେ ଅଧିକ ଉତ୍ପାଦନ ସହିତ ଧାନ ଚାଷରୁ ଅଧିକ ରୋଜଗାର ପାଇଁ ରବି ଋତୁରେ ଅଣ ଧାନକୁ ଛାଡ଼ି ଧାନ ଚାଷ କରିବାକୁ ତତ୍ପରତା ଦେଖାଉଛନ୍ତି।

ବସ୍ତା କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୧-୨୨ ରେ ଖରିଫରେ ୧୮ ହଜାର ୮୪୦ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ରବି ଋତୁରେ ୫ ହଜାର ହେକ୍ଟର ଧାନ ଚାଷ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୫ ହଜାର ହେକ୍ଟର ଚାଷ ହୋଇଥିଲା। ସେହିପରି ୨୦୨୨-୨୩ ବର୍ଷରେ ୩୨ଶହ ହେକ୍ଟର ଧାନ ଚାଷର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ତାହା ବୃଦ୍ଧି ପାଇ ୫୦୫୦ ହେକ୍ଟରରେ ପହଞ୍ଚିଥିଲା। ୨୦୨୩-୨୪ ବର୍ଷ ରବି ଧାନ ଚାଷ ପାଇଁ ୪ହଜାର ୪ଶହ ହେକ୍ଟର ଟାର୍ଗେଟ ଥିବା ବେଳେ ୬ ହଜାର ହେକ୍ଟର ଜମିରେ ଧାନ ହୋଇଥିଲା। ଅନ୍ୟପକ୍ଷରେ ଚଳିତ ରବି ଋତୁରେ କୃଷି ବିଭାଗ ୬ ହଜାର ହେକ୍ଟର ଧାନ ଚାଷର ଟାର୍ଗେଟ କରିଥିବା ବେଳେ ୬ ହଜାର ୫୫୬ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ସରକାରୀ ଭାବେ କୁହାଯାଇଛି। ମାତ୍ର ବେସରକାରୀ ଭାବେ ପାଖାପାଖି ୧୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି।

ସେହିପରି କୃଷି ବିଭାଗ ୨୦୨୧ମସିହାରେ ଅଣ ଧାନ ୮୩୬୩ ହେକ୍ଟର ଟାର୍ଗେଟ କରିଥିବା ବେଳେ ୮୩୬୩ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୨୦୨୨ରେ ଟାର୍ଗେଟ ୯୯୮୩ ହେକ୍ଟର ଥିବା ବେଳେ ୬୮୧୦ ହେକ୍ଟର ଚାଷ ହୋଇଥିଲା। ୨୦୨୩ ମସିହା ରେ ୮୭୭୨ ହେକ୍ଟର ଟାର୍ଗେଟ ଥିବା ବେଳେ ୭୧୭୨ ହେକ୍ଟର ଚାଷ ହୋଇଥିଲା। ଚଳିତ ବର୍ଷ ୭୫୨୦ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୬୯୬୪ ଚାଷ ହୋଇ ଥିବା ବସ୍ତା ବ୍ଲକ କୃଷି ବିଭାଗରୁ ସୂଚନା ମିଳିଛି।

ଧାନ ଚାଷ ପାଇଁ ଅଧିକ ପାଣି ଆବଶ୍ୟକ ଥିବା ବେଳେ ଅଣ ଧାନ ପାଇଁ କମ୍ ପାଣି ଆବଶ୍ୟକ ଥାଏ। ସରକାରୀ ବିହନ ଚାଷୀଙ୍କୁ ମିଳିବାରେ ବିଳମ୍ବ, ଅଭାବୀ ବିକ୍ରି, ମାଙ୍କଡ଼ଙ୍କ ଦୌରାତ୍ମ୍ୟ ପାଇ ଚାଷୀ ଡାଲିଜାତୀୟ, ପରିବା, ତୈଳବୀଜ ଚାଷ କରିବାକୁ ଅମଙ୍ଗ ହେଉଛନ୍ତି। ଅନ୍ୟପକ୍ଷେ ଧାନର ସରକାରୀ ମୂଲ୍ୟ ବୃଦ୍ଧି ସହ ବାହାର ରାଜ୍ୟକୁ ଧାନ ବିକ୍ରି ହେଉଥିବାରୁ ଚାଷୀ ଧାନ ଚାଷକୁ ଗୁରୁତ୍ୱ ଦେଉଥିବା କୁହାଯାଇଛି। ବର୍ଷା ନ ଥିବାରୁ ଭୂତଳ ଜଳସ୍ତର ୧୩୦ ଫୁଟ ତଳକୁ ଗଲାଣି। ଫଳରେ ଶହଶହ ସରକାରୀ ବେସରକାରୀ ନଳକୂପରୁ ପାଣି ବହାରୁନି। ଖୋଲାଖୋଲି ଭାବେ ଲୋକେ ବଡ଼ବଡ଼ ସେଲୋ କରି ଅନ୍ୟ ଚାଷୀଙ୍କୁ ପାଣି ବିକ୍ରି କରି ଟଙ୍କା ରୋଜଗାର କରୁଥିବା ବେଳେ ଏହି ସବୁ ସେଲୋ ଦିନରାତି ଚାଲିଛି। ଫଳରେ ପାଣି ଆବଶ୍ୟକଠାରୁ ଅଧିକ ବ୍ୟବହାର ଯୋଗୁଁ ସେହି ଅଞ୍ଚଳରେ ଥିବା ନଳକୂପ ଅଚଳ ହେଉଥିବା ଅଭିଯୋଗ ହେଉଛି। ଲୋକେ ଧାନ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଭୂତଳ ଜଳ ଏକମାତ୍ର ଭରସା ପାଲଟିଛି। ବର୍ଷକୁ ବର୍ଷ ରବିଋତୁରେ ଧାନ ଚାଷ ବୃଦ୍ଧି ପାଉଥିବାରୁ ନଦୀ ଜଳକୁ ସଂରକ୍ଷଣ କରି ଜଳସେଚନର ବ୍ୟବସ୍ଥା କଲେ ବ୍ୟାପକ ଚାଷ ହେବା ସହ ଭୂତଳ ଜଳ କମିବା ଉପରେ ରୋକ ଲାଗିବ ବୋଲି କୁହାଯାଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗାଁ ସାଥୀଙ୍କୁ ହତ୍ୟା ମାମଲା: ଶାଶୂଙ୍କୁ ଆଜୀବନ

ସୁନ୍ଦରଗଡ଼, ୨୯।୩(ସମିସ): ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଭବାନୀପୁର ଗ୍ରାମରେ ଗାଁ ସାଥୀ ରମେଶ ସିଂଙ୍କୁ ୬ଖଣ୍ଡ କରି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶନିବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଦୌରାଜଜ୍ ଚିନ୍ମୟ ଗୋଚ୍ଛାୟତ ମାମଲାର ବିଚାର କରି ଗାଁ ସାଥୀ ରମେଶଙ୍କ ପ୍ରେମିକା ଅଭିଯୁକ୍ତ ମାଧବୀଲତା ସିଂଦେଓଙ୍କୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେହିପରି ୧୦ ହଜାର ଟଙ୍କା ଜରିମାନା କରିଥିବା ବେଳେ ଜରିମାନା ଅନାଦେୟ ଆହୁରି ଅଧିକ ୬ ମାସ ଜେଲ୍‌ଦଣ୍ଡର ରାୟ ଶୁଣାଇଛନ୍ତି। ତେବେ ମାମଲାର ଅନ୍ୟତମ ଅଭିଯୁକ୍ତ ମାଧବୀଙ୍କ ଜ୍ୱାଇଁ ଭଜା ଓରାମ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ୨୦୨୧ ମସିହା ଜାନୁଆରୀ ୧୩ ତାରିଖରେ ଗାଁ ସାଥୀ ରମେଶ ଭଜା ଓରାମଙ୍କ ସହିତ ତାଙ୍କ ବାଇକ୍‌ରେ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରି ବିଫଳ ହେବା ପରେ ୧୪ତାରିଖରେ ରମେଶଙ୍କ ଭାଇ ବିଷ୍ଣୁଦେବ ସିଂ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଉକ୍ତ ଦିନ ୧୦ନମ୍ବର ରାଜ୍ୟ ରାଜପଥରୁ ଅନତି ଦୂରରେ ଥିବା ଏକ ବିଲରୁ ରମେଶଙ୍କ କଟା ଡାହାଣ ହାତ ମିଳିଥିଲା। ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟ ଏକ କଟାହାତ ସହ ଏକ କଟା ଗୋଡ଼, କଟା ମୁଣ୍ଡ ଓ ଗଣ୍ଡି ଭବାନୀପୁର ଗାଁ ପୋଖରୀ ପାଣିରୁ ପୁଲିସ ଠାବ କରିଥିଲା। ୧୬ତାରିଖରେ ଅନ୍ୟ କଟା ଗୋଡ଼ଟି ଗାଁ ରାସ୍ତାରୁ ଉଦ୍ଧାର ହୋଇଥିଲା।

ଅଭିଯୁକ୍ତ ଭଜା ଓରାମଙ୍କ ଶାଶୂ ମାଧବୀ ସହ ଗାଁ ସାଥୀ ରମେଶଙ୍କ ଅନୈତିକ ସମ୍ପର୍କ ରହିଥିଲା। ଭଜା ରମେଶଙ୍କୁ ବାରମ୍ବାର ବାରଣ କରିବା ସତ୍ତ୍ୱେ ରମେଶ ତାଙ୍କ କଥାକୁ ମାନି ନ ଥିଲେ। ଘଟଣା ଦିନ ତାଙ୍କ ଶାଶୂ ରମେଶଙ୍କୁ ଘରକୁ ଡକାଇଥିଲେ। ଶାଶୂ ମାଧବୀ ରମେଶଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୬ ଖଣ୍ଡ କରି ଏଣେତେଣେ ଫିଙ୍ଗି ଦେଇଥିଲେ। ସ୍ୱାମୀପରିତ୍ୟକ୍ତା ମାଧବୀଙ୍କୁ ଗାଁ ସାଥୀ ରମେଶ ବିବାହର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ଅନ୍ୟତ୍ର ବିବାହ କରିବାକୁ ଯୋଜନା କରୁଥିବାରୁ ପ୍ରତିଶୋଧପରାୟଣ ହୋଇ ସେ ଏପରି ନାରକୀୟ କାଣ୍ଡ ଘଟାଇଥିଲେ। ଏଥିରେ ମାଧବୀଙ୍କ ଜ୍ୱାଇଁ ଭଜା ସହଯୋଗ କରିଥିବା ପୁଲିସ ଚାର୍ଜସିଟ୍‌ରେ ଦର୍ଶାଇଥିଲା। ସରକାରୀ ଓକିଲ ପ୍ରଶାନ୍ତ କୁମାର ପଟେଲ ମାମଲା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାହାକାର...

ଘଟଣାସ୍ଥଳରେ 'ଅପରେସନ୍ ବ୍ରହ୍ମା' ଆରମ୍ଭ କରିଛନ୍ତି। ଗତକାଲି ଭୂକମ୍ପର ତୀବ୍ରତା ୭.୭ ରହିଥିଲା ବେଳେ ଶନିବାର ମଧ୍ୟ ମ୍ୟାଁମାରର କେତେକ ଅଞ୍ଚଳ ୫.୧ ତୀବ୍ରତା ଭୂକମ୍ପରେ ଥରହର ହୋଇଛି। ତେବେ ଏହି ଭୂକମ୍ପକୁ ନେଇ ଏକ ଆମେରିକୀୟ ଏଜେନ୍ସି ପକ୍ଷରୁ ଯେଉଁ ରିପୋର୍ଟ ଦିଆଯାଇଛି ତାହା ବିଭିନ୍ନ ମହଲରେ ଘୋର ଉଦବେଗ ସୃଷ୍ଟି କରିଛି। ମ୍ୟାଁମାର ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୦ ହଜାର ଟପିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ଏଠାକାର ବିଭିନ୍ନ ଅଞ୍ଚଳରେ ଏବେ ବି ଶହ ଶହ ଲୋକ ଭଗ୍ନାଂଶ ତଳେ ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଇଛି। ଆମେରିକୀୟ ଏଜେନ୍ସିର ଏଭଳି ଆକଳନ ମ୍ୟାଁମାର ସରକାରଙ୍କ ଚିନ୍ତା ବଢାଇ ଦେଇଛି। ଭଗ୍ନାଂଶ ତଳେ ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିବାକୁ ସରକାରଙ୍କ ପକ୍ଷରୁ ଆନ୍ତର୍ଜାତୀୟ ସ୍ତରରେ ସହାୟତା ଲୋଡାଯାଇଛି। ମିଳିଥିବା ଖବର ଅନୁଯାୟୀ

ବର୍ତ୍ତମାନ ସୁଦ୍ଧା ବହୁ ଦେଶରୁ ଉଦ୍ଧାରକାରୀ ଦଳ ମ୍ୟାଁମାରରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲା ବେଳେ ଭାରତ ମଧ୍ୟ ଶନିବାର ସେଠାକୁ ରିଲିଫ୍ ସାମଗ୍ରୀ ସହ ଏନଡିଆରଏଫ୍ ଟିମ୍ ପଠାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମ୍ୟାଁମାର ସେନା ସରକାର ମୁଖ୍ୟଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ପରେ ବାୟୁସେନା ବିମାନରେ ୧୫ ଟନ୍ ରିଲିଫ୍ ସାମଗ୍ରୀ ସହିତ ଏକ ୮୦ ଜଣିଆ ଏନଡିଆରଏଫ୍ ଟିମ୍ ମାଣ୍ଡାଲେରେ ପହଞ୍ଚିଛନ୍ତି। ଏହି ଟିମ୍ ପହଞ୍ଚି ଅପରେସନ 'ବ୍ରହ୍ମ' ଆରମ୍ଭ କରିବା ସହିତ ବିଭିନ୍ନ ଇଲାକାରେ ଭଗ୍ନାଂଶ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ମ୍ୟାଁମାରର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ ବହୁ ଘରଦ୍ୱାର ଏବଂ ବହୁତଳ ପ୍ରାସାଦ ଧୂଳିସାତ୍ ହୋଇଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ପୋଲ ଏବଂ ସଡ଼କପଥ ଧ୍ୱଂସ ହୋଇଯାଇଥିବାରୁ ଗମନାଗମନ ଏବଂ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଭାରୀମାତ୍ରାରେ ବ୍ୟାହତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ କଣ୍ଟ୍ରୋଲ ଟାୱାର ମଧ୍ୟ ଭାଙ୍ଗିପଡ଼ିଛି।

### ପୁଣି ଅଟକାଇଲା...

କଂଗ୍ରେସ ବିଧାୟକ ବିଧାନସଭା ମଧ୍ୟକୁ ପ୍ରବେଶ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କୁ ପୁଲିସ ଅଟକାଇବାରୁ କଂଗ୍ରେସ ବିଧାୟକମାନେ ପୃଥକ ହୋଇ ଦୁଇଟି ଗେଟରେ ଧାରଣାର ବେସିରହି ନିଜର ପ୍ରତିବାଦ ଜଣାଇଥିଲେ। ବିଧାନସଭା ୧ ନମ୍ବର ମୁଖ୍ୟ ଫାଟକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଉପନେତା ଅଶୋକ ଦାସ ଏବଂ କିଛି ଦୂରରେ ପ୍ରଫୁଲ୍ଲ ପ୍ରଦାନ ଧାରଣାରତ ଥିବା ବେଳେ ରବିନ୍ଦ୍ର ମଣ୍ଡପ ଫାଟକ ସମ୍ମୁଖରେ ବିଧାୟକ ପ୍ରଫୁଲ୍ଲ ସାଉନ୍ତା ବିଧାନସଭା ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କୌଣସି ଫାଟକରେ ପୁଲିସ ସେମାନଙ୍କୁ ଛାଡ଼ିନଥିଲା। ପ୍ରାୟ ୨ ଘଣ୍ଟା ଧାରଣାରେ ବସି ରହିବା ପରେ କଂଗ୍ରେସ ଦଳ ନେତା, ଉପନେତା ଏବଂ ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡଡ଼ିଥିଲା। ପ୍ରବଳ ଖରାଯୋଗୁଁ ରାମଚନ୍ଦ୍ର କାଡାମଙ୍କ ରକ୍ତଚାପ ବଢ଼ିଯାଇଥିବା ବେଳେ ଅଶୋକ ଦାସଙ୍କ ରକ୍ତଚାପ ନିମ୍ନଗାମୀ ହୋଇଥିଲା। ବିଧାନସଭା ଫାଟକ ସମ୍ମୁଖରେ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପରେ ତୁରନ୍ତ ଆମ୍ବୁଲାନ୍ସ ଡକାଇଥିଲେ। ସଙ୍ଗେ ସଙ୍ଗେ ଉଭୟ ବିଧାୟକଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିବା ବେଳେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି। ଏନେଇ କଂଗ୍ରେସ ଉପନେତା ଅଶୋକ ଦାସ କହିଛନ୍ତି ଯେ ନାରୀ ସୁରକ୍ଷାକୁ ନେଇ ଆମର ଲଢ଼େଇ ଜାରି ରହିବ। ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଆମକୁ ପୁଲିସ ଅଟକାଉଛି। ଆମେ ସନ୍ତ୍ରାସବାଦୀ ନୁହେଁ। କଣ ପାଇଁ ପ୍ରତିବନ୍ଧକ ଲଗାଯାଇଛି, ସେନେଇ ସରକାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଆମେ ଗୃହ ମଧ୍ୟକୁ ଯିବାକୁ ଚାହୁଁନାହୁଁ। ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ଚାହୁଁଥିଲୁ। ମାତ୍ର ସରକାର ସ୍ୱେଚ୍ଛାଚାରୀ ହୋଇ ପଡ଼ିଛନ୍ତି ବୋଲି ସେ କହିଛନ୍ତି।

### ଜୀବନସାଥୀ ଖୋଜି...

ଚାହିଁଥିଲା ବେଳେ ସେ ମୋଟ ଜମାର ମାତ୍ର ୩୦ ପ୍ରତିଶତ କାଢ଼ିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଦଲଜିତ ଏଥିରେ ରାଜି ହୋଇ ନଥିଲେ। ଏହାପରେ ସେ ଯେତେଥର ଫୋନ କରିଥିଲେ ମଧ୍ୟ କମ୍ପାନୀ ଫୋନ ଲାଗି ନଥିଲା। ପରେ ପରେ ଉକ୍ତ କମ୍ପାନୀଗୁଡିକର ୱେବସାଇଟ୍ ଡାଉନ ହୋଇଯାଇଥିବା ଜଣାପଡ଼ିବା ପରେ ଦଲଜିତ ଠକାମୀର ଶିକାର ହୋଇଥିବା ଜାଣିପାରିଥିଲେ।

### ୩୫ ହଜାର ଟଙ୍କା...

ରିମାଣ୍ଡରେ ହାସିମଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆସାମ ଓ ବାଲାଂଦେଶ ସୀମାନ୍ତରେ ରହୁଥିବା ଜଗଦୀଶ ପୂରା ଅନୁପ୍ରେବଶର ରାକେଟ୍ ପରିଚାଳନା କରୁଥିଲା। ଏଥିରେ ସେ କିଛି ଦଲାଲଙ୍କୁ ନିୟୋଜିତ କରିଥିଲା। ବାଲାଂଦେଶୀ ନାଗରିକଙ୍କୁ ଭାରତରେ ଅନୁପ୍ରବେଶ କରାଇବା ପୂର୍ବରୁ ସେମାନଙ୍କ ନାମରେ ନକଲି ଆଧାରକାର୍ଡ ଏବଂ ଭୋଟର୍ ଆଇଡି ତିଆରି କରିଦେଉଥିଲା। ଯେପରି ପୁଲିସ୍ ଯାଞ୍ଚ ବେଳେ ସେମାନେ ସହଜରେ ଧରାନ ପଡ଼ିବେ, ସେଥିପାଇଁ ପୂରା ବନ୍ଦୋବସ୍ତ କରୁଥିଲା। ମାତ୍ର ୩୫ ହଜାର ଟଙ୍କା ପାଇଁ ସେ ଏଭଳି ଧନ୍ଦା ଚଳାଇ ଆସୁଛି। ଫୋନ୍-ପେ'ରେ ଟଙ୍କା ପାଇବା ପରେ ହିଁ ସେ ଅପରେସନ୍ ବର୍ଡର୍ ପାର୍ ଆରମ୍ଭ କରୁଥିଲା। ଜଣଜଣିକିଆଙ୍କୁ ନେବାରେ ବିପଦ ଥିବାରୁ ଏକାବେଳକେ ୧୦ରୁ ୨୦ଜଣ ବାଂଲାଦେଶୀଙ୍କୁ ସେ ବର୍ଡର୍ ପାର୍ କରାଉଥିଲା।

ରାତିରେ ସୀମାରେ ସୁରକ୍ଷା ବ୍ୟବସ୍ଥା ଟିକିଏ କୋହଳ ହେବା ସମୟକୁ ସେ ଅପେକ୍ଷା କରୁଥିଲା। ରାତି ୧ଟାରୁ ୩ କିମ୍ବା ପାହାନ୍ତିଆ ସମୟରେ ହିଁ ସେ ବାଲାଂଦେଶୀଙ୍କୁ ତାର ଜାଲି କିମ୍ବା ଗୁପ୍ତ ସୁଡ଼ଙ୍ଗ ବାଟ ଦେଇ ସୀମା ପାର୍ କରାଉଥିଲା। ସେଠାରୁ ବାଲାଂଦେଶୀ ନାଗରିକମାନେ ଚାଲିଚାଲି ଆସି ଜଗଦୀଶର ଘରେ କିଛି ଦିନ ଆଶ୍ରୟ ନେଉଥିଲେ। ପୂର୍ବରୁ ବାଲାଂଦେଶୀ ନାଗରିକଙ୍କ ନାମରେ ପ୍ରସ୍ତୁତ ନକଲି ପରିଚୟପତ୍ର ଓ ଆଧାରକାର୍ଡଗୁଡ଼ିକୁ ଦଲାଲ ଜଗଦୀଶ ଧରାଇ ଦେଉଥିଲା। ସେଠାରୁ ସମସ୍ତ ବାଲାଂଦେଶୀ ଅଟୋରେ ଆସି ବସ୍‌ଷ୍ଟାଣ୍ଡରେ ପହଞ୍ଚି ବସ୍‌ରେ ୭ରୁ ୮ ଘଣ୍ଟା ଯାତ୍ରା କରି ରେଲୱେ ଷ୍ଟେସନରେ ରହୁଥିଲେ। ନିଜର ଗନ୍ତବ୍ୟକୁ ଯିବା ଲାଗି ଟ୍ରେନ୍‌ରେ ଟିକଟ୍ ସୁନିଶ୍ଚିତ ହେବା ପରେ ଯାତ୍ରା ଆରମ୍ଭ କରୁଥିଲେ।

କେବଳ ଏସ୍‌ଟିଏଫ୍ ନୁହେଁ, ତେଲେଙ୍ଗାନା ପୁଲିସର ସ୍ୱତନ୍ତ୍ର ଟିମ୍ ବି ହାସିମ୍‌କୁ ଜେରା କରିଛି। ସେମାନେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛନ୍ତି। ହାସିମ୍‌କୁ ପୁଣିଥରେ ରିମାଣ୍ଡରେ ଆସିବା ପରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା, ଆଇବି ଓ ଏନ୍‌ଆଇଏ ବି ଜେରା କରିପାରେ। ବାଲାଂଦେଶରେ ଅସ୍ଥିରତା ଲାଗି ରହିଛି। ତେଣୁ ବାଂଲାଦେଶୀ ନାଗରିକମାନେ ବିଭିନ୍ନ ରାଜ୍ୟକୁ ଅନୁପ୍ରବେଶ କରୁଛନ୍ତି। ଏହି ଘଟଣା ପରେ ଓଡ଼ିଶାରେ ଥିବା ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ଚିନ୍ତା ବଢ଼ିଯାଇଛି। ବାଂଲାଦେଶୀଙ୍କ ଉପରେ ନଜର ରଖିବାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ସୂଚନାଯୋଗ୍ୟ, ଗତ ୯ ତାରିଖରେ ଡିବ୍ରୁଗଡ-ଚେନ୍ନାଇ ଏକ୍ସପ୍ରେସ୍‌ରୁ ୩ ମହିଳା ଓ ଜଣେ ନାବାଳକକୁ ମିଶାଇ ମୋଟ ୧୦ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଙ୍ଗାଲୁରୁ ଯାଉଥିବା ବେଳେ ଏସ୍‌ଟିଏଫ୍ ସେମାନଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ୍‌ରୁ କାବୁ କରିଥିଲା। ଏହାର ମୁଖ୍ୟ ଏଜେଣ୍ଟ ବା ମାଷ୍ଟରମାଇଣ୍ଡ ହାସିମ୍ ଥିଲା।


**AFFIDAVIT**

I Pramoda Kumar Pati Sharma F/o- Abhilash Pati of Vill Santhamadhab, PS/PO- Jajpur, Dist- Jajpur-755001, Odisha declare by virtue of an Affidavit in the court of Executive Magistrate Jajpur No.3072, Dated 29/03/25, state that now onwards i shall be Known as Pramod Kumar Pati Sharma for all future purposes.

**AFFIDAVIT**

By virtue of an affidavit, Sl. No. 17, dated 28.03.2025, in the court of the additional Tahasildar-cum-Executive Magistrate, Phiringia, Dist.-Kandhamal. I, Somanath Mallick, have changed my minor son's name from Pabitra Mallick to Dibya Prakash Mallick. Henceforth he will be known as Dibya Prakash Mallick for all purposes.

Sd/- Somanath Mallick

**AFFIDAVIT**

By virtue of an Affidavit before the Executive Magistrate Affidavit No-771, dated 19..03.25. I Diptiranjan Barik, Resident of Village NAGUAN, P.O-NAGUAN, P.S-Bhandaripokhari, Dist-Bhadrak, Pin-756112 declare that My Sons Birth Certificate Name is Asutosh Barik, But My sons AVIVA Life Insurance Bearing Policy No-10319161 Name has been mentionced as JUDHISTIR BARIK instead of ASUTOSH BARIK. That ASUTOSH BARIK & JUDHISTIR BARIK, S/o-Diptiranjan Barik is one & same person in the local city.

**AFFIDAVIT**

I, Madan Mohan Pal S/o-Ganesh Chandra Pal- ,resident of Village- Khedisahi, Po-Nishanpur, Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No.929 / dtd-24/03/2025 that My son name treated as same and one person as Manas Pal and Manas Kumar Pal in all respect for all purposes.

**AFFIDAVIT**

By virtue of an affidavit (Cf No. 458/2025, dtd- 28/02/2025) before the Executive Magistrate, Jharsuguda. I, **Srikant Kumar Bhoi,** S/o-Purnachandra Bhoi resident of At/Po- Jharagogua, PS-Laimura, Dist- Deogarh, Odisha have correct my mother's name from **Kamla Bhoi To Kamala Bhoi** in HSC Examination Board of Secondary Education, Orissa bearing Roll No. ME01095 & Certificate No. A202002937 & Sl. No. M 1118408.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-26/03/2025. I, **Sasmita Nahak,** Address: New street, At/Po-Ankuli, PS- B N Pur, Berhampur Sadar, Dist- Ganjam, Odisha, Pin- 760010 declare that I have changed my name from **Sasmita Mandalo To Sasmita Nahak.** Henceforth, I shall be known as **Sasmita Nahak,** W/o- Susanta Kumar Nahak for all future purposes.

**(Sasmita Nahak)**

**NOTICE**

By virtue of an affidavit sworn before the Executive Magistrate, Baripada, Mayurbhanj, dated 27/03/2025, I, Jasoda Sahu, Address W/o Sri Basanta Kumar Sahu, At - Tikayatpur, P.O - Sankerko, P.S - Badasahi, Dist - Mayurbhanj, declare that I have changed my name from Yashada Sahu @ Jasoda Behera to Jasoda Sahu.Henceforth, I shall be known as Jasoda Sahu for all purposes.

SD/- JASODA SAHU

**AFFIDAVIT**

By virtue of an affidavit sworn by me on the Court of Executive Magistrate, Baripada, Mayurbhanj on Dt. 28/03/2025, Vide & Sl. No 2007/28/03/25, I have changed my surname from Majhi to Murmu. Such as Sumi Majhi to Sumi Murmu. Henceforth, I will be known as SUMI MURMU, W/O Late Durga Murmu, resident of village - Karakachia, PO - Bankati, PS - Rairangpur,Dist. - Mayurbhanj for all purposes.

Sd/- Sumi Murmu

**AFFIDAVIT**

By virtue of an affidavit before the Executive Magistrate, Badasahi, Mayurbhanj, SL No - 124 dt 28/03/2025. I, Subhashree Behera, D/o- Agana Behera, At/Po - Patisari, P.S - Badasahi, Dist - Mayurbhanj, my actual name is Subhashree Behera, date of birth 18/04/2008, which is mentioned in HSC Board Certificate & Birth Certificate also. But in my Aadhaar Card, wrongly it is mentioned as Shubhashree Behera, date of birth 19/03/2007. Henceforth, I will be known as Subhashree Behera, born on 18/04/2008, for all purposes.

**NOTICE**

By virtue of an affidavit sworn before the court of executive magistrate, Udala, Mayurbhanj, dated 28-03-2025, I, Pana Marandi, age 41 years, w/o - Bhagaban Murmu, Village-Rangamatia, PO- Bahalda, Dist-Mayurbhanj, Odisha declare that my actual & correct name is Pana Marandi which is in my school certificate. But in Aadhar my surname is changed to Murmu. Pana Murmu and Pana Marandi are same and one person ie.my self. Henceforth I shall be known as Pana Marandi for all purpose.

Sd/- Pana Marandi

**NOTICE**

**By virtue of an Affidavit sworn before the Executive Magistrate Ranpur dated 27.03.2025 I, Biren Khamari, S/o Ranjan Kumar Palei permanent resident of vill: Chandramapatapursahi, PO: Kandhanayagarh, Ps: Chandapur, Dist: Nayagarh, Odisha Pin Code- 752024 declare that I have changed my name from Biren Sahoo (Old Name) to Biren Khamari (New Name). Henceforth, I shall be known as BIREN KHAMARI (New Name) for all future purposes.**

**AFFIDAVIT**

By the virtue of an affidavit sworn before Executive Magistrate, Daringibadi, Dated 29.03.2025. I Hemant Baliarsingh, S/o Santosh Baliarsingh, Address Dusarigaon, Po: Saramuli, Ps: Bamunigaon, Dist : Kandhamal, State: Odisha-762021 declare that I have changed my Son's name from IMRAN BALIARSINGH to ARPIT BALIARSINGH. Henceforth, he shall be known as IMRAN BALIARSINGH for all purposes.

**AFFIDAVIT**

By virtue of an affidavit sworn before The Notary Public, Rairakhol dated- 25/03/2025. I, **Surubali Mirdha,** Address: Vill- Lusura, PO- Similipal, PS-Rairakhol, Dist- Sambalpur, Pin-768106, Odisha declare that I have changed my name from **Surubari Mirdha To Surubali Mirdha.** Henceforth, I shall be known as **Surubali Mirdha** for all future purposes.

**AFFIDAVIT**

By virtue of an affidavit sworn before The Notary Public, Rairakhol dated- 26/03/2025. I, **Birupananda Sahoo,** Address: Vill- Lusura, PO-Similipal, PS- Rairakhol, Dist-Sambalpur, Pin-0000, Odisha declare that I have changed my name from **Birupa Sahoo To Birupananda Sahoo.** Henceforth, I shall be known as **Birupananda Sahoo,** S/o-Keshab Chandra Sahoo for all future purposes.

**NOTICE**

**By virtue of an Affidavit sworn before the Executive Magistrate Bhubaneswar No: 103, dated 26.03.2025, I Gaja Bhoi S/o Late Kenarsing Bhoi , resident of At-Kumudabahal, Po- Gopalpur, Ps- Thuamul Rampur, Kalahandi, Dist- Kalahandi, Odisha, Pin- 766037 declare that I have changed my minor Son's name from Khirad Bhoi (Old Name) to Kirtiraj Bhoi (New Name). Henceforth, he shall be known as KIRTIRAJ BHOI (New Name) for all future purposes.**

**Sd- Gaja Bhoi**

CDA

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

ସଂଖ୍ୟା - ୩୭୫୨, କ.ଉ.କ./ତା. ୨୯.୦୩.୨୦୨୫

CAD-

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି କଲେଜ ଛକ ସ୍ଥିତ, ବିକାଶ ସଦନ ମାର୍କେଟ୍ କମ୍ପ୍ଲେକ୍ସର ଦୋକାନ ଘର ନଂ. ଏ/୪୧ (ତଳମହଲା)ଟିକୁ ଶ୍ରୀ ବୀରଭାନୁ ମହାପାତ୍ରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ଶ୍ରୀ ରାଜେନ୍ଦ୍ର ନାରାୟଣ ମହାନ୍ତି, ପିତା- ଅନାଦି ଚରଣ ମହାନ୍ତି, ସା- ଗଣ୍ଡରପୁର, ନୂଆ ମାଲଗୋଦାମ ରୋଡ୍ ପାଖ, କଲେଜ ଛକ, କଟକ - ୭୫୩୦୦୩ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ (ସିନିୟର ମ୍ୟାନେଜର, ଇଣ୍ଡିୟାନ ଓଭରସିଜ୍ ବ୍ୟାଙ୍କ, ଯୋବ୍ରା ବ୍ରାଞ୍ଚ (୧୨୪୭), ସି.ଡି.ଏ ବିକାଶ ସଦନ ମାର୍କେଟ କମ୍ପ୍ଲେକ୍ସ, ପୋ- କଲେଜ ଛକ, କଟକ) କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ , ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସଚିବ**

OIPR-13037/11/0222/2425



**ମୂଳ ବଙ୍ଗଳା : ଶରତଚନ୍ଦ୍ର**

**ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ**

# ଚନ୍ଦ୍ରମୁଖୀ ଉପାଖ୍ୟାନ



ବଙ୍ଗଳାର ଗୋଟିଏ ପତ୍ରିକାରେ ଶରତଚନ୍ଦ୍ରଙ୍କୁ ତାଚ୍ଛଲ୍ୟ କରି ଲେଖାଟିଏ ପ୍ରକାଶ ପାଇଥାଏ। ବନ୍ଧୁମାନଙ୍କ ସହିତ ଶରତଚନ୍ଦ୍ର ସେହି ଲେଖାଟି ବିଷୟରେ ଆଲୋଚନା କରୁଥାନ୍ତି। ଜଣେ ବନ୍ଧୁଙ୍କର ପ୍ରଶ୍ନର ଉତ୍ତରରେ ସେ କହିଲେ – ସେମାନଙ୍କର ମୋ' ବିରୁଦ୍ଧରେ ଅଭିଯୋଗ ହେଲା ଯେ, ମୁଁ ପତିତାମାନଙ୍କର ଚରିତ୍ରକୁ ଏତେ ଅଭିନବ ମନୋହର ଢଙ୍ଗରେ ଚିତ୍ରଣ କରୁଛି କ'ଣ ପାଇଁ? ସେମାନଙ୍କର ଧାରଣା ମୁଁ ପୀଡ଼ିତାମାନଙ୍କୁ ସମର୍ଥନ କରି ଏସବୁ କରୁଛି। ନା, ତାହା ଠିକ୍ ନୁହେଁ। ଘଟଣାଟିଏ କହୁଛି ଶୁଣ। ଅଙ୍ଗେନିଭା ସତ୍ୟ ଘଟଣା।

-ଯେଉଁମାନଙ୍କର କଥା କହୁଛି ସେମାନେ ପରସ୍ପରର ଘନିଷ୍ଠ ବନ୍ଧୁ। ହରିହର ଆତ୍ମା। ଦିନେ ଦୁହେଁ ଫୂର୍ତ୍ତି କରିବାକୁ ଗୋଟିଏ ବେଶ୍ୟାଳୟରେ ଯାଇ ପହଞ୍ଚିଗଲେ। ଯେଉଁଠିକି ଯାଇଥିଲେ ସେଠିକାର ଝିଅଟି ଭଲ ନାଚିପାରେ ଆଉ ଗୀତ ମଧ୍ୟ ଗାଇପାରେ। ନାଚ ଆଉ ଗୀତର ଆସର ଚାଲିଥାଏ। ମଦ୍ୟପାନର ମାତ୍ରା ବଢ଼ି ଚାଲିଥାଏ। କିଛି ସମୟ ପରେ ଉଭୟଙ୍କୁ ଗଭୀର ନିଶା ହୋଇଗଲା। ଏକଦମ୍ ଅଚୈତନ୍ୟ।

ପରଦିନ ସକାଳେ ନିଶା ଉତୁରିବା ପରେ ସଂପୂର୍ଣ୍ଣ ସ୍ୱାଭାବିକ ମଣିଷ। ଦୁଇଜଣଙ୍କ ମଧ୍ୟରୁ ଜଣେ ଭିଡ଼ିମୋଡ଼ି ହୋଇ ଅଳସ ଭାଙ୍ଗି ଉଠି ବସିପଡ଼ି ଅଣ୍ଟାରେ ହାତମାରି ହଠାତ୍ ହାଉଳି ଖାଇ ଚିତ୍କାର କରି ଉଠିଲା - ହାଏ, ହାଏ! ଇଏ କ' ଣ ହେଲା ! ମୋର ତ ସର୍ବନାଶ ହେଇଗଲା ! ହାୟ, ମୁଁ ଭାସିଗଲି! ତା'ର ଚିତ୍କାର ଶୁଣି ଆର ବନ୍ଧୁଟିର ନିଦ ଭାଙ୍ଗିଗଲା। ସେ ଉଠି ବସି ଆଖି ମଳୁମଳୁ ପଚାରିଲା- ଆରେ କଣ ହେଲା ? କାହିଁକି ବୋବାଳି ଛାଡୁଛୁ ?

-କ'ଣ କହିଲୁ, ବୋବାଳି ଛାଡୁଛି କାହିଁକି? ଛାଡ଼ିବିନି? ଅଣ୍ଟାରେ ମୋର ବଟୁଆ ଥିଲା। ସେଥିରେ ତିନି ହଜାର ଟଙ୍କାର ନୋଟ୍ ବିଡ଼ା ରଖିଥିଲି। ସେଇଟା ମୁଁ ପାଉନି। ତୁ ଲୁଚେଇ ରଖିନୁ ତ?

-ବାରେ, ମୁଁ କାହିଁକି ଲୁଚେଇବି। କାଲି ରାତିରୁ ମୁଁ ତ ପୂରା ବେହୋସ୍ । ତୋ'ର ପାଟି ଶୁଣି ଏଇତ ମୁଁ ଉଠିଲି।

-ତା' ହେଲେ ସର୍ବନାଶ ହେଇଗଲାରେ। ସବୁ ସରିଗଲା। ଉଚ୍ଛନ୍ନ ହେଇଗଲି ମୁଁ । ଟଙ୍କାଟା ମହାଜନର ଥିଲା। ତା'ର ଟଙ୍କା ତାକୁ ପଇଠ ନ କଲେ ଚାକିରି ତ ଯିବ ତା' ସାଙ୍ଗକୁ ଜେଲ ଯିବାକୁ ପଡ଼ିବ। ମୋର ତ ସମ୍ପତ୍ତି ବାଡ଼ି କିଛି ନାହିଁ। ଥିଲେ ବିକିଭାଙ୍ଗି ପରିଶୋଧ କରି ଦେଇଥାନ୍ତି। ହେ ପ୍ରଭୁ! ମୁଁ ଏବେ କରିବି କ'ଣ ?

ବନ୍ଧୁଟିର ଆଶ୍ୱାସନା ଭରା ପରାମର୍ଶ କ୍ରମେ ଘରଟିର ଚାରିଆଡ଼େ ତନ୍ନ ତନ୍ନ କରି ଟଙ୍କା ଖୋଜା ଚାଲିଲା। କିନ୍ତୁ କୋଉଠି ହେଲେ ମିଳିଲା ନାହିଁ। ତାପରେ ହଠାତ୍ ଦୁଇବନ୍ଧୁଙ୍କର ଗତ ରାତିର ସେଇ ଝିଅଟି କଥା ମନେ ପଡ଼ିଗଲା। ସିଏ ଗଲା କୁଆଡ଼େ ? ସିଏ ଟଙ୍କା ନେଇ ପଳେଇ ଯାଇନି ତ ? ନହେଲେ ଘର ଭିତରୁ ବଟୁଆଟା ଯିବ ବା କୁଆଡ଼େ ?

ଏତିକିବେଳେ, ଯାହାକୁ କେନ୍ଦ୍ରକରି ଦୁଇବନ୍ଧୁଙ୍କର ଚର୍ଚ୍ଚା ଚାଲିଥିଲା, ସେଇ ଝିଅଟି ଘର ଭିତରକୁ ପ୍ରବେଶ କଲା। ଝିଅଟିକୁ ଦେଖି ଟଙ୍କା ଚୋରି ହୋଇଥିବା ଲୋକଟି କାନ୍ଦିକାନ୍ଦି ଅଥୟ ହୋଇ ବାହୁନିବାକୁ ଲାଗିଲା।

ସବୁ ଶୁଣିସାରି ଝିଅଟି ଧୀର ଗଳାରେ କହିଲା – ନିଶା ଝୁଙ୍କରେ ଏପଟସେପଟ ଗଡୁଥିବା ଅବସ୍ଥାରେ ତୁମେମାନେ ଶେଯରୁ ଚଟାଣ, ଘରର ଚଟାଣରୁ ଗଡ଼ିଗଡ଼ି ଯାଇ ବାହାର ପାହାଚ ଉପରେ ମଲା ମଣିଷ ପରି ପଡ଼ିଥିଲ। ତୁମକୁ ଉଠାଇ ଆଣି ଘର ଭିତରେ ଶୁଆଇଲି। ସେତେବେଳେ କେତେ ଯେ ଗାଳି ମୋତେ କରିଚ, ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ତଥାପି କୌଣସି ପ୍ରକାରେ ଟେକି ଆଣି ଘର ଭିତରେ ଶୁଆଇ ଦେଇ ଉଠିଲାବେଳକୁ ଦେଖିଲି ଘର ମଝିରେ ଟଙ୍କାର ମୁଣିଟା ପଡ଼ିଛି। ସେଇଟାକୁ ପହରା ଦେଇ ଜଗିବସି ସାରାରାତି କଟିଛି ମୋର। ଏଇ ପଡ଼ାଟି ଯେ କେତେ ଖରାପ, କେତେ ଯେ ବିପତ୍ତି ଏଠି ଲୁଚି ରହିଛି, ସେ କଥା ତୁମେମାନେ କ'ଣ ଜାଣ ? କେତେ ରକମର ଲୋକ ଆସୁଛନ୍ତି, ଯାଉଛନ୍ତି, ଗୁଣ୍ଡା ବଦମାସମାନେ ତ ହାଉଁ ହାଉଁ କରି ସବୁବେଳେ ଘୂରି ବୁଲୁଛନ୍ତି ଏଇ ଗଳିରେ। ସେମାନେ ଅବଶ୍ୟ ସାହସ କରି ଘର ଭିତରକୁ ପଶି ନାହାନ୍ତି। ହୁଏତ ଭାବିଥିଲେ ତୁମେ ଏ ଘରୁ ବାହାରକୁ ବାହାରି ଗଲେ ଆକ୍ରମଣ କରି ଟଙ୍କା ସୁନା ସବୁ ଛଡ଼େଇ ନେବେ। ଛାର ଟଙ୍କା କେଇଟା ପାଇଁ ନିଇତି କେତେ ଯେ ମଣିଷ ମାରନ୍ତି ସେମାନେ, ତା'ର ହିସାବ ନାହିଁ। ଏଇ ପରିସ୍ଥିତିରେ ମୋର ଅବସ୍ଥା କଥା ଥରେ ଭାବି ଦେଖ ତ! ହାତରେ ମୋର ତୁମମାନଙ୍କର ଟଙ୍କାମୁଣା ଆଉ ବାହାରେ ଗୁଣ୍ଡାମାନଙ୍କର ପଇନ୍ତରା – ମୁଁ ତ ବହୁତ ଡରି ଯାଇଥିଲି। କବାଟ କିଳି କାଠଗେଡ଼ା ଦେଇ ସାରାରାତି ତୁମମାନଙ୍କର ଟଙ୍କାକୁ ଜଗି ବସିଲି। ସକାଳ ହେବାରୁ କିଛି ସମୟ ପାଇଁ ନିତ୍ୟକର୍ମ ସାରିବାକୁ ବାହାରକୁ ଯାଇଥିଲି।

ଝିଅଟି ଏକାନିଃଶ୍ୱାସରେ କଥାଗୁଡ଼ାକ କହି ତା' ପେଟ ଉପରର ପିନ୍ଧା ଶାଢ଼ି ଭିତରୁ ମୁଣାଟାକୁ ବାହାର କରି ଦୁଇ ବନ୍ଧୁଙ୍କ ଆଗରେ ରଖିଦେଲା।

ଘଟଣାଟିର ବର୍ଣ୍ଣନା ଶେଷ କରି ଶରତଚନ୍ଦ୍ର କହିଲେ- ଏବେ ତୁମେ ଭାବି କରି ଦେଖ ଆଉ କୁହ, ଏଇ ଝିଅଟିର ମହତ୍ତ୍ୱ କେତେ? ଯେଉଁ ନାରୀ ସାମାନ୍ୟ କେତେଟା ଟଙ୍କା ପାଇଁ ନିଜକୁ ପଣ୍ୟ କରି ଅନ୍ୟକୁ ସୁଖର ଖୋରାକ ଯୋଗାଉଛି, ସେଇ ନାରୀ ହଜାର ହଜାର ଟଙ୍କାର ଲୋଭକୁ ସମ୍ବରଣ କରି ଶେଷରେ ଯାହାର ଧନ ତାକୁ ଫେରାଇ ଦେଉଛି। ଏହା କ'ଣ ସାମାନ୍ୟ କଥା। ସେଇଥି ପାଇଁ ମୁଁ କୁହେ, ବାହାରର ରୂପ ଏଇ ପତିତାମାନଙ୍କର ଅସଲ ରୂପ ନୁହେଁ। ସେମାନେ ମଧ୍ୟ ମଣିଷ। ସେମାନଙ୍କର ମଧ୍ୟ ହୃଦୟ ଅଛି। ଆଉ ସେଇ ହୃଦୟ ଭିତରେ ସତ-ପ୍ରକୃତି ଏବେ ବି ବଞ୍ଚିଛି, ମରିଯାଇନି।

ତେଣୁ ମୁଁ ମୋର ଯେଉଁ ଚନ୍ଦ୍ରମୁଖୀ ଆଙ୍କିପାରିଛି, ସେଥିପାଇଁ ଏଇ ସତ୍ୟ ଘଟଣାର ସେଇ ନାରୀ ଚରିତ୍ର ପାଖରେ ମୁଁ ଋଣୀ। ସେ ହିଁ ମୋର ଚନ୍ଦ୍ରମୁଖୀର ଉପାଦାନ, ଆଉ ସେ ହିଁ ପତିତାମାନଙ୍କ ସପକ୍ଷରେ ମୋର ଦୃଷ୍ଟିଭଙ୍ଗୀର ଆଦର୍ଶ । ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪



**ମୂଳ ଇଂରାଜୀ : ୱାଲେସ୍ ଷ୍ଟିଭେନ୍‌ସ**

**ଭାଷାନ୍ତର: ମନୋଜ କୁମାର ଦାଶ**

## ବସନ୍ତ ପୂର୍ବର ବିଷାଦ

କୁକୁଡ଼ା ଆୱାଜ ଦିଏ
କିନ୍ତୁ କୌଣସି ବି ରାଣୀ
ଉଠନ୍ତି ନାହିଁ

ମୋର କେଶରାଶି
ଝଟକି ଉଠେ
ଯେମିତି କି ଗାଈମାନଙ୍କର
ଲାଳ ପବନରେ ଦୋହଲି ଉଠେ।

ହୋହେ!

କି-କି-ରିକି
ରୋ-କୋ- ପରି ଶବ୍ଦ ଆଣେ ନାହିଁ
ରୋ- କୋ- କୋ ଶବ୍ଦ।

କିନ୍ତୁ ଜଣେ ବି ରାଣୀ
ଘାସ ଗାଲିଚା ଉପରେ
ଚାଲିକି ଆସନ୍ତି ନାହିଁ ।■

## ଆଉ ଜଣେ କାନ୍ଦୁଥିବା ସ୍ତ୍ରୀ ଲୋକ

ତୁମର ତିକ୍ତ ହୃଦୟରୁ
ସବୁ ଯେତେ ଦୁଃଖ ଢାଳି ଦିଅ
ଯେଉଁ ତିକ୍ତତା
କେବେ ବି ଆନନ୍ଦ
ଆଣିବ ନାହିଁ।

ଏଇ ଅନ୍ଧକାରରେ
ବିଷ ଆହୁରି ବଢ଼ିବ।
କେବଳ ଲୁହରେ ଲୁହରେ
କଳା କଳା
ହୋଇ ଏହାର
କଢ଼ି ସବୁ ବଢ଼ିବ।

ବଞ୍ଚି ରହିବାର
ଚମତ୍କାର କାରଣ, କଳ୍ପନା ହିଁ
ଏକମାତ୍ର ବାସ୍ତବତା
ଏହି କଳ୍ପନାର ପୃଥିବୀରେ।

ଏହା ତୁମକୁ
ନିଛାଟିଆ କରି
ତାଙ୍କ ଠୁଁ ଏକଲା ଛାଡ଼ିଦିଏ
ଆଉ ତୁମକୁ
ମୃତ୍ୟୁର ଶୂଳୀରେ ବସାଇ ଦିଏ।■

ବରଗଡ଼
ମୋ: ୯୭୭୭୪୨୫୭୦୩

# ଜ୍ଞାନପୀଠ ବିଜେତା ବିନୋଦ କୁମାର ଶୁକ୍ଳ



**ପ୍ରଦୀପ କୁମାର ରାୟ**

୨୦୨୪ ମସିହା ପାଇଁ ଘୋଷିତ ହୋଇଛି ୫୯ତମ ଜ୍ଞାନପୀଠ ପୁରସ୍କାର । ଏଥର ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି ତଥା ଔପନ୍ୟାସିକ ଶ୍ରୀଯୁକ୍ତ ବିନୋଦ କୁମାର ଶୁକ୍ଳ । ବିନୋଦ କୁମାର ୧୯୩୭ ମସିହା ଜାନୁଆରୀ ମାସ ୧ ତାରିଖ ଦିନ ରାଜନନ୍ଦଗାଁଓ (ଛତିଶଗଡ଼)ଠାରେ ଜନ୍ମଗ୍ରହଣ କରିଥିଲେ। ଜବଲପୁର କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଗ୍ରହଣ କରି ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ଯୌବନରୁ ସାହିତ୍ୟ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ପରବର୍ତ୍ତୀ କାଳରେ ମୁକ୍ତିବୋଧଙ୍କ ପରି କବିଙ୍କ ସାନ୍ନିଧ ତାଙ୍କୁ ସାହିତ୍ୟ ରଚନାରେ ମନୋନିବେଶ କରାଇବାକୁ ପ୍ରେରିତ କରିଥିଲା ।

ବିନୋଦ କୁମାରଙ୍କ ପ୍ରଥମ କବିତା ସଙ୍କଳନ 'ଲଗଭଗ ଜୟହିନ୍ଦ୍' ୧୯୭୧ ମସିହାରେ ପ୍ରକାଶ ପାଇଥିଲା। ଏହାପରେ 'ୱହ ଆଦମୀ ନୟା କୋର୍ଟ ପହନକର ଚଲାଗୟା ବିଚାର କି ତରହ' (୧୯୮୧ ), 'ସବକୁଛ ହୋନା ବଚା ରହେଗା' (୧୯୯୨ ), 'ଅତିରିକ୍ତ ନୈହିଁ' ( ୨୦୦୧ ), 'କବିତାସେ ଲମ୍ବି କବିତା' (୨୦୦୮) ପ୍ରକାଶ ପାଇଥିଲା। ସେହିପରି 'ମହାବିଦ୍ୟାଳୟ', 'ନୌକର କି କମିଜ୍', 'ଦିୱାର ମେଁ ଏକ ଖିଡ଼କି ରହତି ଥି', 'ଖିଲେଗା ତୋ ଦେଖେଙ୍ଗେ', 'ହରି ଘାଁସ କି ଛପ୍ପର ବାଲି ଝୋପଡି ୱର୍ ବୋନା ପାହାଡ଼' ପ୍ରଭୃତି ବିନୋଦ କୁମାରଙ୍କ କେତୋଟି ଉଲ୍ଲେଖନୀୟ ଗଳ୍ପ ସଙ୍କଳନ ଏବଂ ଉପନ୍ୟାସ। ଉପନ୍ୟାସ 'ଦିୱାର ମେଁ ଏକ ଖିଡ଼କି ରହତି ଥି' ପାଇଁ ତାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କର ଉପନ୍ୟାସ 'ନୌକର କି କମିଜ୍' ଅବଲମ୍ବନରେ ବିଖ୍ୟାତ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ମଣି କୌଲ ଏବଂ ଗଳ୍ପ 'ଆଦମୀ କି ଔରତ' ଅବଲମ୍ବନରେ ଅମିତ୍ ଦତ୍ତା ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ୨୦୨୩ ମସିହାରେ ତାଙ୍କୁ ମର୍ଯ୍ୟାଦାଜନକ ଆନ୍ତର୍ଜାତିକ ପୁରସ୍କାର 'ପେନ୍/ ନବାକୋଭ୍ ପୁରସ୍କାର' ଦ୍ୱାରା ସମ୍ମାନିତ କରାଯାଇଛି । 'କେବଳ ଜଡେଁ ହେଁ' ତାଙ୍କର ସଦ୍ୟତମ ପ୍ରକାଶିତ କବିତା ସଙ୍କଳନ।

ବିନୋଦ କୁମାରଙ୍କ ଗଦ୍ୟରେ ଏକ ପ୍ରକାର କୋମଳତା ପରିଲକ୍ଷିତ ହୁଏ, କିନ୍ତୁ ସେହି କୋମଳତାରେ ମଧ୍ୟ ଏକ ଆଗ୍ରହ ରହିଛି - ସେହି ଆଗ୍ରହ ସାମ୍ପ୍ରଦାୟିକତାକୁ ବିଲୋପ କରିବାର ଆଗ୍ରହ । ବିନୋଦ କୁମାର ଗୁଜରାଟ ଦଙ୍ଗା ଉପରେ ମଧ୍ୟ କବିତା ଲେଖିଛନ୍ତି, ଯେଉଁ ବିଷୟକୁ ନେଇ କବିତା ଲେଖିବା ପାଇଁ ସମକାଳୀନ କବିମାନେ କୁଣ୍ଠା ପ୍ରକାଶ କରୁଥିଲେ। ଆଦିବାସୀମାନଙ୍କର ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର ସମ୍ପର୍କରେ ତାଙ୍କ ରଚନା ସର୍ବଦା ମୁଖର। ପୁଞ୍ଜିବାଦ ବିରୁଦ୍ଧରେ ତାଙ୍କ ସାହିତ୍ୟ ମାଧ୍ୟମରେ ସର୍ବଦା ସେ ସ୍ୱର ଉତ୍ତୋଳନ କରିଛନ୍ତି। ଆଦିବାସୀଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ତାଙ୍କ ରଚନାରେ ଯେପରି ପ୍ରତିଫଳିତ ହୋଇଛି, ଠିକ୍ ସେହିପରି ତାଙ୍କର ଆଚରଣ ଏବଂ ଉଚ୍ଚାରଣରେ ମଧ୍ୟ ତାହା ପ୍ରକାଶ ପାଇଛି। ଗୋଟିଏ ସାକ୍ଷାତକାରରେ ସେ କହିଛନ୍ତି – "ଜଣେ ଆଦିବାସୀ ଝିଅ ବାଘକୁ ଭୟ କରେ ନାହିଁ, କିନ୍ତୁ ମହୁଲ ଫୁଲ ଟୋକେଇ ଧରି ଗୀଦମ ବଜାରକୁ ଯିବାପାଇଁ ଭୟ କରେ ।"



ସାମାଜିକ ସ୍ତରରେ ଥିବା ଅସମାନତାର ଅନ୍ଧାରୁଆ ଗର୍ଭଗୃହ ପର୍ଯ୍ୟନ୍ତ ବିନୋଦ କୁମାରଙ୍କ ଲେଖକୀୟ ଦୃଷ୍ଟି ପ୍ରସରି ଯାଇଛି ଏବଂ ତାଙ୍କ ସାହିତ୍ୟରେ ତାହା ସ୍ପଷ୍ଟ। "ରୂପଯେ', 'ଟୁକଡା ଆଦମୀ' ଶୀର୍ଷକ ଗଳ୍ପ ଦୁଇଟି ଏହାର ସାର୍ଥକ ଉଦାହରଣ । ବିନୋଦ କୁମାରଙ୍କ ଗଳ୍ପ ଏବଂ ଉପନ୍ୟାସର ଚରିତ୍ରମାନେ ସାଧାରଣ ଦୈନନ୍ଦିନ କାର୍ଯ୍ୟବ୍ୟସ୍ତ ମଣିଷ, କିନ୍ତୁ ସେହିସବୁ ଚରିତ୍ରମାନେ କାହାଣୀ ସହିତ ଓତପ୍ରୋତ ଭାବରେ ମିଶି ଏକ ଯାଦୁ -ଯଥାର୍ଥବାଦର ସାହିତ୍ୟିକ ଚରିତ୍ର ପାଲଟି ଯାଆନ୍ତି ଏବଂ ସେହି ଚରିତ୍ରମାନେ ପ୍ରବଳ ଭାବରେ ପାଠକମାନଙ୍କ ହୃଦୟରେ ଘର କରି ରହିଯାଆନ୍ତି ।

'ଦିୱାର ମେଁ ଏକ ଖିଡ଼କି ରହତି ଥି' ଉପନ୍ୟାସର ନାୟକ ରଘୁବର ପ୍ରସାଦ, ଜଣେ ଗଣିତ ଅଧ୍ୟାପକ ଏବଂ ଖୁବ୍ ପାରିବାରିକ ମଣିଷ। ରଘୁବର ପ୍ରସାଦଙ୍କ ଜୀବନ ଗୋଟିଏ କୋଠରି ସଦୃଶ । କିନ୍ତୁ ତାଙ୍କ ଜୀବନରେ ପ୍ରେମ ଆସେ ଏବଂ ସେହି କୋଠରିର ଗୋଟିଏ ଝର୍କା ଖୋଲିଯାଏ । ସେହି ଝର୍କା ଅବଶିଷ୍ଟ ଜଗତଠାରୁ ଭିନ୍ନ ଏକ ଜଗତ ଆଡ଼କୁ ଉନ୍ମୁକ୍ତ। ରଘୁବର ଏବଂ ତାଙ୍କ ପତ୍ନୀ ସେହି ଝର୍କା ବାଟେ ଡେଇଁ ପଡ଼ନ୍ତି ଏବଂ ପ୍ରେମର ଏକ ଭିନ୍ନ ଜଗତରେ ମିଳେଇ ଯାଆନ୍ତି। ଏହିପରି ଗୋଟିଏ ଝର୍କା କେବଳ ବିନୋଦ କୁମାରଙ୍କ କଲମ ହିଁ ଖୋଲିପାରେ।

ନାରୀମାନଙ୍କର ସ୍ୱାଧିକାର ଓ ସମ୍ମାନକୁ ନେଇ ବିନୋଦ କୁମାର ଅନେକ ଗଳ୍ପ ଓ କବିତା ଲେଖିଛନ୍ତି। ଏ ସଂପର୍କିତ ତାଙ୍କର ବହୁଚର୍ଚ୍ଚିତ ଗଳ୍ପ ହେଉଛି 'ଆଦମୀ କି ଔରତ'। ଉକ୍ତ ଗଳ୍ପରେ ପୁରୁଷତାନ୍ତ୍ରିକ ସମାଜ ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଗଳ୍ପର ନାୟିକାର ହାତରେ ତା'ର ପିତାମାତାଙ୍କ ଦ୍ୱାରା ଦିଆଯାଇଥିବା ନାମ ଖୋଦିତ ହୋଇଛି। ସମସ୍ତେ ତାକୁ ସେହି ନାମରେ ହିଁ ଡାକନ୍ତି । କିନ୍ତୁ ତା'ର ସ୍ୱାମୀକୁ ତାହା ଆଦୌ ପସନ୍ଦ ନୁହେଁ। ତା'ର ସ୍ୱାମୀର ଇଚ୍ଛା, ତା'ର ସ୍ତ୍ରୀ ତା' ନାମରେ ହିଁ ପରିଚିତ ହେବ। ଫଳରେ ସେ ତା' ସ୍ତ୍ରୀ ହାତରୁ ସେହି ଖୋଦେଇ ହୋଇଥିବା ନାମକୁ ଲିଭାଇବା ପାଇଁ ବିଭିନ୍ନ ପ୍ରୟାସ କରିଛି। ଆମ ସମାଜର ପୁରୁଷମାନଙ୍କର ମାନସିକତା କେତେ ଜଘନ୍ୟ, ବିନୋଦ କୁମାର ଏହି ଗଳ୍ପରେ ତା'ର ସାର୍ଥକ ପ୍ରକାଶ କରିଛନ୍ତି। ହିନ୍ଦୀ ସାହିତ୍ୟର ଆଲୋଚକମାନଙ୍କ ମତରେ ବିନୋଦ କୁମାର ତାଙ୍କ ସାହିତ୍ୟରେ 'ଘର'ର କଥା କହନ୍ତି, କିନ୍ତୁ କହିବା ପୂର୍ବରୁ ଘରର ବାହାରୁ ଘରକୁ ନିରେଖି ଦେଖନ୍ତି ଏବଂ ତା'ପରେ ଘର ଭିତରକୁ ଆସି ଭିତରୁ ଘରକୁ ଦେଖନ୍ତି ଖୁବ୍ ଆତ୍ମିକ ଭାବରେ ।

ମଣିଷର ନୀଚତା ଓ କ୍ରୂରତା ତାଙ୍କୁ ଭୀଷଣ ଦୁଃଖ ଦିଏ। ଏକ ସାକ୍ଷାତକାରରେ ସେ କହିଛନ୍ତି – "ମୋର ଅଗଣାରେ ପାଚେରି କଡ଼ରେ ଦୁଇଟି ବଡ଼ ବଡ଼ ବକୁଳ ଗଛ ଥିଲା। ସବୁଜ ପତ୍ରରେ ଭରପୂର ସେହି ଗଛ ଦୁଇଟିରେ ପ୍ରଚୁର ଫୁଲ ଫୁଟୁଥିଲା। କାଳକ୍ରମେ କିଛି ଡାଳ ରାସ୍ତା ଆଡ଼କୁ ବଢ଼ି ଯାଇଥିଲା। ମୋ'ର ଜଣେ ପଡ଼ୋଶୀ ନଗର ନିଗମରେ ଅଭିଯୋଗ କରି ଗଛ ଦୁଇଟି କଟାଇ ଏକାବେଳକେ ଥୁଣ୍ଟା କରାଇ ଦେଇଥିଲେ। ଅଭିଯୋଗର କାରଣ କ'ଣ ଜାଣିଛନ୍ତି? ସେହି ଗଛ ଦୁଇଟିରେ ଅସଂଖ୍ୟ ପକ୍ଷୀ ବସା ବାନ୍ଧି ରହୁଥିଲେ। ସେହି ପକ୍ଷୀମାନଙ୍କର ମଳତ୍ୟାଗ ହେତୁ ପରିବେଶ କୁଆଡ଼େ ପ୍ରଦୂଷିତ ହେଉଥିଲା। ଆଚ୍ଛା କୁହନ୍ତୁ ତ, ପୃଥିବୀରେ କେବଳ କ'ଣ ମଣିଷମାନେ ରହିବେ ? ଅନ୍ୟ କୌଣସି ପ୍ରାଣୀଙ୍କର ରହିବାର ଅଧିକାର ନାହିଁ ? ମଣିଷ କାହିଁକି ଏତେ କ୍ରୂର ଯେ ?"

ଆମେ ଲକ୍ଷ୍ୟ କରୁ ଯେ, ଏହି ପ୍ରଶ୍ନ ତାଙ୍କୁ ସଦାସର୍ବଦା ବ୍ୟସ୍ତ ଓ ବିବ୍ରତ କରିଛି। ମଣିଷର ନୀଚତା ଓ କ୍ରୂରତା ତାଙ୍କ ସାହିତ୍ୟରେ ଅତି ଚମତ୍କାର ଭାବରେ ରୂପ ପାଇଛି। ଜ୍ଞାନପୀଠ ପୁରସ୍କାର ଘୋଷିତ ହେବା ପରେ ୮୮ ବର୍ଷ ବୟସ୍କ ଏହି ମାନବ ଦରଦୀ ସ୍ରଷ୍ଟା ତାଙ୍କର ପ୍ରାଥମିକ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି – "ଏହି ସ୍ୱୀକୃତି ଏକ ବିରାଟ ଦାୟିତ୍ୱ। ମୋର ଅନେକ କିଛି ଲେଖିବାର ଥିଲା, କିନ୍ତୁ ଖୁବ୍ ଅଳ୍ପ ମୁଁ ଲେଖି ପାରିଛି। ମୁଁ ଅନେକ କିଛି ଦେଖିଛି, ଅନେକ କିଛି ଶୁଣିଛି, ଅନେକ କିଛି ଅନୁଭବ କରିଛି, କିନ୍ତୁ ତାହାର ଖୁବ୍ ସାମାନ୍ୟ ହିଁ ମୁଁ ଲେଖି ପାରିଛି ।"

ପ୍ରକୃତି ଯେମିତି ପୃଥିବୀକୁ ଗଛଲତା ବଣ ପାହାଡ଼, ନଦୀ, ସମୁଦ୍ର ଇତ୍ୟାଦି ଦ୍ୱାରା ସୁଶୋଭିତ କରିଥାଏ, ଠିକ୍ ସେହିପରି ତନ୍ମୟତା ସହିତ ସାହିତ୍ୟ ସୃଷ୍ଟି କରିଛନ୍ତି ବିନୋଦ କୁମାର। ବିନୋଦ କୁମାର ଶୁକ୍ଳଙ୍କ ସାହିତ୍ୟ ସହିତ ଭେଟ ହେବା ଅର୍ଥ ନଈ ସହିତ ଭେଟ ହେବା, କିଛିଟା ପହଁରିବା ଆଉ କିଛିଟା ବୁଡ଼ିଯିବା। ■

## ପୁସ୍ତକ ଓ ପତ୍ରିକା ପରିଚୟ

### ମଗ୍ନ ମାଟିର ବାସ୍ନା

**ମହାଶ୍ୱେତା ସାହୁ**




ସାଇ ଯମୁନା ପବ୍ଲିକେଶନ୍‌ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ଯୁବ କଥାଶିଳ୍ପୀ ମହାଶ୍ୱେତା ସାହୁଙ୍କ ଉପନ୍ୟାସ 'ମଗ୍ନ ମାଟିର ବାସ୍ନା' ପ୍ରକାଶ ପାଇଛି। ପ୍ରେମ କେବେ ମରେ ନାହିଁ। ପ୍ରେମ ଚିରକାଳ ମଣିଷର ଆତ୍ମାକୁ ବିଚ୍ଛୁରିତ କରେ। ପ୍ରେମ ଦେହରେ ନଥାଏ, ଥାଏ ମନରେ। ଦେହର ଭୋକ ଓ ପେଟର ଭୋକ ପରି ମନର ଭୋକ ମଧ୍ୟ ଥାଏ, ଯାହା ତୃପ୍ତି ଖୋଜେ। ପୂର୍ଣ୍ଣତା ଖୋଜେ । ଏଭଳି ଏକ କାହାଣୀକୁ ନେଇ ଗତିଶୀଳ ହୋଇଛି 'ମଗ୍ନ ମାଟିର ବାସ୍ନା' ଉପନ୍ୟାସ। ଏକ ଅସଫଳ ଅଥଚ ସଫଳ ପ୍ରେମ କାହାଣୀର ଚିତ୍ର ପ୍ରତିଫଳିତ ହୋଇଛି ଏହି ଉପନ୍ୟାସରେ। କଲେଜରେ ଅଧ୍ୟୟନ କରୁଥିବା ଦୁଇ ଜଣ ତରୁଣତରୁଣୀଙ୍କ ପ୍ରେମ ସଂପର୍କକୁ ନେଇ ଏହି ଉପନ୍ୟାସ ଆଧାରିତ। କାହାଣୀ ଆରମ୍ଭ ହୋଇଛି ଫେସ୍‌ବୁକ୍ ମେସେଞ୍ଜର ବାର୍ତ୍ତାଳାପରୁ। ଅତୀତର ସ୍ମୃତିଚାରଣ ପୂର୍ବକ କାହାଣୀଟି ବର୍ଣ୍ଣନା କରାଯାଇଛି। ପ୍ରେମର ପରିଭାଷା ଏଠି ବହୁ ଭିନ୍ନ। ଚିରାଚରିତ ପ୍ରେମର କାହାଣୀ ନାହିଁ ଏହି ଉପନ୍ୟାସରେ। ବରଂ ଜଣକ ପ୍ରେମରେ ଆତ୍ମମଗ୍ନ ହୋଇ ବର୍ଷ ବର୍ଷ ତା' ସ୍ମୃତିରେ ଜଳିଛି। ସରଳ ଓ ବୋଧଗମ୍ୟ ଭାଷା, ଆକର୍ଷଣୀୟ ଉପସ୍ଥାପନା ଶୈଳୀ , ନିଆରା ପ୍ରେମ କାହାଣୀ ଉପନ୍ୟାସକୁ ଅଧିକ ସୁଖପାଠ୍ୟ କରିଛି। 'ମାଟି ମଗ୍ନର ବାସ୍ନା' ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■

### ଜହ୍ନରାତିର ଛାଇ

**ଅରୁଣ କୁମାର ସାହୁ**




ପକ୍ଷୀଘର ପ୍ରକାଶନୀ
ମଧୁସୂଦନ ନଗର,
ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୫ ଟଙ୍କା

"ସରଗରୁ ଯଦି ତାରା କେବେ ଖସେ/ ତୁମ ହାତେ ନେଇ ଦେବି/ ସପନରେ ଯଦି ପରୀ କେବେ ଆସେ/ ତୁମ ଚିତ୍ର ଆଙ୍କି ଦେବି ।" (ତୁମ ପାଦଚିହ୍ନ ଚିହ୍ନିଚିହ୍ନି) ପ୍ରେମିକାକୁ ନେଇ ଅନେକ ମିଠା ମିଠା ସ୍ୱପ୍ନ ଦେଖେ ପ୍ରେମିକ। ସେଇ ସୁନେଲି ସ୍ୱପ୍ନ ଯେବେ କବିଙ୍କ କଲମ ମୁନରେ ଉତୁରି ଆସେ କବିତା ହୋଇଉଠେ ପ୍ରାଣସ୍ପର୍ଶୀ। ଏମିତି କିଛି ପ୍ରେମର ନିଆରା ଅନୁଭବ ଅତି ମାର୍ମିକ ଭାବେ ଫୁଟି ଉଠିଛି କବି ଅରୁଣ କୁମାର ସାହୁଙ୍କ 'ଜହ୍ନରାତିର ଛାଇ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ୩୪ଟି କବିତା ସଂକଳିତ ହୋଇଛି। ଏହି ପୁସ୍ତକର 'ବୈଶାଖର ଜହ୍ନରାତି', 'ଶରତର ଜହ୍ନରାତି', 'ବସନ୍ତର ଜହ୍ନରାତି', 'ଶ୍ରାବଣର ଜହ୍ନରାତି', 'ଚତୁର୍ଦ୍ଦଶୀର ଜହ୍ନ' ଆଦି କବିତାରେ ଜହ୍ନରାତିର ଚିତ୍ର ଅତି ହୃଦୟସ୍ପର୍ଶୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି 'ଦେଉଛି ମୋ ଭାବନା ସବୁ', 'ପ୍ରେମିକା ଦେବୀ, 'ଆସୁନାହଁ ତୁମେ ଜମା କେତେ ଦିନ ଧରି', 'ଶ୍ରାବଣ ଗୋ ତୁମେ ସାକ୍ଷୀ', 'ଯାଯାବର ପ୍ରେମିକା' ଆଦି କବିତା ପ୍ରେମ ଆଧାରିତ। କବିଙ୍କ କଲମରେ ଦୁଃଖର ବେଦନା କେତେବେଳେ ମମତାର ଅଶ୍ରୁ ହୋଇ ଝରି ପଡୁଛି, ପୁଣି କେତେବେଳେ ସନ୍ଦେହ ଭିତରେ ଭଲ ପାଇବାର ଚାରାଟିଏ ଲୁଚି ରହିଥିବା କବି ଅନୁଭବ କରୁଛନ୍ତି। ପ୍ରେମର ନିଆରା ଅନୁଭବ, ଭାଷାର ଲାଳିତ୍ୟ କବିତାଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ।■

### ହୃଦ କପାଟ

**ଇନ୍ଦିରା ଦତ୍ତ**




ତୀରତରଙ୍ଗ ପବ୍ଲିକେଶନ୍‌ସ
ଚନ୍ଦକା ଶିଳ୍ପାଞ୍ଚଳ,
ଭୁବନେଶ୍ୱର-୨୪
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୦୦ ଟଙ୍କା

ଜୀବନର ଚଲାପଥ ବେଶ୍ କଣ୍ଟକିତ। କେବେ ଜହ୍ନରାତି ତ କେବେ ଘନ ଅନ୍ଧକାର। ପୁଣି କେବେ ଘଟଣା, ଦୁର୍ଘଟଣା। ଜୀବନର ଏମିତି କିଛି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଇନ୍ଦିରା ଦତ୍ତଙ୍କ 'ହୃଦ-କପାଟ' ପୁସ୍ତକର ଗଳ୍ପଗୁଡ଼ିକରେ । ଏହି ପୁସ୍ତକରେ ୧୫ଟି ଗପ ସଂକଳିତ ହୋଇଛି। 'ସଂପର୍କ', 'ବଉଳ ଫୁଲର ବାସ୍ନା', 'ମୁକ୍ତି', 'ପରିଚୟ', 'ମୁଁ ମଣିଷ ହୋଇଗଲି', 'କଥନିକା', 'କହି ତ ନୋହିଲା', 'ନନ୍ଦମାଷ୍ଟ୍ରେ', 'କେତେ ରଙ୍ଗର ଜୀବନ', 'ମରୀଚିକା' ଆଦି ମନଛୁଆଁ ହୋଇଛି। ଏହି ପୁସ୍ତକର ଅନେକ ଗଳ୍ପରେ ପରିବର୍ତ୍ତିତ ସାଂପ୍ରତିକ ସମାଜର ଚିତ୍ର, ମାନବୀୟ ସମ୍ବେଦନଶୀଳତା, ଉଦାର ଚିନ୍ତାଧାରା, ପ୍ରକୃତି ପ୍ରୀତି ପ୍ରସ୍ଫୁଟିତ ହୋଇଉଠିଛି। ବିବାହ ପ୍ରତି ବିମୁଖ ହୋଇ 'ଲିଭ୍ ଇନ୍ ରିଲେସନ୍'ରେ ରହିବାକୁ ଚାହୁଁଥିଲେ ଦେବାଶିଷ ଓ ତନ୍ଭି ନାମକ ଦୁଇ ଜଣ ତରୁଣତରୁଣୀ। କିନ୍ତୁ ପରବର୍ତ୍ତୀ ସମୟରେ କିଭଳି ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ରାଜି ହୋଇଛନ୍ତି, ତାହା ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି 'ସଂପର୍କ' ଗପରେ। ସେହିପରି ପ୍ରକୃତିକୁ ନିବିଡ଼ ଭାବେ ଭଲ ପାଇବାର ବାସ୍ନା ଉକୁଟି ଉଠିଛି 'ବଉଳ ଫୁଲର ବାସ୍ନା' ଗପରେ। କାହାଣୀରେ ନୂତନତା, ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ ଯୋଗୁଁ ଗପଗୁଡ଼ିକ ଅଧିକ ପ୍ରାଣସ୍ପର୍ଶୀ ହୋଇଛି। 'ହୃଦ-କପାଟ'ର ଗଳ୍ପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ସୁଚିତ୍ରା

**ସଂପାଦକ: କନ୍ଦର୍ପ ବେହେରା**




ଡଇଁଚା, ରେଢ଼ାଖୋଲ,
ସମ୍ବଲପୁର
ମୂଲ୍ୟ: ୧୨୦ ଟଙ୍କା

ସୃଜନର ସ୍ପନ୍ଦନ 'ସୁଚିତ୍ରା'ର ଷଷ୍ଠ ବର୍ଷ, ପ୍ରଥମ ସଂଖ୍ୟା ୨୦୨୫ ପ୍ରକାଶ ପାଇଛି। କନ୍ଦର୍ପ ବେହେରାଙ୍କ ସଂପାଦନାରେ ପ୍ରକାଶିତ ଏହି ପତ୍ରିକା ଓଡ଼ିଆ ସାହିତ୍ୟର ଅନେକ ବରିଷ୍ଠ, ତରୁଣ ଲେଖକଲେଖିକାଙ୍କ କବିତା, ଗପ, ପ୍ରବନ୍ଧ ଆଦି ଲେଖାରେ ସମୃଦ୍ଧଶାଳୀ ହୋଇଛି। 'ପ୍ରବନ୍ଧ ବିଭାଗ'ରେ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳଙ୍କ 'ସନ୍ଥ କବି ଭୀମ ଭୋଇଙ୍କ ଜୀବନର ସ୍ୱର୍ଣ୍ଣ ତ୍ରିଭୁଜ ମଧୁପୁର-କାଙ୍କଣପଡ଼ା-କାନ୍ଦରା', 'ଚେତନା'ରେ ସନ୍ତୋଷ କୁମାର ରଥଙ୍କ 'ଭଲ ମଣିଷ' ଉଚ୍ଚକୋଟୀର ହୋଇଛି। ସେହିପରି ଅଧ୍ୟାପକ ବିପିନ୍ ମହାନନ୍ଦଙ୍କ 'ପ୍ରେମ', ଲକ୍ଷ୍ମୀ ନାରାୟଣ ହୋତାଙ୍କ 'ଦେଖି ନଥିବା କୋଣାର୍କ ସଂପର୍କରେ', ମୁକୁଲ୍ ମିଶ୍ରଙ୍କ 'ପ୍ରେମ ଋତୁ', ସୁଧୀର ମେହେରଙ୍କ 'ପ୍ରେମିକା' , ମନୋଜ କୁମାର ପଣ୍ଡାଙ୍କ 'ହୁଏତ ସେଠି ଈଶ୍ୱର ଥିଲେ', ମାନିନୀ ମିଶ୍ରଙ୍କ 'ଝାଇଁ ଝାଇଁ ଝିପିରି ଝିପିରି' ଆଦି କବିତାଗୁଡ଼ିକରେ ପ୍ରେମ, ଫଗୁଣ, ସାମାଜିକ ବାସ୍ତବତା, ମାନବୀୟ ଭାବାବେଗର ମାର୍ମିକ ବର୍ଣ୍ଣନା ରହିଛି। ସେହିପରି ପ୍ରଜ୍ଞା ପରିମିତା ଆଚାର୍ଯ୍ୟ (ଦ୍ୱିବେଦୀ)ଙ୍କ 'ହୀରାମୁଦି', ଲିପ୍‌ସା ପଟେଲଙ୍କ 'ପାମର' ଆଦି ଗପ ବେଶ୍ ମନଛୁଆଁ ହୋଇଛି। ସେହିଭଳି ଅନୁବାଦ, ଶିଶୁ ବିଭାଗ, ପର୍ଯ୍ୟଟନ, ସାକ୍ଷାତକାର, ପୁସ୍ତକ ସମୀକ୍ଷା ଆଦି ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇଛି। 'ସୁଚିତ୍ରା'ର ଏହି ସଂଖ୍ୟାଟି ପାଠକମାନଙ୍କ ମନକୁ ଛୁଇଁପାରିବ ବୋଲି ଆଶା କରାଯାଏ। ■

# ବିଭିନ୍ନ ସ୍ଥାନରେ ଓକିଲ ସଂଘର ନିର୍ବାଚନ

## ସୁବାଷ ସଭାପତି, ପ୍ରସନ୍ନ ସଂପାଦକ



ଜଗତସିଂହପୁର,୨୯।୩ (ସମିସ): ଜଗତସିଂହପୁର ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଜିଲ୍ଲା ଅଦାଲତ ପରିସରରେ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ମୋଟ ୩୭୩ ଭୋଟରଙ୍କ ମଧ୍ୟରୁ ୩୪୨ ଜଣ ମତଦାନ କରିଥିଲେ। ନିର୍ବାଚନ ସରିବା ପରେ ଭୋଟଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୁବାଷ ମହାପାତ୍ର ସର୍ବାଧିକ ୧୬୫ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ଦୁଇ ସଭାପତି ପ୍ରାର୍ଥୀ ରବିନ୍ଦ୍ର କୁମାର ସ୍ୱାଇଁ ୯୭ ଖଣ୍ଡ ଓ ଲିଙ୍ଗରାଜ ମହାନ୍ତି ୭୯ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପ-ସଭାପତି ଭାବେ ସରୋଜ ବିଶ୍ୱାଳ ୨୦୧ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ଅନ୍ୟତମ ପ୍ରାର୍ଥୀ ଅମୀୟ ମହାପାତ୍ର ୧୨୮ ଖଣ୍ଡ ଭୋଟ ପାଇଥିଲେ। ପ୍ରସନ୍ନ କୁମାର ମହାନ୍ତି ୧୪୯ ଖଣ୍ଡ ଭୋଟ ପାଇ ସଂପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ଦୁଇ ପ୍ରାର୍ଥୀ ସାରଦା ପ୍ରସାଦ ଦାସ ୧୩୩ ଓ ନୃସିଂହ ଚରଣ ବାରିକ ୫୮ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଜ୍ଞାନ ରଞ୍ଜନ ମହାନ୍ତି ୧୮୧ ଭୋଟ ପାଇ ଯୁଗ୍ମ ସଂପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟତମ ପ୍ରାର୍ଥୀ ଅଞ୍ଜନ କୁମାର ପଣ୍ଡା ୧୫୬ ଭୋଟ ପାଇଥିଲେ। ଅଲେଖ ଚରଣ ବାରିକ ୨୦୭ ଖଣ୍ଡ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟତମ ପ୍ରାର୍ଥୀ ବିବେକାନନ୍ଦ ନାୟକ ୧୧୫ ଖଣ୍ଡ ଭୋଟ ପାଇଥିଲେ। ସମସ୍ତ ନିର୍ବାଚିତ କର୍ମକର୍ତ୍ତା ବିଜେଡି ଲିଗାଲ ଫ୍ରଣ୍ଟର ବୋଲି ସୂଚନା ମିଳିଛି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିଭୂ ପ୍ରସାଦ ନନ୍ଦ, ପ୍ରକାଶ ଚନ୍ଦ୍ର ରାୟ, ମୂରଲୀଧର ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ନାୟକ, କାହ୍ନୁ ଚରଣ ମହାନ୍ତି ଏବଂ ରୋଜାଲିନ ଲେଙ୍କା ନିର୍ବାଚିତ ହୋଇଥିଲେ। ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ସଲିଲ କୁମାର ଘୋଷ, ସେଖ୍ ଖୁରସିଦ ଅଲ୍ଲୀ, ପାର୍ଥ ସାରଥୀ ଦାସ, ଯଦୁମଣି ବିଶ୍ୱାଳ ଏବଂ ଚନ୍ଦ୍ରଶେଖର ନାୟକ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

## ବସନ୍ତ ସଭାପତି ଓ ଅକ୍ଷୟ ସମ୍ପାଦକ

ଆଳି,୨୯।୩(ସମିସ): ଆଳି କୋର୍ଟ ପରିସରରେ ଥିବା ବାର ଆସୋସିଏସନ କାର୍ଯ୍ୟାଳୟରେ ଆଜି ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୨୦ ଏପ୍ରିଲ ୨୦୦୫ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ର ସଭାପତି ଭାବେ ଆଡଭୋକେଟ ବସନ୍ତ କୁମାର ନାୟକ ଆଜି ନିର୍ବାଚନ ରେ ମୋଟ ୨୧ ଖଣ୍ଡ ଅଧିକ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଆଡଭୋକେଟ୍ ଅକ୍ଷୟ ମଲ୍ଲିକ ସମ୍ପାଦକ ଭାବେ ୩୪ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି।ଉପସଭାପତି ଭାବେ ଆଡଭୋକେଟ ପ୍ରତିଭା ପାତ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଙ୍କ ଠାରୁ ୨୧ଖଣ୍ଡ ଅଧିକା ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ।ପରିଚାଳନା ସଦସ୍ୟ ଭାବେ ଆଡଭୋକେଟ ଭିକାରୀ ଚରଣ ସାମଲ , ସହସମ୍ପାଦକ ଭାବେ ଆଡଭୋକେଟ ସୂର୍ଯ୍ୟମଣି ସାମଲ, ପାଠାଗାର ସମ୍ପାଦକ ଭାବେ ଆଡଭୋକେଟ ପ୍ରଦୀପ କୁମାର ଦାଶ ଓ ଯୁଗ୍ମ ସମ୍ପାଦକ ଭାବେ ଆଡଭୋକେଟ ଅଣାକର ବାରିକ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି ।ଏହି ନିର୍ବାଚନ କୁ ନିର୍ବାଚନ ଅଧିକାରୀ ଭାବେ ଆଡ଼ଭୋକେଟ ଶରତ କୁମାର ମହାନ୍ତି ଓ ସହ ଅଧିକାରୀ ଭାବେ ଆଡ଼ଭୋକେଟ ରାଧାକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ।



## ପଟ୍ଟାମୁଣ୍ଡାଇ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

ପଟ୍ଟାମୁଣ୍ଡାଇ,୨୯।୩ (ସମିସ): ପଟ୍ଟାମୁଣ୍ଡାଇ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆଜି କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଆଡ୍‌ଭୋକେଟ ସୂର୍ଯ୍ୟ ରଞ୍ଜନ ରାଉଳ ୬୫ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜ୍ଞାନ ମିହିର ଜେନା ୪୯ ଖଣ୍ଡ ଭୋଟ ପାଇଛନ୍ତି ଏବଂ ଉପସଭାପତି -ସୁରେଶ କୁମାର ନରେନ୍ଦ୍ର ୬୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରୀତାଞ୍ଜଳୀ ଦାଶ ୪୫



ଖଣ୍ଡ ଭୋଟ ପାଇଛନ୍ତି । ସାଧାରଣ ସମ୍ପାଦକ - ରବୀନ୍ଦ୍ର କୁମାର ଦାଶ ୬୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୪୫ ଖଣ୍ଡ ଭୋଟ ପାଇଛନ୍ତି। ଯୁଗ୍ମ ସମ୍ପାଦକ-ମନୋଜ କୁମାର ନାୟକ ( ନିଦ୍ୱର୍ନ୍ଦ୍ୱ) କୋଷାଧକ୍ଷ- ପ୍ରମୋଦ କୁମାର ବିଶ୍ୱାଳ ( ନିଦ୍ୱର୍ନ୍ଦ୍ୱ), ପାଠାଗାର ରକ୍ଷକ- ପ୍ରକାଶ କୁମାର ପାତ୍ର ( ନିଦ୍ୱର୍ନ୍ଦ) ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ଭୀମସେନ ପ୍ରଧାନ ଘୋଷଣା କରିଛନ୍ତି।

## ଯାଦବ ସଭାପତି, ବ୍ରଜ ସାଧାରଣ ସମ୍ପାଦକ

କୁଜଙ୍ଗ,୨୯।୩(ସମିସ): କୁଜଙ୍ଗ ଓକିଲ ସଂଘରେ ନିର୍ବାଚନରେ ଆଜି ନିର୍ବାଚନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମହାନ୍ତି ନିର୍ବାଚନ ଫଳାଫଳ ପ୍ରକାଶ କରିଛନ୍ତି। ସଭାପତି ରୂପେ ବର୍ତ୍ତମାନର ସମ୍ପାଦକ ଏଏନ୍‌ଡି ଯାଦବ ବିଜୟୀ ହୋଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦୀଭାବେ ବରିଷ୍ଠ ଆଇନଜୀବୀ ବିପିନ ବିହାରୀ ପଲାରୁ ଓ ଯୁବ ଆଇନଜୀବୀ କରୁଣାକର ସାହୁ ହାରିଯାଇଛନ୍ତି। ଉପସଭାପତି ପଦରେ ରାଜୀବ କୁମାର ଦାସଙ୍କୁ ହରାଇ ବିଚିତ୍ରାନନ୍ଦ ସ୍ୱାଇଁ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ





ପଦବୀରେ ଯୁବ ଆଇନଜୀବୀ ବ୍ରଜ କିଶୋର ରାଉତ ମାତ୍ର ୭ ଖଣ୍ଡ ଭୋଟ୍‌ରେ ସଞ୍ଜୟ କୁମାର ବେହେରାଙ୍କୁ ପରାଜିତ କରିଛନ୍ତି । ପୂର୍ବରୁ ଯୁଗ୍ମ ସମ୍ପାଦକ ରୂପେ ଦୀପକ କୁମାର ନାୟକ , ସହ ସମ୍ପାଦକ ରୂପେ ରଞ୍ଜିତ୍ ବିଶ୍ୱାଳ, ପାଠାଗାର ସମ୍ପାଦକ ଜୀବନ ରଞ୍ଜନ ବିଶ୍ୱାଳ, କୋଷାଧକ୍ଷ ଅଭୟ କୁମାର ବେହେରା, କାର୍ଯ୍ୟ ନିର୍ବାହୀ ସଦସ୍ୟ ରୂପେ ଦେବେନ୍ଦ୍ରେ କୁମାର ରାଉତ, ମହେଶ୍ୱର ଦାସ, ନିର୍ମଳ କୁମାର ମଲିକ, ପାର୍ଥ ସାରଥୀ ମହାନ୍ତି, ପ୍ରଶାନ୍ତ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ସୁବୋଧ କୁମାର ଶତପଥୀ ଓ ତୋଫାନ କୁମାର ସାହୁ ପ୍ରମୁଖ ନିର୍ବାଚିତ ଘୋଷିତ ହୋଇଥିଲେ।

## ନରସିଂହପୁର ପଞ୍ଚାୟତ ପକ୍ଷରୁ ଜଳଛତ୍ର

ଡେରାବିଶ , ୨୯।୩(ସମିସ): ଗତ ତିନିଦିନ ହେବ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି। ଦିନ ୯ଟା ପରେ ଘରୁ ବାହାରକୁ ବାହାରି ହେଉନାହିଁ। ଏହାକୁ ଲକ୍ଷ୍ୟ କରି ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ପକ୍ଷରୁ ଜଳଛତ୍ର ଆରମ୍ଭ ହୋଇଛି। ସରପଞ୍ଚ ସୁଧିର କୁମାର ଖଟୁଆ ଆଜି ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ ଠାରେ ଜଳଛତ୍ରର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ଦହିପାଣି



ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି। ଥଣ୍ଡା ପାଣି ପିଇବା ପାଇଁ ବହୁ ବାଟୋଇ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା। ତେବେ ସେହିପରି ପଞ୍ଚାୟତର ବିଭିନ୍ନ ସ୍ଥାନରେ ମାଠିଆ ରଖାଯାଇ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଶ୍ରୀ ଖଟୁଆ ପ୍ରକାଶ କରିଛନ୍ତି।

## ସଂସ୍କୃତ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା,୨୯।୩(ସମିସ): ମହାକାଳପଡ଼ା ବ୍ଲକ୍ ତେରଗାଁ ଗ୍ରାମପଞ୍ଚାୟତ ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟରେ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ କୁମାର ଦାଶଙ୍କ ଅଧକ୍ଷତାରେ +୩ ଶାସ୍ତ୍ରୀ,୩ୟ ବର୍ଷ ଓ +୨ ଉପଶାସ୍ତ୍ରୀ, ୨ୟ ବର୍ଷ ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଗୁରୁଜୀ ଇନ୍ଦ୍ରମଣି ନାୟକ ଯୋଗ ଦେଇଥିଲେ। ଓଡ଼ିଆ ଅଧାପକ ପବିତ୍ର କୁମାର ସ୍ୱାଇଁ, ବ୍ୟାକରଣ ଅଧାପକ ଗଗନ ବିହାରୀ କର, ସାହିତ୍ୟ ଅଧାପକ ସମ୍ରାଟ ବିପିନ ବିହାରୀ ଦାଶ, ଇଂରାଜୀ ଅଧାପିକା ଆକାଂକ୍ଷା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି କଠୋର ପରିଶ୍ରମ ସହ ଆଗକୁ ବଢିବାର ପ୍ରୟାସ ଜାରି ରଖିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଅନୁପ୍ରାଣିତ କରିଥିଲେ।

## ବରିଷ୍ଠ ଆଇନଜୀବୀ ପ୍ରଭାତ ବେରାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୯।୩ (ସମିସ): ପଟ୍ଟାମୁଣ୍ଡାଇ କୋର୍ଟର ବରିଷ୍ଠ ଆଇନଜୀବି ପ୍ରଭାତ ବେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗତ କିଛି ଦିନ ଧରି ଚିକିତ୍ସାଧୀନ ଥିଲେ। ତାଙ୍କ ମର ଶରୀର କଟକରୁ ଆସି ପଟ୍ଟାମୁଣ୍ଡାଇ ବାଇପାସ ଠାରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ପ୍ରଥମେ ପଟ୍ଟାମୁଣ୍ଡାଇ କୋର୍ଟକୁ ନିଆଯାଇଥିଲା। ସେଠାରେ ଓକିଲ ସଂଘ ନବ ନିର୍ବାଚିତ କର୍ମକର୍ତ୍ତା ଆଇନଜୀବୀ ସୂର୍ଯ୍ୟ ରଞ୍ଜନ ରାଉଳ, ତପନ ମିଶ୍ର, ରବୀନ୍ଦ୍ର ଦାଶ, ମନୋଜ ନାୟକ, ସୁରେଶ କୁମାର ନରେନ୍ଦ୍ର, ପ୍ରମୋଦ କୁମାର ସାହୁ, ଧୀରେନ୍ଦ୍ର ସାହୁ, ସୌମ୍ୟ ରଞ୍ଜନ ଧଳ, ବିଜ୍ଞାନ ମିହିର ଜେନା, ହୃଦାନନ୍ଦ ମହାନ୍ତି, ଗୋପୀନାଥ ତ୍ରିପାଠୀ, ଶରତ ମଳିକ, କିଶୋର କୁଣ୍ଡ, ଅଶ୍ୱନି ବେହେରା, ପ୍ରଣତି ଦାସ, ରାଜେନ୍ଦ୍ର ମିଶ୍ର, ପ୍ରବୀର ପାତ୍ର, ଭବାନୀ ପଣ୍ଡା, ଅମୀୟ କୁଣ୍ଡ, ଭୀମସେନ ପ୍ରଧାନ, ପ୍ରଫୁଲ ଦାଶ, ଅଲେଖ ବଳ, ଆଲୋକ ନାୟକ ପ୍ରମୁଖ ତାଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ଚପଳାଂଶୁ ବେରା ମୁଖାଗ୍ନି ଦେଇଥିଲେ।

## ନାଗସାପ ଉଦ୍ଧାର

ପାରାଦୀପ, ୨୯ ।୩ (ସମିସ) : ପାରାଦୀପ ଉପକଣ୍ଠ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆ କୁଦ ଗ୍ରାମ ପାଞ୍ଚୟତର ବାରିଆ ଗ୍ରାମର ମାମୁନି ବେହେରାଙ୍କ ଘରୁ ଏକ ନାଗ ସାପକୁ ଉଦ୍ଧାର କରାଯାଇଛି ।ଘରେ ସାପଟି ଶେଇଥିବା ଦେଖି ମାମୁନି ଭୟଭୀତ ହେଇ ଚିତ୍କାର କରି ଘର ଲୋକଙ୍କୁ ଡାକ ପକାଇଥିଲେ ।ଘର ଲୋକ ସାପକୁ ଦେଖି ବିଚଳିତ ହେଇ ପଡ଼ିଥିବା ସମୟରେ ସେଇ ଗ୍ରାମର ଜଣେ ଯୁବକ ପ୍ରଳୟ କୁମାର ମହାପାତ୍ର ସଙ୍ଗେ ସଙ୍ଗେ କୁଜଙ୍ଗ ଅଞ୍ଚଳର ଜଣାଶୁଣା ସାପ ଧରାଳି ପ୍ରଭାତ କୁମାର ବେହେରାଙ୍କ ଯୋଗାଯୋଗ କରିଥିଲେ। ପ୍ରଭାତ ଖବର ପାଇବା ମାତ୍ରେ ତୁରନ୍ତ ତାଙ୍କ ସହଯୋଗୀମାନଙ୍କୁ ନେଇ ଉକ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ।ଶେଷରେ ପ୍ରଭାତ ବହୁ ପରିଶ୍ରମ ପରେ ସାପଟିକୁ ଉଦ୍ଧାର କରିଥିଲେ ।ପ୍ରଭାତଙ୍କୁ ସାପ ଧରିବାରେ ସାହାଯ୍ୟ କରିଥିଲେ ବିନୋରି ସେବା ଫାଉଣ୍ଡେସନର ସଦସ୍ୟମାନେ।

● ଗୁଆଲି ଗାଁର ଯୁବକଙ୍କ ଅଭିନବ ପ୍ରୟାସ

## ସମସ୍ତ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ରାଜକନିକା,୨୯ ।୩(ସମିସ): ଗାଁର ପ୍ରତି ଘରର ମୃତ ବ୍ୟକ୍ତିଙ୍କ ଫଟୋଚିତ୍ରକୁ ଗୋଟିଏ ବ୍ୟାନରରେ ଆଙ୍କି ସେମାନଙ୍କର ପୂଜାର୍ଚ୍ଚନା କରିବା, ସେମାନଙ୍କ ଉତ୍ତର ପୀଢିମାନଙ୍କୁ ତାଙ୍କର ଗାଁ ଓ ପରିବାର ପାଇଁ ତ୍ୟାଗର ଗାଥା ବଖାଣି ସଂକୀର୍ତ୍ତନ ମାଧ୍ୟମରେ ଧୂପ ଦୀପ ଚନ୍ଦନ ଦେଇ ସାରା ଗାଁ ପରିକ୍ରମା କରାଇବା ଭଳି ନିଆରା କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ରାଜକନିକା ଥାନାନ୍ତର୍ଗତ ଗୁଆଲି ଗାଁର ଯୁବକ ପ୍ରଶାନ୍ତ ନାୟକ, ସମର ବେହେରା ଏବଂ ଅନ୍ୟ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ଫଳରେ ଗାଁ ପାଇଁ ଏକଦା ଦାୟିତ୍ୱ ନେଉଥିବା ବହୁ ଚରିତ୍ରଙ୍କ ଗୁଣାବଳି ଦେଖି ଶୁଣି ତାଙ୍କ ସ୍ମୃତିକୁ ମନେ ପକାଇ ସାରା ଗାଁରେ ସ୍ୱତଃ ଏକ ସତେଜ ସ୍ମୃତି ବିରାଜିତ ହୋଇଛି । ଗାଁ ରେ ହରଗୋରୀଙ୍କ ମନ୍ଦିର ନିକଟରେ ଯାତ୍ରା ପରିବେଷଣ ବେଳେ ଏମିତି ଏକ ନିଆରା ବ୍ୟାନରରେ ସ୍ଥାପିତ ୬୫ ଜଣ ଦିବଙ୍ଗତ ଆତ୍ମାଙ୍କ ପୂଜାର୍ଚ୍ଚନା ହେବା ନୂଆ ଏକ ପରମ୍ପରାକୁ ଆପଣେଇଛି।

## ପାରାକୁ ନେଇ ଗୋଷ୍ଠୀ ସଂଘର୍ଷ : ୬ ଆହତ

ଆଳି,୨୯ ।୩(ସମିସ): ଆଳି ଥାନା ଅନ୍ତର୍ଗତ କୋଳିଡିହ ପଞ୍ଚାୟତର ଇଛାପୁର ଗ୍ରାମରେ ପୋଷା ପାରାକୁ ନେଇ ଆଜି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ସୌରଭ ନାୟକ (୨୦), ସାବିତ୍ରୀ ନାୟକ (୩୮), ଗୋଲେଖ ଚନ୍ଦ୍ର ନାୟକ (୪୮), ସଚ୍ଚିଦାନନ୍ଦ ନାୟକ (୨୦) ଏବଂ ସେହି ଗ୍ରାମର ଅନ୍ୟ ଏକ ପରିବାରର ଅଭିରାମ ନାୟକ (୮୫), ଚନ୍ଦ୍ରମା ନାୟକ (୪୨), ସୁବାଷ କୁମାର ନାୟକ (୨୨) ।ଆଜି ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷରେ ଖଣ୍ଡିଆଖାବରା ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷ ର ଏତଲା ଅନୁଯାୟୀ ଅଭିରାମଙ୍କ ପୁଅ ସୁବାଷ କିଛି ପାରାକୁ ପୋଷା ଭାବେ ରଖିଛନ୍ତି ।ସେହି ପାରାଙ୍କ ମଧ୍ୟରେ ଅନ୍ୟ ଏକ ପାରା ବିଗତ ୧୫ଦିନ ହେବ ରହି ଆସୁଥିଲେ ହେଁ ଆଜି ଅପରାହ୍ଣରେ ସେହି ଗ୍ରାମର ଗୋଲେଖ ନାୟକଙ୍କ





ପୁଅ ସୌରଭ ଏବଂ ବିଟୁ ଆସି ତାଙ୍କ ପାରା ଦାବି କରି ପାରା ଫେରାଇ ନେଇଥିଲେ ।ମାତ୍ର ଅପରପକ୍ଷ ଙ୍କର ଅଭିଯୋଗ ଅନୁଯାୟୀ ପାରାଟିର ପର କଟାଯିବା ସହ ରଙ୍ଗ ବୋଳା ଯାଇଥିବାରୁ ଗୋଲେଖ ଙ୍କ ପରିବାର କ୍ଷୁବ୍ଧ ହୋଇଥିଲେ। ଯେଉଁଥିରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ବିଳମ୍ବିତ ରାତିରେ ଉଭୟ ପରିବାର ମଧ୍ୟରେ ପ୍ରବଳ ଢେଲାପଥର ମାଡ଼ ହୋଇଥିଲା। ଢେଲାପଥର ମାଡ଼ରେ ଗୋଲେଖଙ୍କ ପତ୍ନୀ,ଝିଅ ଓ ପୁଅ ଅପରପକ୍ଷର ଅଭିରାମ ନାୟକ ତାଙ୍କ ପତ୍ନୀ ଓ ପୁଅ ଆହତ ହୋଇ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଗୁରୁତର ଆହତ ଜଣଙ୍କୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ସ୍ଥାନାନ୍ତରିତ କରାଯାଇଛି। ଉଭୟ ପକ୍ଷ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି।

**ଜଣେ ଗୁରୁତର**

## ମାଙ୍କଡ଼ ଆତଙ୍କ, ବିଲକୁ ଯାଉନାହାନ୍ତି ଚାଷୀ

ପଞ୍ଚୁପାଣ୍ଡବ,୨୯ ।୩(ସମିସ):ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ମାଙ୍କଡମାନଙ୍କ ଆକ୍ରମଣରେ ଦୁଇ ଜଣ ଆହତ ହୋଇଛନ୍ତି ।ସ୍ଥାନୀୟ ଗ୍ରାମର ଗଣେଶ୍ୱର ଗାହାଣ ତାଙ୍କ ବିଲକୁ ମୁଗ ଉପାଡ଼ିବା ପାଇଁ ଗୁରୁବାର ଦିନ ସକାଳୁ ଯାଇଥିବା ବେଳେ ଏକ ମାଙ୍କଡ ଆସି ଗାହାଣଙ୍କୁ ଆକ୍ରମଣ କରିଥିଲା ।ତାଙ୍କୁ ଘର ଲୋକେ ଚିକିତ୍ସା କରାଇ ଆଣିଥିବା ଜଣା ପଡ଼ିଛି ।ସେହିପରି ସେହି ଗ୍ରାମର ଜଣେ ମହିଳା ଗତ ଶନିବାର ଦିନ କୌଣସି କାମରେ ବିଲକୁ ଯାଇଥିବା ବେଳେ ସେହି ମାଙ୍କଡଟି ମହିଳାଙ୍କୁ ଆକ୍ରମଣ କରିଥିଲା ।ମହିଳା ଜଣଙ୍କ ଗୁରୁତର ଆହତ ହେବାରୁ ସେ ଚିକିତ୍ସା ହୋଇ ଘରେ ଥିବା ଜଣା ପଡ଼ିଛି। ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ଗ୍ରାମବାସୀ ମାନେ ଫସଲ ଅମଳ କରିବା ପାଇଁ ଭୟରେ ଯାଉନଥିବା ଅଭିଯୋଗ ହେଉଛି ।ଏହାର ତଦନ୍ତ କରାଯାଇ ପ୍ରଶାସନ ପକ୍ଷରୁ ମାଙ୍କଡମାନଙ୍କୁ ଏଠାରୁ ନେବା ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଦୁଇ ଜଣ ଆହତ**

## ଏକଦଶାହରେ ପରମେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି



ପଟ୍ଟାମୁଣ୍ଡାଇ,୨୯।୩ (ସମିସ): ସ୍ଥାନୀୟ ଅଞ୍ଚଳର ଧର୍ମପ୍ରାଣ ବ୍ୟକ୍ତି ତଥା ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଶିରସ୍ତଦାର ଚନ୍ଦ୍ରଶେଖର ଲେଙ୍କାଙ୍କ ପିତା ପରମେଶ୍ୱର ଲେଙ୍କାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଏକାଦଶାହରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, କୋଷଧକ୍ଷ ଧୀରେନ୍ଦ୍ର ନାଥ ସାହୁ, ଗଣେଶ ବାରିକ, ବରିଷ୍ଠ ଓକିଲ ବିଜୟ କୁମାର ରାଉତ, ଭବାନୀ ଶଙ୍କର ପଣ୍ଡା, ଭୀମସେନ ପ୍ରଧାନ, ହୃଦାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୁଧାଂଶୁ ଲେଙ୍କା , ହିମାଂଶୁ ଲେଙ୍କା, ଚନ୍ଦ୍ରଶେଖର ଲେଙ୍କା, ପ୍ରଦୀପ ଲେଙ୍କା, ମମତା ଲେଙ୍କା ପ୍ରମୁଖ ସଭା ପରିଚାଳନା କରିଥିଲେ।

### ଜଳିଗଲା ଦୁଇ ବଖରା ଘର

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଆଳି,୨୯ ।୩(ସମିସ):

ଆଳି ଥାନା ଅନ୍ତର୍ଗତ ପଦିନୀପାଳ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ପୋଡ଼ି ନଷ୍ଟ ହୋଇଛି। ସୂଚନା ସୂତ୍ରରୁ ପ୍ରକାଶ ଉକ୍ତ ଗ୍ରାମର ସବିତା ଲେଙ୍କା (୬୫)ଙ୍କ ଦୁଇ ବଖରା ଚାଳ ଛପର ଘର ଆଜି ସନ୍ଧ୍ୟା ସମୟରେ ପୋଡି ପାଉଁଶ ହୋଇଯାଇଛି । ଘରେ ଥିବା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ଜଳି ପୋଡି ପାଉଁଶ ହୋଇଯାଇଛି। ଗାଁ ଲୋକଙ୍କଦ୍ୱାରା ନିଆଁ ଲିଭେଇବାକୁ ପ୍ରୟାସ କରଯାଇଥିଲେ ସୁଦ୍ଧା ନିଆଁ ଦାଉରୁ ଘରକୁ ଉଦ୍ଧାର କରାଯାଇ ପାରିନାହିଁ । ଅଗ୍ନିଶମ ବାହିନୀକୁ ଖବର ଦିଆ ଯାଇଥିଲେ ସୁଦ୍ଧା ଦମକଳ ପହଞ୍ଚିପାରିନଥିବା ଜଣାପଡିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।ସମ୍ପୂର୍ଣ ପରିବାର ଖୋଲା



ଆକାଶ ତଳେ ଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ସରପଞ୍ଚ ବିକ୍ରମ ମଲିକ ପହଞ୍ଚି ନିଆଁ ଲିଭେଇବାରେ ସହଯୋଗ କରିଥିବା ଜଣାପଡିଛି ।ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ପହଁଞ୍ଚିନଥିବା ଜଣା ପଡିଛି । ତୁରନ୍ତ ପୀଡିତା ପରିବାରକୁ ସହଯୋଗ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

## ଚନ୍ଦନପୋଖରୀ ଛକରେ ଟ୍ରାଫିକ୍ ସମସ୍ୟା

ରାଜକନିକା,୨୯ ।୩(ସମିସ): ଦିନକୁ ଦିନ ଗାଡି ମଟର ସଂଖ୍ୟା ବଢିବାରେ ଲାଗିଥିବା ବେଳେ ରାଜକନିକା ସଦର ଚନ୍ଦନପୋଖରୀ ଛକରେ ଟ୍ରାଫିକ ସମସ୍ୟା ଉତ୍କଟ ହୋଇଛି । ଦିନରାତି ଅହରହ ହାଇୱା, ଟ୍ରକ, ଟ୍ରାକ୍ଟର, ବସ ଆଦି ଗାଡି ଯାତାୟତ କରିବା ବେଳେ ଏହି ସ୍ଥାନରେ ପ୍ରବଳ ଗହଳି ହେଉଛି । ବିଶେଷକରି କଲେଜ,ସ୍କୁଲ ଛାତ୍ରମାନେ ଯିବା ଆସିବା କରିବା ସମୟରେ ଅହେତୁକ ଭାବରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ଏହି ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ ହେଉ ନ ଥିବାରୁ ଏହି ସମସ୍ୟା ଉତ୍କଟରୂପ ନେଇଛି ବୋଲି ଅଭିଯୋଗ ହେଉଛି।

**ହାଇକୋର୍ଟ ଓକିଲ ସଂଘ ନିର୍ବାଚନ**

# ମନୋଜ ସଭାପତି ଓ ଅଭିଜିତ ସମ୍ପାଦକ ନିର୍ବାଚିତ



କଟକ,୨୯ ।୩(ସମିସ): ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଓ ସମ୍ପାଦକ ଭାବେ ଅଭିଜିତ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିଭଳି ସିଦ୍ଧାର୍ଥ ଦାସ ଉପସଭାପତି, ପଦ୍ମାଳୟା ମହାପାତ୍ର ଯୁଗ୍ମ ସମ୍ପାଦକ, ଅଭିଜିତ ଦାସ ସହ ସମ୍ପାଦକ ଏବଂ ସପନ କୁମାର ପାଳ ପାଠାଗାର ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରକାଶ କୁମାର ବାରିକ ନିର୍ବାଚନ ଓ ଭୋଟ୍ ଗଣତି କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରକାଶଥାଉକି, ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ମୋଟ୧୮୪ଟି ବାର ଆସୋସିଏସନ୍ ମଧ୍ୟରୁ ହାଇକୋର୍ଟ ବାର ସମେତ ୧୫୬ଟି ବାର୍‌ରେ ଆଜି ନିର୍ବାଚନ ଶୃଙ୍ଖଳିତ ଭାବେ ଶେଷ ହୋଇ ଫଳାଫଳ ଘୋଷଣା ହୋଇଛି।

# ତୁଟିବ ମହାପ୍ରଭୁଙ୍କ ଜମି ଦଖଲ ଝାମେଲା

ଭୁବନେଶ୍ୱର,୨୯।୩(ସମିସ): ତିନି ମାସ ମଧ୍ୟରେ ରାଜ୍ୟ ସରକାର ନୂଆ ଏକକ ଜମି ନୀତି (ୟୁନିଫର୍ମ ଲ୍ୟାଣ୍ଡ ପଲିସି) ଆଣିବାକୁ ଯାଉଛନ୍ତି। କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିବା ପରେ ଏହାକୁ ଲାଗୁ କରାଯିବ। ଏହାସହିତ ରାଜ୍ୟବ୍ୟାପୀ ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ତୁଟିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଦୀର୍ଘ ଦିନ ଧରି ମହାପ୍ରଭୁଙ୍କ ଜମିରେ ଘର କରି ରହୁଥିବା ଲୋକଙ୍କ ସମସ୍ୟା ଦୂର ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଆଜି ବିଧାନସଭାର ପ୍ରଶ୍ନକାଳରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାର ଉତ୍ତରରେ ଆଇନ ମନ୍ତ୍ରୀ କହିଥିଲେ, ଯେଉଁମାନେ ଦୀର୍ଘ ଦିନ ଧରି ଜଗନ୍ନାଥ ଜମି ଅବରୋଧ କରିଥିଲେ, ସେମାନଙ୍କ ପାଇଁ ୨୦୦୩ରେ ଏକ ୟୁନିଫର୍ମ ପଲିସି ଆସିଥିଲା। ଯେଉଁଥିରେ ଶହେ ଡିସିମିଲ ଜମି ରିହାତି ବଦଳରେ ମିଳିବାର ନିୟମ କରାଯାଇଥିଲା। ବାକି ଜମି ସରକାରୀ ଦରରେ ଦିଆଯିବାର ନିୟମ ହୋଇଥିଲା। ଏହାକୁ ୨୦୧୯ରେ ସଂଶୋଧନ କରାଯାଇଥିଲା। ସରକାର ତିନି ମାସରେ ୟୁନିଫର୍ମ ପଲିସି ଆଣିବେ। ଏଥିରେ ଲ୍ୟାଣ୍ଡ ସେଟଲମେଣ୍ଟ ପ୍ରକ୍ରିୟା

**■ ଲାଗୁ ହେବ ଏକକ ଜମି ନୀତି**
**■ ଗରିବ ଲୋକଙ୍କୁ ମିଳିବ ପଟ୍ଟା**

ଜରିଆରେ ଜମି ପ୍ରଦାନ କରାଯିବ। ଯେଉଁମାନେ ଦୀର୍ଘ ଦିନ ଧରି ଘର କରି ରହୁଥିବେ ସେମାନଙ୍କୁ ଶହେ ଡିସିମିଲ ଜମି ରିହାତି ଦରରେ ମିଳିବ। ମନ୍ତ୍ରୀ କହିଲେ ଯେ ଜମି ପଟ୍ଟା ନଥିବାରୁ ବହୁ ଲୋକ ବିବିଧ ସରକାରୀ ସେବାରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ସରକାର ସଚେତନ ଅଛନ୍ତି। ତେଣୁ ଯଥାଶୀଘ୍ର ଭୂ-ବନ୍ଦୋବସ୍ତ ଜରିଆରେ ସମସ୍ୟା ସମାଧାନ କରାଯିବ।

ରାଜ୍ୟର ୨୪ଟି ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୬୦ହଜାର ୪୨୬.୯୪୩ ଏକର ଜମି ଚିହ୍ନଟ ହୋଇଛି। ସେହିପରି ୩୮ ହଜାର ୬୧.୮୨୯ ଏକର ଜମିର ସ୍ୱତ୍ୱଲିପି ରହିଛି ଏବଂ ଏହାର ଡିଜିଟାଇଜେସନ କାମ ଶେଷ ପର୍ଯ୍ୟାୟରେ ଅଛି। ବାକି ୨୨ ହଜାର ଏକରର ଆରଓଆର ମିଳିବା ପରେ ଡିଜିଟାଇଜେସନ କରାଯିବ। କୋରାପୁଟ ଜିଲ୍ଲାରେ ମହାପ୍ରଭୁଙ୍କ ଜମି ଜବରଦଖଲ ମୁକ୍ତ କରାଯାଇଛି। ସେଠାରେ ୨୭ ହାଜର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି। ସେହିପରି ୬ଟି ରାଜ୍ୟରେ ୩୯୫.୨୫ ଏକରର ଜଗନ୍ନାଥ ଜମି ରହିଛି। ସର୍ବାଧିକ ଜମି ପଶ୍ଚିମବଙ୍ଗରେ ରହିଛି। ଓଡ଼ିଶାର ୭ଟି ଜିଲ୍ଲାରେ ୧୬୮.୮୬ ଏକର ଜଗନ୍ନାଥ ଜମି ଅବରୋଧ ହୋଇଛି। ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୬ ଏଆଇ ଅନୁସାରେ ୯୭୪ ମାମଲା ରୁଜୁ ହୋଇଛି।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୨୯ ।୩ (ସମିସ): ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣକ ହେଲା, ମୋରଡ଼ା ଥାନା ଅଞ୍ଚଳର କିରଣ କୁମାର ସି(୨୫)। ସୂଚନାଯୋଗ୍ୟ, ଗତ ୨୦୨୪ ଏପ୍ରିଲ ୯ ତାରିଖରେ ଗ୍ରାମରେ ଯାତ୍ରା ହେଉଥିବା ବେଳେ ନାବାଳିକାଜଣଙ୍କ ସେଠାକୁ ଯାଇଥିଲେ। ବିଳମ୍ବିତ ରାତିରେ ପରିସ୍ରା ପାଇଁ ବାହାରକୁ ଆସିଥିବା ବେଳେ ଏହାର ସୁଯୋଗ ନେଇ କିରଣ ତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ବାବଦରେ କାହାକୁ ଜଣାଇଲେ ହତ୍ୟା କରିବା ନେଇ ଧମକ ଦେଇଥିଲା। ଏହା ଜଣାପଡ଼ିବା ପରେ ପୀଡ଼ିତାଙ୍କ ପରିବାରଲୋକେ ମୋରଡ଼ା ଥାନାରେ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଝୁଲନ୍ତା ମୃତଦେହ ଉଦ୍ଧାର**

ଶୁଳିଆପଦା, ୨୯।୩ (ସମିସ): ଶୁଳିଆପଦା ବ୍ଲକ୍ ବାଘଡ଼ା ପଞ୍ଚାୟତ ବାଘଡ଼ା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, ବାରିପଦା ବ୍ଲକ୍ ବଡଯୋଡ ଅଞ୍ଚଳର ଡାହିସାହି ଗ୍ରାମର ମଦନ ମହାକୁଡ଼ଙ୍କ ପୁଅ ଶମ୍ଭୁନାଥ (୩୫)। ଏକ ଆଇଁସା ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ କିଛି ଦିନ ହେବ ସ୍ତ୍ରୀ, ୨ପୁଅଙ୍କୁ ନେଇ ବାଘଡ଼ାସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଶୁକ୍ରବାର ରାତିରେ ଖାଇପିଇ ରାତିରେ ଶୋଇଥିଲେ। ହେଲେ ସକାଳୁ ସେ ଘରେ ନ ଥିବା ଦେଖି ଶଶୁର ଘରଲୋକେ ଖୋଜାଖୋଜି କରିଥିଲେ। ଘର ନିକଟରେ ଥିବା ଏକ ଆଇଁସା ଗଛରେ ତାଙ୍କ ଝୁଲନ୍ତା ଶବ ଦେଖିବାକୁ ପାଇଥିଲେ। ଶୁଳିଆପଦା ଏଏସଆଇ ନରେନ୍ଦ୍ରନାଥ ସେଠୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

ବଲାଙ୍ଗିର, ୨୯ ।୩ (ସମିସ): ବଲାଙ୍ଗିର ଆୟୁର୍ବେଦିକ କଲେଜ ସମ୍ମୁଖରୁ ଶନିବାର ମଧ୍ୟାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ବଲାଙ୍ଗିର ସହର ତୁଳସୀ ନଗରନିବାସୀ ନିମାଇ ଦାସ। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାନୁସାରେ, ଶନିବାର ମଧ୍ୟାହ୍ନରେ ଧୁ'ଧୁ ଖରାରେ କଲେଜ ସମ୍ମୁଖରେ ଜଣେ ବୃଦ୍ଧ ଶୋଇଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ବୃଦ୍ଧଜଣଙ୍କ ନିଶ୍ଚଳ ଅବସ୍ଥାରେ ଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚିବା ବେଳକୁ ବୃଦ୍ଧଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ପରିବାରଲୋକ, ପୌରାଧ୍ୟକ୍ଷା ଲିକା ସାହୁ ଓ ସ୍ଥାନୀୟ କାଉନସିଲର ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିବାରଲୋକଙ୍କ କହିବାନୁସାରେ, ନିମାଇ ସବୁବେଳେ ବାହାରେ ରହୁଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସେମାନେ ସନ୍ଦେହ କରିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**■ ଖାକିରେ ଦାଗ**

# ଯୁବତୀଙ୍କୁ ପ୍ରତାରଣା; ପୁଲିସ ଏସ୍‌ଆଇ ଗିରଫ

ବାଲିଆପାଳ, ୨୯।୩ (ସମିସ): ଯୁବତୀଙ୍କ ସହ ପ୍ରତାରଣା କରି ଜଣେ ପୁଲିସ୍ ସବ୍-ଇନ୍ସପେକ୍ଟର୍ ଗିରଫ ହେବା ଘଟଣା ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ ଏସ୍‌ଆଇ ଜଣଙ୍କ ହେଲେ, ବିଜୟ କୁମାର ସାହୁ। ତାଙ୍କ



ଘର ବଡ଼ତଳପଦା ଗ୍ରାମରେ। ସେ ମାଲକାନଗିରି ଜିଲ୍ଲାରେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସୂଚନାନୁସାରେ, ୨୦୧୭ ମସିହାରେ ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ପଢୁଥିବା ଜଣେ ଯୁବତୀଙ୍କ ସହ ବିଜୟଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିଜୟ ସେତେବେଳେ ପୁଲିସ ବିଭାଗରେ ସବ୍-ଇନ୍ସପେକ୍ଟର (ଏସ୍‌ଓଜି) ଟ୍ରେନିଂରେ ଥିଲେ। ପରବର୍ତ୍ତୀ ସମୟରେ ଉଭୟ ମନ୍ଦିରରେ ବିବାହ କରିଥିଲେ। ପୋଷ୍ଟିଂ ହେବା ପରେ ସେ ଯୁବତୀଙ୍କୁ ସ୍ତ୍ରୀର ମର୍ଯ୍ୟାଦା ନେଇ ନିଜ ଘରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ସେ ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିଲେ। ଏପରିକି, ତାଙ୍କ ସହ କୌଣସି ସଂପର୍କ ରଖିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏ ସଂପର୍କରେ ଯୁବତୀଜଣଙ୍କ ଗତ ନଭେମ୍ବର ୧୬ରେ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ବାଲିଆପାଳ ପୁଲିସ୍ ଆଜି ବିଜୟଙ୍କୁ ଗିରଫ କରିଛି।





ମ୍ୟାଁମାର ଭୂମିକମ୍ପରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

# ଯୁବକଙ୍କଠାରୁ ଝାମ୍ପିନେଲେ ୮ ଲକ୍ଷ

ରାଜଘାଟ, ୨୯।୩ (ସମିସ): ବସ୍ତା ଥାନା ଅଧୀନ ମଛଡ଼ିହା ନିକଟରୁ ଶନିବାର ଜଣେ ଯୁବକଙ୍କ ନିକଟରୁ ୮ ଲକ୍ଷ ୪୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି ଲୁଟେରା। ଲୁଟ୍‌ର ଶିକାର ଯୁବକଜଣଙ୍କ ହେଲେ, ଧପାକନ୍ଦ ଗ୍ରାମର ହେମନ୍ତ ବିଶ୍ୱାଳ। ହେମନ୍ତ ଆଜି ଟଙ୍କା ଉଠାଇବା ପାଇଁ ଆଜି ମଧ୍ୟାହ୍ନ ପ୍ରାୟ ୨ଟାରେ ଏସ୍‌ବିଆଇର ଶ୍ରୀରାମପୁର ଶାଖାକୁ ଯାଇଥିଲେ। ସେ ବ୍ୟାଙ୍କରୁ ୮ ଲକ୍ଷ ୪୦ ହଜାର ଟଙ୍କା ଉଠାଇ ଫେରୁଥିବା ବେଳେ ମଛଡିହା ନିକଟରେ ତିନିଜଣ ଦୁର୍ବୃତ୍ତ ମୁହଁରେ ଦୁଇଟି ବାଇକ୍‌ରେ ଆସି ତାଙ୍କ ପାଖରୁ ସବୁତକ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ବସ୍ତା ପୁଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା।

# ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ମାର୍ଗଦର୍ଶିକା

କଟକ, ୨୯ ।୩ (ସମିସ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ। ଏ ସମ୍ପର୍କରେ ପ୍ରାଧିକରଣ ତରଫରୁ ସମସ୍ତ ଆରଟିଓ ଏବଂ ଏଆରଟିଓଙ୍କ ସହିତ ବୈଠକ କରାଯାଇ ଯାତ୍ରୀ ଏବଂ ଗାଡ଼ି ଚାଳକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ସମସ୍ତ ବସ୍‌ରେ ବିଶୁଦ୍ଧ ପାନୀୟ ଜଳ, ବରଫ ପ୍ୟାକ୍, ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଓଆରଏସ୍ ରହିବ। ଅତ୍ୟଧିକ ଗରମରୁ ମୁକ୍ତି ପାଇବା ପାଇଁ ବସ୍ ଷ୍ଟପ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ବିଶ୍ରାମ ସ୍ଥାନ ଯୋଗାଇ ଦିଆଯିବ। ସାର୍ବଜନୀନ ପରିବହନ ଯାନରେ ଯାତ୍ରୀ ସୁରକ୍ଷା ଏବଂ ଆରାମ ପାଇଁ ନିର୍ଦ୍ଧାରିତ ଅନୁମତିକୁ ଉଲ୍ଲଙ୍ଘନ କରି ଅଧିକ ଯାତ୍ରୀ ନେଉଥିବା ଯାନ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଦୂର ସ୍ଥାନକୁ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ରାଜପଥରେ ଜଳ କିଓସ୍କ ସ୍ଥାପନ କରି ପାନୀୟ ଜଳ ଯୋଗାଇ ଦିଆଯିବ। ଓଭରଲୋଡିଂ, ବସ୍ ଛାତ ଉପରେ

**■ ଧାର୍ଯ୍ୟ ଅନୁମତିଠାରୁ ଅଧିକ ଯାତ୍ରୀ ନେଲେ କାର୍ଯ୍ୟାନୁଷ୍ଠାନ**
**■ ଆରଟିଓଗୁଡ଼ିକରେ ଖୋଲିବ ନିୟନ୍ତ୍ରଣ କକ୍ଷ**

ବସି ଯାତ୍ରା କରିବା ଏବଂ ଝୁଲନ୍ତା ଅବସ୍ଥାରେ ଯାତ୍ରୀ ନେଉଥିବା ଯାନଠାରୁ ଜରିମାନା ଆଦାୟ କରାଯିବ। ଆରଟିଓ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଏଥିସହ ଭର୍ଚୁଆଲ୍ ବୈଠକ ମାଧ୍ୟମରେ ଓଡ଼ିଶା ଯାତ୍ରୀ ଯାଉଥିବା ପଡ଼ୋଶୀ ରାଜ୍ୟଙ୍କୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଏଭଳି କିଛି ପଦକ୍ଷେପ ନେବାକୁ ଅନୁରୋଧ ମଧ୍ୟ କରାଯାଇଛି।

ବ୍ୟାପକ ସଚେତନତା ପାଇଁ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହଭାଗିତାରେ ହେଲ୍ପଲାଇନ୍ ନମ୍ବର ଯୋଗାଇ ଦିଆଯିବ। ଆବଶ୍ୟକସ୍ଥଳେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଏନଫୋର୍ସମେଣ୍ଟ ଦଳ ସହ ଡାକ୍ତରଙ୍କୁ ପଠାଯିବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ସମୟ ଯଥା ସକାଳ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଆଯିବ। କୌଣସି ପ୍ରତିକୂଳ ପରିସ୍ଥିତିରେ ଆରଟିଓ/ଏଆରଟିଓଗୁଡ଼ିକୁ ଜିଲ୍ଲା ପ୍ରଶାସନ ଏବଂ ଏସଟିଏ ସହିତ ଯୋଗାଯୋଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଜାପୁରରେ ୬ ନକ୍ସଲ ଗିରଫ



ମାଲକାନଗିରି,୨୯ ।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଦୁଇଟି ଭିନ୍ନ ଥାନାଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନ ବେଳେ ୬ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି। ସେମାନେ ହତ୍ୟା, ଅପହରଣ ଏବଂ ପୋଡ଼ାଜଳା ଘଟଣାରେ ସମ୍ପୃକ୍ତ ଥିଲେ। ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ପୁଲିସ୍ ଏବଂ ଛତିଶଗଡ଼ ସଶସ୍ତ୍ର ବାହିନୀର ମିଳିତ ଅଭିଯାନ ବେଳେ ଏଡ଼ାକାପାଲି ଅଞ୍ଚଳର ଜଣେ ଗ୍ରାମବାସୀଙ୍କ ଅପହରଣ ଏବଂ ହତ୍ୟା ଘଟଣାରେ ସମ୍ପୃକ୍ତ ୩ଜଣ ପଳାତକ ନକ୍ସଲଙ୍କୁ ଗିରଫ କରାଯାଇଛି। ଗିରଫ ନକ୍ସଲମାନେ ହେଲେ ରମେଶ ମିଚା, ରାକେଶ ୱାଚମ, ବାଜୁ ୱାଚମ। ସେହିପରି ଭୈରମଗଡ଼ ପୁଲିସ ଏବଂ ଡିଆରଜି ଯବାନଙ୍କ ମିଳିତ ଦଳର ଚିହକା ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନବେଳେ ଯାନବାହାନ ପୋଡ଼ି ଦେବା ଏବଂ ଲୋକଙ୍କୁ ଆକ୍ରମଣ କରିବା ଘଟଣାରେ ସମ୍ପୃକ୍ତ ୩ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଲାଲୁ ଭୋଗାମି, ଈଶ୍ୱର କୁପାଲ, ରତିରାମ ଜୁରି। ଗିରଫ ନକ୍ସଲଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

**■ ସରକାରୀ ଅର୍ଥ ଚଳୁ ଅଭିଯୋଗ**

# କୁଆଁରମୁଣ୍ଡା ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଗିରଫ

ରାଉରକେଲା, ୨୯।୩(ସମିସ): ସରକାରୀ ଅର୍ଥ ଚଳୁ କରିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୁଆଁରମୁଣ୍ଡା ବ୍ଲକ୍ ରାଇବଗା ଲ୍ୟାମ୍ପସ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି। ୨୦୧୯-୨୦ ଓ ୨୦୨୩-୨୪ରେ ୪୦ ଲକ୍ଷ ୬୮ ହଜାର ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଥିଲା। ଏହି ଆଧାରରେ ଭିଜିଲାନ୍ସ ଚଢ଼ଉ କରି ଆଜି ତାଙ୍କୁ କୋର୍ଟଚାଲାଣ କରାଯାଇଛି।

ତଦନ୍ତରୁ ଜଣାପଡ଼ିଛି ଯେ ସୁନ୍ଦରଗଡ଼ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜିଲ୍ଲା କେନ୍ଦ୍ରୀୟ ସମବାୟ (ଏସ୍‌ଡିସିସି) ବ୍ୟାଙ୍କ ଲିମିଟେଡ୍, ସୁନ୍ଦରଗଡ଼ ଶାଖା ପକ୍ଷରୁ ରାଏବୋଗା ଲ୍ୟାମ୍ପସ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କୁ ଅନେକ ଚିଠି ଜାରି କରିଥିଲେ। ଯେଉଁଥିରେ ତାଙ୍କଠାରୁ ଅଧିକ ଟଙ୍କା ୪୩,୦୨,୦୦୦/- ଆଦାୟ ପାଇଁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା। କିନ୍ତୁ ଭିଜିଲାନ୍ସ



ଅଧିକାରୀମାନଙ୍କ ଦ୍ୱାରା ସୁନ୍ଦରଗଡ଼ ଏସଡିସିସି ସିଇଓଙ୍କ ରେକର୍ଡ ଯାଞ୍ଚ କରିବା ପରେ ଜଣାପଡ଼ିଛି ଯେ ଏସଡିସିସି ବ୍ୟାଙ୍କ ଦ୍ୱାରା କରାଯାଇଥିବା ଭୁଲ ଗଣନା ଯୋଗୁଁ ଚିତ୍ତ ରଞ୍ଜନ ମହାନ୍ତିଙ୍କଠାରୁ ୪୩, ୦୨,୦୦୦/ ଟଙ୍କା ବଦଳରେ ୪୦,୬୮,୦୦୦ ଟଙ୍କା ଆଦାୟ କରାଯିବାକୁ ଅଛି। ଚିତ୍ତରଞ୍ଜନ ମହାନ୍ତି ସୁନ୍ଦରଗଡ଼ର ଏସ୍‌ଡିସିସି ବ୍ୟାଙ୍କରେ ୪୦,୬୮,୦୦୦ ଟଙ୍କା ଜମା କରିନାହାନ୍ତି କିମ୍ବା ତାଙ୍କ ଦ୍ୱାରା ହୋଇଥିବା ଅତିରିକ୍ତ ଖର୍ଚ୍ଚ ସହିତ ଜଡିତ କୌଣସି ଡକ୍ୟୁମେଣ୍ଟ ସହାୟକ ଭାଉଚର ପ୍ରଦାନ କରିନାହାନ୍ତି। ଏହା ତାଙ୍କର ଅପରାଧିକ ଅପବ୍ୟବହାର, ଯାହା ସରକାରୀ ରାଜକୋଷକୁ ଅନ୍ୟଥା କ୍ଷତି ପହଞ୍ଚାଇଛି। ଏ ସମ୍ପର୍କରେ, ରାଉରକେଲା ଭିଜିଲାନ୍ସ କୁଆଁରମୁଣ୍ଡା ବ୍ଲକର ରାଇବୋଗା ଲ୍ୟାମ୍ପସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ମହାନ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି।

**ବିବାଦ ଘେରରେ ବିଶ୍ୱବିଦ୍ୟାଳୟ ଅର୍ଥ ବ୍ୟବସ୍ଥାପନା**

# ଅବସରର ୧୫ ମାସ ପରେ ବି ସିଏଫ୍‌ଓ ଦାୟିତ୍ୱରେ

ବାରିପଦା, ୨୯ ।୩(ସମିସ): ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥ ବ୍ୟବସ୍ଥାପନା ସମ୍ପ୍ରତି ବିବାଦ ଘେରରେ। ଚାକିରି ଶେଷ ହେବାର ୧୫ ମାସ ପରେ ମଧ୍ୟ ବିଶ୍ୱବିଦ୍ୟାଳୟ କମ୍ପଟ୍ରୋଲର ଅଫ୍ ଫାଇନାନ୍ସ (ସିଏଫଓ) ଶୁକଦେବ ତରାଇ କାର୍ଯ୍ୟ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶ୍ରୀ ତରାଇଙ୍କ କାର୍ଯ୍ୟକାଳ ଗତ ୨୦୨୩ରେ ଶେଷ ହୋଇଥିଲେ ବି ଏଯାଏ ସେ ସିଏଫ୍‌ଓ ପଦବୀରେ ରହିଛନ୍ତି। ଏହାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ କୁଳାଧିପତିଙ୍କ କାର୍ଯ୍ୟାଳୟର ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠିଛି।

ଏହି ପଦ ନିମନ୍ତେ ଶ୍ରୀ ତରାଇଙ୍କୁ ୩ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। ତାଙ୍କ କାର୍ଯ୍ୟକାଳ ୧୯ ଅକ୍ଟୋବର ୨୦୨୩ରେ ଶେଷ ହୋଇଥିଲେ ମଧ୍ୟ କୁଳାଧିପତି ବା ରାଜ୍ୟପାଳ କାର୍ଯ୍ୟାଳୟ କିମ୍ବା ଉଚ୍ଚଶିକ୍ଷା ବିଭାଗ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କି ନୂଆ ନିଯୁକ୍ତି ପ୍ରଦାନ କରିନାହାନ୍ତି। ତେଣୁ ସେ ଗତ ୧୫ମାସ ହେଲା ବିଶ୍ୱବିଦ୍ୟାଳୟରୁ ଦରମା ନେଉଥିବା ନେଇ ନାନା ପ୍ରଶ୍ନ ଉଠିଛି। ଏହି ସମୟରେ ବିଶ୍ୱବିଦ୍ୟାଳୟ ପିଏମ-ଉଷା ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ପାଇଛି; ଯାହାକି ଅଧିକାରୀଙ୍କ ଦ୍ୱାରା ବିନା ପ୍ରାଧିକୃତ ଅଧିକାରରେ ପରିଚାଳିତ ହେଉଛି ବୋଲି ଅଭିଯୋଗ ହୋଇଛି।

ଏନେଇ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ପିଏମ୍ ଉଷା ପାଇଁ ବିଶ୍ୱବିଦ୍ୟାଳୟକୁ ଆସିଥିବା ୧୦୦କୋଟି ଟଙ୍କାକୁ ତିନି ଭାଗରେ ଆସନ୍ତା ୫ବର୍ଷ ମଧ୍ୟରେ ଖର୍ଚ୍ଚ କରିବାକୁ ଯୋଜନା କରିଛୁ। ନୂଆ ଭିତ୍ତିଭୂମି ପାଇଁ ୪୦କୋଟି, ପୁରୁଣା ଭିତ୍ତିଭୂମିର ବିକାଶ ପାଇଁ ୪୦ କୋଟି ଏବଂ ୨୦ କୋଟି ଟଙ୍କା ସଫ୍ଟ କମ୍ପୋନେଟ୍ ପାଇଁ ବ୍ୟୟ ହେବ। ତେବେ ସିଏଫଓଙ୍କ କାର୍ଯ୍ୟ ଶେଷ ହେବା ନେଇ କୁଳାଧିପତିଙ୍କଠାରୁ କୌଣସି ଚିଠି ହସ୍ତଗତ ହୋଇନାହିଁ। ଚିଠି ଆସିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି। ଏନେଇ ସିଏଫଓ ଶୁକଦେବ ତରାଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

**■ ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଅଘଟଣ**

# ଆଇଇଡି ବିସ୍ଫୋରଣରେ ମହିଳା ଗୁରୁତର

ମାଲକାନଗିରି,୨୯ ।୩(ସମିସ): ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏହି ଅଘଟଣ ଘଟିଛି। ଗୁରୁତର ମହିଳା ହେଲେ, ସରସ୍ୱତୀ ଓୟାମ୍ ଓ ସେ ବୋଡ଼ଗା ଗ୍ରାମର ବାସିନ୍ଦା। ପୁଲିସ



ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଭୈରମଗଡ଼ ଥାନା ଅଞ୍ଚଳ ଅନ୍ତର୍ଗତ ବୋଡଗା ଗାଁର ସରସ୍ୱତୀ ମହୁଲ ଫୁଲ ସଂଗ୍ରହ କରିବାକୁ ନିକଟ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ମାଓବାଦୀମାନଙ୍କ ଦ୍ୱାରା ବିଛାଯାଇଥିବା ଏକ ଆଇଇଡିରେ ତାଙ୍କ ପାଦ ପଡ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ସରସ୍ୱତୀ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଭୈରମଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୂଚନା ମିଳିବା ମାତ୍ରେ ଭୈରମାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଉତ୍ପାଦନ ବେଳେ ଅଦା ଚାଷୀଙ୍କ ଆଖିରେ ଲୁହ

କୋରାପୁଟ, ୨୯।୩ (ସମିସ): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାବାସୀ ସାଧାରଣତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥା'ନ୍ତି। କୋରାପୁଟ ମାଟି ଅଦା ଚାଷ ପାଇଁ ଉପକୂଳ ପରିବେଶ ହୋଇଥିବାରୁ ଏଠାରେ ବହୁ ପରିମାଣର ଅଦା ଚାଷ ହୋଇଥାଏ। କିନ୍ତୁ ଚଳିତବର୍ଷ ଲଗାଣ ବର୍ଷା ଓ ଅନ୍ୟାନ୍ୟ କାରଣରୁ ଏଠିକାର ଅଦାଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଗୋଟିଏପଟେ ପ୍ରକୃତିର କୋପ ଯୋଗୁଁ ଅଦା ଉତ୍ପାଦନ ପାଖାପାଖି ୫୦ପ୍ରତିଶତ ହ୍ରାସ ପାଇଥିବା ବେଳେ ଅନ୍ୟପଟେ ଅଭାବୀ ବିକ୍ରିର ଶିକାର ହେଉଛି ଚାଷୀ।



କୋରାପୁଟ ଜିଲ୍ଲାରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଜିଲ୍ଲାରେ ୩୭୦୦ ହେକ୍ଟର ଜମିରେ ଅଦା ଚାଷ ହୋଇଥିଲା ଓ ବର୍ତ୍ତମାନ ଅଧାରୁ ଅଧିକ ଜମିରୁ ଉତ୍ପାଦନ ସରିଲାଣି। କିଛି ମାସ ତଳେ ବର୍ଷାର ପ୍ରଭାବ ଲଗାତାର ରହିବା କାରଣରୁ ଅଦାର ଆକାରରେ ପରିବର୍ତ୍ତନ ଆସିଛି। ଭଲ ଭାବେ ବଢ଼ି ନପାରି ଅଦା ଛୋଟ ହୋଇଯାଇଛି। ଏହି କାରଣରୁ ଚାଷୀମାନେ କ୍ଷତି ସହୁଛନ୍ତି। ଏପରିକି, ଗୁଣ୍ଡ ବା ଛୋଟ ଅଦା କେଜି୧୫ ରୁ ୨୦ଟଙ୍କା ଥିବା ବେଳେ ବିହନ

**■ ଅଭାବୀ ବିକ୍ରିର ଶିକାର ଚାଷୀ**
**■ ଛୋଟ ଅଦା କେଜି ୨୦, ବିହନ ହେଲେ ୫୦ ଟଙ୍କା**

ଅଦା ପାଇଁ କେଜି ଯାଉଛି ସର୍ବାଧିକ ୫୦ ରୁ ୬୦ ଟଙ୍କା। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି।

ନନ୍ଦପୁର ବ୍ଲକ ଲୁହାବା, ଗୁଣ୍ଡାପୁଟ ଓ ଆଲମଣ୍ଡା ଚାଷୀଙ୍କ କହିବା ଅନୁଯାୟୀ, ଅଦା ଚାଷରେ ତାଙ୍କର ପରିବାର ବର୍ଷକର ଗୁଜୁରାଣ ମେଣ୍ଟାଉଥିଲା। ହେଲେ ଏବର୍ଷ ଠିକ୍ ଭାବେ ଅଦା ହୋଇପାରିଲା ନାହିଁ, ଯାହାବି ବାହାରୁଛି ଛୋଟ ଓ ଗୁଣ୍ଡ ଅଦା ବାହାରୁଛି। ଚାହିଦା ଭଲ ରହିଛି, କିନ୍ତୁ ଅଦାକୁ ଗଚ୍ଛିତ ରଖି ଉଚ୍ଚାଦର ଆସିଲେ ବିକ୍ରି କରିବା ପାଇଁ ଶୀତଳଭଣ୍ଡାର ନାହିଁ। ଗତବର୍ଷ ଏ ସମୟରେ ଅଦା କେଜି ୧୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିଲା। କିନ୍ତୁ ଏବର୍ଷ ବହୁତ କମ୍ ଦରରେ ବାଧ ହୋଇ ବିକୁଛୁ ବୋଲି ଚାଷୀମାନେ କହିଛନ୍ତି।

ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ସୁଦାମ ଚରଣ ବିଶ୍ୱାଳ ଅଦା ସମସ୍ୟାକୁ ସ୍ୱୀକାର କରିବା ସହ କହିଛନ୍ତି, ଜିଲ୍ଲାରେ ଓଡିଓପି ଯୋଜନାରେ ଅଦା ହେଉଛି। ମୁଖ୍ୟ ଚାଷ ଆଉ ସୁପ୍ରଭା ଅଦା ଭଲ ହୁଏ। ଭଲ ଅଦା ଅମଳ ହେଲେ ୫୦ ହଜାର ମେଟ୍ରିକ ଟନ ବାହାରେ। ଅବଶ୍ୟ ଚଳିତବର୍ଷ ବର୍ଷା ଏବଂ ଜଳବାୟୁ ସହ ମୂଳରେ କନ୍ଦା ଆସିବା ବେଳେ ଅନିୟମିତତା ବର୍ଷା ଯୋଗୁଁ ଚାଷୀ କିଛିଟା ପ୍ରଭାବିତ ହୋଇଛନ୍ତି ବୋଲି ସେ କହିଛନ୍ତି।

# ବେଆଇନ ଡ୍ରେନ୍ ନିର୍ମାଣକୁ ବିରୋଧ

ବାଲିକୁଦା,୨୯।୩ (ସମିସ): ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ସାରଣା ଗ୍ରାମରେ ରାସ୍ତା କଡ଼ରେ ପଞ୍ଚାୟତ ଅନୁଦାନରେ ଜଳ ନିଷ୍କାସନ ପାଇଁ ସରକାରୀ ସ୍ଥାନରେ ନିର୍ମାଣ ହେଉଥିବା ଡ୍ରେନକୁ ବିରୋଧ କରି ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି



ଗ୍ରାମବାସୀ। ସୂଚନା ଅନୁଯାୟୀ ସାରଣା ଗ୍ରାମରେ ପଞ୍ଚାୟତ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଗ୍ରାମର ଜୈନିକ ବ୍ୟକ୍ତି ଜୋରଜବରଦସ୍ତ କାର୍ଯ୍ୟ କରୁଛନ୍ତି। ଏପରିକି ରାସ୍ତା ଠାରୁ ଅନେକ ଦୂର ପର୍ଯ୍ୟନ୍ତ ସରକାରୀ ଜାଗା ଥିବା ବେଳେ ଏହାକୁ ଜବରଦଖଲ କରିବା ସହ ବେଆଇନ ଭାବେ ରାସ୍ତା ପାଶ୍ୱର୍ରୁ ଖନନ କରି ଡ୍ରେନ ନିର୍ମାଣ କରୁଛନ୍ତି। ଏଣୁ ଉକ୍ତ ଡ୍ରେନ୍ କାରଣରୁ ଦୁର୍ଘଟଣା ଘଟି ବାଇକ୍ କିମ୍ବା ଚାରିଚକିଆ ଯାନ ଚାଳକ ଓ ସାଧାରଣ ଜନତାଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ ହୋଇଛି। ବେଆଇନ ଭାବେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ଗ୍ରାମର ନିକୁଞ୍ଜ କିଶୋର ସ୍ୱାଇଁ, ଶାରଦା ପ୍ରସାଦ ସ୍ୱାଇଁ, ସନ୍ତୋଷ କୁମାର ଲେଙ୍କା, ନାରାୟଣ ଲେଙ୍କାଙ୍କ ସମେତ ସମସ୍ତ ଗ୍ରାମବାସୀ। ଏନେଇ ତହସିଲଦାର ବିକାଶ ରଞ୍ଜନ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ, ଅଭିଯୋଗ ପାଇବା ପରେ ଆର୍‌ଆଇଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ଏହାର ରିପୋର୍ଟ ଦେବା ପାଇଁ କୁହାଯାଇଛି। ଏପରିକି ପୁଲିସ ପ୍ରଶାସନ ସହାୟତାରେ କାର୍ଯ୍ୟ ବନ୍ଦ କରାଯାଇଛି। ନିଜେ ଘଟଣା ସ୍ଥଳକୁ ଯାଇ ତଦାରଖ କରିବା ପରେ ମାପଚୁପ କରାଯାଇ ନିଷ୍ପତ୍ତି ନିଆଯିବ।

# ମହାନଦୀ ବନ୍ଧରେ ପଥର ଛାଉଣି କାର୍ଯ୍ୟ

■ ହରିପୁର ଗ୍ରାମବାସୀ ଆଶ୍ୱସ୍ତ

ମଣିଜଙ୍ଗା,୨୯।୩ (ସମିସ): ପାରାଦୀପ ନିର୍ବାଚନ ମଣ୍ଡଳୀର ରାହାମା ଠାରୁ ଖୋସଲପୁରୁ ମହାନଦୀ ଦକ୍ଷିଣ ପାଶ୍ୱର୍ ବନ୍ୟାଜଳରେ ନଦୀ ବନ୍ଧ ଖାଇ ଅତଡ଼ା ଖସୁଥିଲା। ସାଇଲୋ ପଞ୍ଚାୟତର ହରିପୁରୁ ଓ ଏହାର ଆଖପାଖ ଅଞ୍ଚଳର ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହି ଆସୁଥିଲେ। ସେଠାରେ ପଥର ଛାଉଣି କାମ ଆରମ୍ଭ ହେଉଥିବାରୁ ହରିପୁର ଗ୍ରାମବାସୀ ରାଜ୍ୟ ସରକାର ତଥା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ଜିଲ୍ଲା ରାଜସ୍ୱ ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନ

ଜଗତସିଂହପୁର,୨୮।୩ (ସମିସ): ଜଗତସିଂହପୁର ଜିଲ୍ଲା ରାଜସ୍ୱ ଆଇନଜୀବୀ ସଂଘର ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଗଣେଶ୍ୱର ମାଣିଆ ସଭାପତି, ରମାକାନ୍ତ ପରିଜା ଉପ-ସଭାପତି, ଅଶୋକ କୁମାର ରାୟ ସାଧାରଣ ସଂପାଦକ, ମାନସୀ ବେହେରା ସହ-ସଂପାଦକ, ସତ୍ୟଜିତ୍ ସ୍ୱାଇଁ ଯୁଗ୍ମ-ସଂପାଦକ ଏବଂ କମଳାକାନ୍ତ ମହାନ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସମୀରଣ ନାୟକ ସୂଚନା ଦେଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ କୃଷ୍ଣଚନ୍ଦ୍ର ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ପ୍ରଭାତ ଦାଶ, ଅରୁନ୍ଧତି ସାହୁ, ବିଶ୍ୱଜିତ୍ ରାୟ, ଅଲୋକ ଶତପଥୀ ଏବଂ ଶୈଳେନ୍ଦ୍ର କୁମାର ମହାନ୍ତି ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ପରେ ନୂତନ କର୍ମକର୍ତାମାନଙ୍କୁ ସଂଘର ସଦସ୍ୟମାନେ ଅଭିନନ୍ଦନ ଜଣାଇଥିଲେ।

# 'କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଭିତରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରେ'



ଜଗତସିଂହପୁର,୨୯।୩(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ଘୋଷାଘର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ ସଭାପତିତ୍ୱ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଶିକ୍ଷକ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବୁଲା ବେହେରା ଓ ୱାର୍ଡ ସଭ୍ୟ ରମେଶ ପାତ୍ର ସମ୍ମାନିତ ଅତିଥି ଏବଂ ଆଞ୍ଚଳିକ ସାଧନ ସଂଯୋଗ ବିକ୍ରମ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡା ଛାତ୍ରଛାତ୍ରୀଙ୍କ ଭିତରେ ପ୍ରତିଯୋଗୀତା ମନୋଭାବ ସୃଷ୍ଟିକରେ ଏବଂ ଶରୀରକୁ ସୁସ୍ଥ ଓ ମନକୁ ପ୍ରଫୁଲ୍ଲିତ ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରା ସଭା ପରିଚାଳନା କରିଥଲେ। ସହକାରୀ ଶିକ୍ଷକ ହେମନ୍ତ କୁମାର ମଲ୍ଲିକ ଅତିଥି ପରିଚୟଓ ଶିକ୍ଷୟିତ୍ରୀ ସଂଯୁକ୍ତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଙ୍ଗନବାଡି ଗୃହ ନାହିଁ | ପରିତ୍ୟକ୍ତ ଘରେ ପାଠପଢ଼ା ବେଳେ ଭୁଶୁଡ଼ିଲା ସିଡ଼ି

କୃଷ୍ଣାନନ୍ଦପୁର, ୨୯ ।୩(ସମିସ):



ତିର୍ତ୍ତୋଲ ବ୍ଲକ ଅଧୀନ ଦାଇଁଲୋ ପଞ୍ଚାୟତର ମୁଣ୍ଡିଦା ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଦୀର୍ଘ ବର୍ଷରୁ ବନ୍ଦହୋଇ ପଡ଼ିଥିବା ପରିତ୍ୟକ୍ତ ସ୍କୁଲଘରେ ମୁଣ୍ଡିଦା ଅଙ୍ଗନବାଡି କେନ୍ଦ୍ର ଚାଲୁଛି। ଅଙ୍ଗନବାଡି ଖୋଲାଥିବା ସମୟରେ ହଠାତ୍ ଭୁଶୁଡ଼ି ପଡ଼ିଲା ଘରର ସିଡ଼ି। ଜଣେ ଖଣ୍ଡିଆ ଖାବରା ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଅନ୍ୟମାନେ।

ଏହି ପରିତ୍ୟକ୍ତ ସ୍କୁଲଘରେ ଅଙ୍ଗନବାଡି କେନ୍ଦ୍ର ଖୋଲିବାକୁ ଅନୁମତି କିଏ ଦେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବଡ଼ଧରଣର ଅଘଟଣ ହୋଇଥାନ୍ତା, ତେବେ ଉତ୍ତରଦାୟୀ ସୁପରଭାଇଜର, ସିଡିପିଓ ନା ସେକ୍ଟର ଦାୟିତ୍ୱରେ ଥିବା ଅଧିକାରିଣୀ ହୋଇଥାନ୍ତେ। ଏହି ଅଧିକାରିଣୀମାନେ ଅଙ୍ଗନବାଡି କେନ୍ଦ୍ରକୁ ମଝିରେ ମଝିରେ ପରିଦର୍ଶନରେ ଆସୁନଥିବା ଅଭିଯୋଗ ହେଉଛି। କିଛି ମାସ ତଳେ ପାଖ ପୁରୁଣା ଅଙ୍ଗନବାଡି କେନ୍ଦ୍ରରେ ବଣ୍ଟା ଯାଇଥିବା ଛତୁଆ ପ୍ୟାକେଟ୍ ଭିତରୁ ବାହାରିଥିଲା ମଲାବେଙ୍ଗ। ମୁଣ୍ଡିଦା ଅଙ୍ଗନବାଡ଼ି କେନ୍ଦ୍ରରେ ନିଜସ୍ୱ ଘର ନାହି। ତୁରନ୍ତ ବ୍ଲକ ପ୍ରଶାସନ ମୁଣ୍ଡିଦା ଅଙ୍ଗନବାଡି କେନ୍ଦ୍ର ପାଇଁ ନିଜସ୍ୱ ଘର ଯୋଗାଇ ଦେବାକୁ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ବିଜୟ କୁମାର ଦାଶ, ପ୍ରଶାନ୍ତ କୁମାର ପଣ୍ଡା, ତପନ କୁମାର ମିଶ୍ର, ପ୍ରଦୀପ୍ତ ଦାଶ, ନିରଞ୍ଜନ ଦାଶ ଓ କାଶୀନାଥ ଦାଶଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

**ଧୋୟା ଅଞ୍ଚଳକୁ ପରିଦର୍ଶନ ପାଇଁ ଆସୁନାହାଁନ୍ତି ଅଧିକାରିଣୀ**

# ପୋଲ କାମକୁ ଗ୍ରାମବାସୀଙ୍କ ସ୍ୱାଗତ

ମଣିଜଙ୍ଗା,୨୯।୩ (ସମିସ): ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା ଗ୍ରାମପଞ୍ଚାୟତର ଖଣ୍ଡିଆଗୋରଡ଼ଠାରୁ ବତିଲୋ ବୃଦ୍ଧା ନଦୀରେ ପୋଲ କାମ ପାଇଁ ଏ ଅଞ୍ଚଳର ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି । ପୂର୍ବରୁ ଏହି ପୋଲଟି ଭଗ୍ନ ଅବସ୍ଥାରେ ଥିଲା । ବିଭିନ୍ନ ସମୟରେ ପୋଲରୁ ପଡ଼ି ଲୋକେ ଖଣ୍ଡିଆ ଖାବରା ହୋଇ ମେଡିକାଲ ଯାଉଥିଲେ। ବର୍ତ୍ତମାନ ନୂତନ ପୋଲ ହେବା ଦ୍ୱାରା ୬ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇ ପାରିବେ ବୋଲି ପୂର୍ବତନ ନାଏବ ସରପଞ୍ଚ ପ୍ରଭୁ ପ୍ରସାଦ ସ୍ୱାଇଁ, କେଦାର ଚରଣ ଲେଙ୍କା, ଯତୀନ କୁମାର ବିଶ୍ୱାଳ, ଜ୍ଞାନ ରଞ୍ଜନ ସ୍ୱାଇଁ, ରବୀନ୍ଦ୍ର କୁମାର ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ ଓ ଗ୍ରାମର ସହସ୍ରାଧିକ ଜନସାଧାରଣ କହି ରାଜ୍ୟ ସରକାର ତଥା ଆର୍‌ଡି ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ହନୁମାନଜୀଉଙ୍କ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

କୃଷ୍ଣାନନ୍ଦପୁର,୨୯ ।୩(ସମିସ):ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନୀମୂଳ ପଞ୍ଚାୟତ ଅଧୀନ ବଡ଼ଭଁଷର ଗ୍ରାମର ଶ୍ରୀଶ୍ରୀ ହନୁମାନଜୀଉଙ୍କର ୨୧ତମ ବାର୍ଷିକ ଉତ୍ସବ ରାମାୟଣୀପଣ୍ଡିତ ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମାର୍ଚ୍ଚ ୨୫ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି କାର୍ଯ୍ୟକ୍ରମର ପ୍ରଥମ ଦିବସ ଉଦ୍‌ଘାଟନ ସନ୍ଧ୍ୟାରେ ପଦ୍ମଶ୍ରୀ ବାବା ବଳିଆ ଓ ଅଖିଳଭାରତୀୟ ସନ୍ଥ ସମିତିର ଉପସଭାପତି ବ୍ରାହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ ରାମକଥା ଓ ହନୁମାନଙ୍କ ବିଷୟରେ ପ୍ରବଚନ ପ୍ରଦାନ କରିଥିଲେ ।ପଣ୍ଡିତ ନିରଞ୍ଜନ ଦାଶଙ୍କ ନେତୃତ୍ୱରେ ପାଞ୍ଚଜଣ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ହୋଇଥିଲା। ସୂର୍ଯ୍ୟପୂଜା,ଗୋପୂଜା, ଗୁରୁଗୋବିନ୍ଦ ଓ ଧରିତ୍ରୀପୂଜନ ସହିତ ବିଭିନ୍ନ ଦିବସରେ ଗୀତାଆହୁତି,ଚଣ୍ଡୀ ଆହୁତି ଓ ଶ୍ରୀରାମ ଓ ଶ୍ରୀ ହନୁମାନଙ୍କର ଆହୁତି ପ୍ରଦାନ କରାଯାଇଥିଲା ।ଉଦଯାପନୀ ଦିବସରେ ପ୍ରାତଃସମୟରେ ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ ଓ ବାଦ୍ୟକାର ଦିବାକର ଦାସ ଦ୍ୱାରା ଗୋସ୍ୱାମୀ ତୁଳସୀଦାସ କୃତ ଶ୍ରୀରାମଚରିତମାନସର ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ପ୍ରଥମ ଦିବସରେ ଚତୁର୍ଥ ପ୍ରହର ନାମଯଜ୍ଞ ପୂଜକ ସୁଦର୍ଶନ ପଣ୍ଡାଙ୍କ ଦ୍ୱାରା ସମାହିତ ହୋଇଥିଲା। ହନୁମାନଜୀଉ ଦୟାପରିଷଦ ଆନୁକୂଲ୍ୟର ଉଦଯାପନୀ ସନ୍ଧ୍ୟାରେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଙ୍କ ଦ୍ୱାରା ପ୍ରବଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମଟିକୁ ବଡ଼ଭଁଷର ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ। ପାଖଆଖ ଅଞ୍ଚଳରୁ ବହୁ ଭକ୍ତଶ୍ରଦ୍ଧାଳୁ ଉପସ୍ଥିତ ହୋଇ ରାମକଥା ଶ୍ରବଣ କରିଥିଲେ।

# କୋଟକଣା-ବାନାମ୍ବର ସେତୁ ନିର୍ମାଣ ପ୍ରସଙ୍ଗ ଉଠାଇଲେ ତିର୍ତ୍ତୋଲ ବିଧାୟକ






ଜଗତସିଂହପୁର,୨୯ ।୩(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମହାନଦୀ ଉପରେ ପ୍ରସ୍ତାବିତ କୋଟକଣା-ବାନାମ୍ବର ସେତୁ ନିର୍ମାଣର ସ୍ଥିତି କଣ ରହିଛି ବୋଲି ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ ତିର୍ତ୍ତୋଲର ବିଜେଡି ବିଧାୟକ ଡଃ ରମାକାନ୍ତ ଭୋଇ। ଏହି ସେତୁ ନର୍ମାଣ ପାଇଁ ପୂର୍ବରୁ ଟେଣ୍ଡର ପ୍ରକ୍ରିୟାକୁ ଯାଇଥିଲେ ମଧ୍ୟ କେଉଁ କାରଣରୁ ସ୍ଥଗିତ ରହିଛି ତାହା ଜାଣିବାକୁ ଚାହିଁଥିଲେ ବିଧାୟକ ଡଃ ଭୋଇ। ଏହାର ଉତ୍ତର ଦେବାକୁ ଯାଇ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ,ଏହି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଅଛି। ତେବେ ଏହି ସେତୁଟି ନ୍ୟାସନାଲ ୱାଟରୱେ-୫ ଅଧିନରେ ଆସୁଥିବା ବେଳେ ପୂର୍ବରୁ ଅନୁମୋଦିତ ଡିଜାଇନରେ ଇନଲ୍ୟାଣ୍ଡ ୱାଟରୱେ ଅଫ ଇଣ୍ଡିଆ ଆପତ୍ତି ଉଠାଇଛନ୍ତି। ନୂତନ ଡିଜାଇନ ଉକ୍ତ ସଂସ୍ଥା ଦ୍ୱାରା ଅନୁମୋଦିତ ହେବା ପରେ ସେତୁ ନିର୍ମାଣ ପାଇଁ ଏଷ୍ଟିମେଟ୍ କରାଯାଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ।

# ଟ୍ରକ୍ ଓ କାର୍ ମୁହାଁମୁହିଁ ଧକ୍କା,୨ ଆହତ



ରଘୁନାଥପୁର,୨୯ ।୩(ସମିସ): ରଘୁନାଥପୁର ଥାନା କଟକ ପାରାଦୀପ ରାସ୍ତାର ତାରପୁର ବାଇପାସ୍ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଏକ ମାଛ ବୋଝେଇ ଟ୍ରକ ଏକ ୱାଗନର କାରକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କାର ଚାଳକ ସହ ସେଥିରେ ଥିବା ଅନ୍ୟଜଣେ ବ୍ୟକ୍ତି ଆହତ ହୋଇ ମେଡିକାଲ ସ୍ଥାନାନ୍ତରିତ ହେଇଛନ୍ତି। ସେମାନେ ହେଲେ ତିର୍ତ୍ତୋଲ ଥାନା କନକପୁର ଗ୍ରାମର ସତ୍ୟବ୍ରତ ଦାସ (୫୨) ଓ ଏହି ଥାନା ଅର୍ନ୍ତଗତ ରାହାମା ଅଞ୍ଚଳର ରଶ୍ମୀରଞ୍ଜନ ସାହୁ (୪୮)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ୱାଗନର କାରଟି କଟକ ଆଡୁ ଆସୁଥିବାବେଳେ ପାରାଦୀପରୁ ମାଛ ବୋଝେଇ କରି ଆସୁଥିବା ଆଇଚର ଟ୍ରକଟି କାରକୁ ଧକ୍କା ଦେଇ ଓଲଟି ପଡିଥିଲା। ଏପରିକି ଟ୍ରକର ପଛ ଚାରୋଟି ଚକା ସମ୍ପୂର୍ଣ ଭାଙ୍ଗି ଅଲଗା ହୋଇଯାଇଥିଲା ।ଘଟଣା ସ୍ଥଳରୁ ଟ୍ରକର ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଦୁଇ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ରେଫର କରାଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

# ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ



ତିର୍ତ୍ତୋଲ,୨୯ ।୩(ସମିସ):ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତର ତଅଁରା ଗ୍ରାମସ୍ଥିତ ପର୍ଶୁରାମ କ୍ଷେତ୍ର ତୀର୍ଥମଠରେ ତ୍ରୟୋବିଂଶତମ ଶ୍ରୀମଦ୍ ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞର ଦୀର୍ଘ ଏକ ସପ୍ତାହ ବ୍ୟାପି ମହାନ ଆଧାତ୍ମିକ ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମଠାଧିଶ ଦିବ୍ୟକୃଷ୍ଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ବିଭିନ୍ନ ମଠର ପୀଠାଧୀଶ, ସାଧୁ ସନ୍ଥ , ବିଦ୍ୱାନ ପଣ୍ଡିତ ମାନେ ମଞ୍ଚାସୀନ ହୋଇଥିଲେ ।ଏହା ପୁର୍ବରୁ ଶ୍ରୀକୃଷ୍ଣ ରୁକ୍ମଣୀଙ୍କ ଶୁଭବିବାହ ଉପଲକ୍ଷେ ଏକ ସୁସଜ୍ଜିତ ପାଲିଙ୍କି ଆରୋହଣ କରି ବର୍ଣ୍ଣାଢ୍ୟ ପଟୁଆର ରୋଷଣୀ ମଧ୍ୟରେ ନଗର ପରିକ୍ରମା କରିଥଲେ। ପରେ ପଣ୍ଡିତ ଶିଖର ଚନ୍ଦ୍ର ପାଢ଼ୀ ବେଦପାଠ କରିଥଲେ। ଅନୁଷ୍ଠାନର ମାର୍ଗ ଦର୍ଶକ ତଥା ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ,ଧାରାବାହିକ ପ୍ରବକ୍ତା ଭାବେ ଯୋଗଦେଇ କହିଲେ ଯେ, ଭାଗବତର ପ୍ରଚାର ପ୍ରସାର ଯେତିକି ବ୍ୟାପକ ହେବ, ଆମ ସମାଜର ସେତିକି ସେତିକି ଶାନ୍ତି ମୈତ୍ରୀ ସଂହତି ଓ ଆଧାତ୍ମିକ ଭାବଧାରା ବିକଶିତ ହେବ। ପଣ୍ଡିତ ସୁରେନ୍ଦ୍ରନାଥ ମିଶ୍ର , ମହେଶ ଚନ୍ଦ୍ର ତ୍ରିପାଠୀ ଓ ରାଜକିଶୋର ଦାଶ ବ୍ୟାସ ଭାବରେ ଅଂଶ ଗ୍ରହଣ କରିଥିବା ବେଳେ, ନିତ୍ୟପୂଜକ ଶଶିକାନ୍ତ ମିଶ୍ର ପୀଠର ସମସ୍ତ ଦେବଦେବୀଙ୍କର ପୂଜାର୍ଚ୍ଚନା କାର୍ଯ ସମ୍ପାଦନ କରିଥଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା ଙ୍କ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ସମସ୍ତ କାର୍ଯ୍ୟକ୍ରମରେ ତଅଁରା ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଅଧିବାସୀ ମାନେ ସହଯୋଗ କରିଥିଲେ। ସମ୍ବର୍ଦ୍ଧନା କାର୍ଯକ୍ରମ କୁ ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା ସଂଯୋଜନା କରିଥିବା ବେଳେ ମହାପ୍ରଭୂଙ୍କ ଦିବ୍ୟଆଳତୀ ଦର୍ଶନ ଓ ସମବେତ ଗୀତଗୋବିନ୍ଦ ଗାନ କରାଯାଇ ଉତ୍ସବର ପରିସମାପ୍ତି ଘୋଷଣା କରାଯାଇଥିଲା।

# ନୂତନ ଅଧ୍ୟକ୍ଷଙ୍କୁ ଛାତ୍ର କଂଗ୍ରେସର ସମ୍ବର୍ଦ୍ଧନା

ଜଗତସିଂହପୁର,୨୯ ।୩(ସମିସ):ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ହୋଇଥିବା ଡଃ. ଶ୍ରୀମତୀ ସୁଜାତା ଓଟାଙ୍କୁ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମହାବିଦ୍ୟାଳୟର କ୍ୟାମ୍ପସ ଛାତ୍ର କଂଗ୍ରେସ କମିଟିର ସଦସ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମହାବିଦ୍ୟାଳୟର କି ଭଳି ଭାବେ ଉନ୍ନତି ହେବ ଓ ଛାତ୍ରଛାତ୍ରୀମାନେ କି ଭଳି ଭାବେ ସୁବିଧା ସୁଯୋଗ ପାଇବେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରେ ପଙ୍କଜ କୁମାର ପଣ୍ଡା,ବିଶ୍ୱ ରଞ୍ଜନ ନାଥ,ସୁମନ୍ତ ସେଠୀ ,ଅପରାଜିତା ସ୍ୱାଇଁ,ବିଶ୍ୱଜିତା ପୋହି, ଆରତୀ ଟୁଡୁ,ଅନ୍ୱେଷା ପ୍ରଧାନ, ସୌମ୍ୟାପ୍ରଜ୍ଞା ସେଠୀ , ବିଶ୍ୱବନ୍ଦନା ପାଇକରାୟ ,ସ୍ମୃତିରଞ୍ଜନ ବେହେରା , ସୋନୁ ବେହେରା ଉପସ୍ଥିତ ଥିଲେ।



## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଗାଦୀବ୍ରହ୍ମ କ୍ରିକେଟ୍ କ୍ଲବ ଅପଣ୍ଡରା ଟିମ୍ ଚାମ୍ପିଅନ

ବାଲିକୁଦା,୨୯ ।୩(ସମିସ):



ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଶ୍ରୀବନ୍ତପୁର ବାବା ଜଟାଧାରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୬ ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଡ଼ ପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗାଦୀବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ଟିମ ପ୍ରଥମେ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୬ ଓଭରରେ ତାର ୯ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଗର ବିଶ୍ୱାଳ ୧୯ ବଲରେ ୪୨ ଓ ସଞ୍ଜୟ ବିଶ୍ୱାଳ ୧୭ ବଲରେ ୫୩ ରନ ସ୍କୋର କରିଥିଲେ। ଏହାର ଜବାବରେ ବୃନ୍ଦାବନ ବିହାରୀ କ୍ରିକେଟ କ୍ଲବ ଗୋଡ଼ା ନିର୍ଦ୍ଧାରିତ ଓଭରରେ ତାର ସମସ୍ତ ଉଇକେଟ ହରାଇ ୧୦୮ ରନ କରି ୫୮ ରନର ବ୍ୟବଧାନରେ ପରାସ୍ତ ହୋଇଥିଲା। ଫଳରେ ଅପଣ୍ଡରା ଟିମ ଚମ୍ପିୟାନ ଘୋଷିତ ହୋଇଥିଲା ।ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ସଞ୍ଜୟ ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ସୁଜିତ ସାହୁ, ଓ ଶ୍ରେଷ୍ଠ ଅଧିନାୟକ ଭାବେ ଅପଣ୍ଡରା ଟିମ ଅଧିନାୟକ ମିଥୁନ ସେଠୀ ଓ ଶୃଙ୍ଖଳିତ ଖେଳାଳି ଭାବେ ଗୋଡ଼ା ଟିମ ଅଧିନାୟକ ତ୍ରିଲୋଚନ ଲେଙ୍କା ପୁରସ୍କୃତ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ବସନ୍ତ ସେଠି ଓ ପୃଥ୍ୱୀରାଜ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରିଂ ରେ ସୌଭାଗ୍ୟ ମହାନ୍ତି ଓ ସିପୁନ ପରିଡା ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ପିଣ୍ଟୁ ମହାରଣା,ଭାନୁ ପ୍ରତାପ ମଲ୍ଲ ଓ ଚିକୁନୁ ମହାନ୍ତି ପ୍ରଦାନ କରିଥିଲେ ।ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ପବିତ୍ର ମୋହନ ପଣ୍ଡା ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିବା ସହ ଉଭୟ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ କ୍ଲବ ସଦସ୍ୟ ପ୍ରୟାସ ମୁଦୁଲି, ଚିକୁନ ମହାନ୍ତି, ରାମ ସାହୁ, ରାଜା ଜେନା, ସାନ୍ ଦାସ, ବାବୁ ଜେନା, ଆୟୁଷ ସେଠୀ, ପ୍ରତାପ ସେଠୀ, ମିଥୁନ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।



# ବସନ୍ତ ଉତ୍ସବ | ବାଲିକୁଦାର ପୁଷ୍ପାଞ୍ଜଳି ଓଡ଼ିଶୀ ନୃତ୍ୟରେ ପ୍ରଥମ

ବାଲିକୁଦା,୨୯ ।୩(ସମିସ): ରାଜ୍ୟ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ସୁନ୍ଦରଗଡ଼ ଜିଲ୍ଲା ରାଉଲକେଲା ଠାରେ ୪୮ ତମ ବାର୍ଷିର୍କ ବସନ୍ତ ଉତ୍ସବରେ ଓଡ଼ିଶୀ ନୃତ୍ୟରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ୧୧ ବର୍ଷୀୟା କୁନି ପ୍ରତିଭା ପୁଷ୍ପାଞ୍ଜଳି ଜେନା ବାଲିକୁଦା ପାଇଁ ଗୌରବ ଆଣିଛନ୍ତି। ପୁଷ୍ପାଞ୍ଜଳିଙ୍କ ଘର ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ନଳରା ଗ୍ରାମରେ ହୋଇଥିବା ବେଳେ ସେ ରାଉରକେଲାରେ ଶିକ୍ଷା ଗ୍ରହଣ କରିଥାନ୍ତି। ୫ ଦିନ ଧରି ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତା ରେ ସେ ଅନ୍ୟ ୪୨ ଜଣ ପ୍ରତିଭାମାନଙ୍କୁ ପଛରେ ପକାଇ ବିଚାରକମାନଙ୍କ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ଏହି ସଫଳତାର ଶ୍ରେୟ ନିଜର ନୃତ୍ୟ ଗୁରୁ ସୁଦେଷୀନା ରାଉତ, ପିତା ପ୍ରତାପ କୁମାର ଜେନା, ମାତା ସ୍ୱର୍ଣ୍ଣପ୍ରଭା ଲେଙ୍କା, ଜ୍ୟେଷ୍ଠ ପିତା ଦିଲ୍ଲୀପ ଜେନା, ଆଇ ବାଉଳତା ଜେନାଙ୍କୁ ଦେଇଛନ୍ତି। ସେ ଆଗକୁ ଏହି କ୍ଷେତ୍ରରେ ସାଧନା କରିବା ପାଇଁ ମନସ୍ଥ କରିଥିବା କହିଛନ୍ତି। ସୂଚନା ଅନୁଯାୟୀ ପୁଷ୍ପାଞ୍ଜଳି ୬ ବର୍ଷ ବୟସରୁ ଓଡିଶୀ ନୃତ୍ୟ ପ୍ରତି ଆଗ୍ରହ ଦେଖାଇବା ସହ ଅକ୍ଳାନ୍ତ ପରିଶ୍ରମ କରି ୨୦୧୯ ମସିହାରେ ଏକ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ମାଲେସିଆର କ୍ୱାଲାଲାମପୁରଠାରେ ଅଂଶଗ୍ରହଣ କରି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ ।ଆଗକୁ ମଧ୍ୟ ସେ ଆନ୍ତର୍ଜାତୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପୁରସ୍କାର ପାଇବା ପରେ ପୁଷ୍ପାଞ୍ଜଳିଙ୍କୁ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବବିତା ସ୍ୱାଇଁ, ସରପଞ୍ଚ ଉର୍ମିଳା ସାହୁ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ବିକ୍ରମ ସେଠୀ, ଅବିନାଶ ସାହୁ, ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ, ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ଘାସଫୁଲ ସାହିତ୍ୟ ସଂସଦ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, କୈଳାଶ ଚନ୍ଦ୍ର ଲେଙ୍କା, ଉମେଶ ଚନ୍ଦ୍ର ଲେଙ୍କାଙ୍କ ସମେତ ସମସ୍ତ ନଳରା ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୦ ● ପାଉଣ୍ଡ ୧୧୦.୯୪
- ୟୁରୋ ୯୨.୯୪ ● ୟେନ୍ ୦.୫୬

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୨,୩୬୦ (ନୂଆଦିଲ୍ଲୀ)
- ରୁପା : ୧,୦୧,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୪୧୪.୦୦
- ନିଫ୍ଟି ୨୩,୫୧୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ରଣ ମୋହରେ ଭାରତୀୟ

# ୧୧ ମାସରେ ନେଲେଣି ୧୫ ଲକ୍ଷ କୋଟି

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି)



- ଭାଙ୍ଗିଲା ଗତବର୍ଷର ରେକର୍ଡ
- ୩୫.୭୧% ରହିଛି ବ୍ୟକ୍ତିଗତ ରଣ
- ସୁନା ରଣ ୫.୭୮% ବୃଦ୍ଧି
- ୧୭୫.୫୬ ଲକ୍ଷ କୋଟି ଛୁଇଁଲା ମୋଟ ରଣ

ଭାରତୀୟଙ୍କ ଉପରେ ରଣଭାର ବଢ଼ିବାରେ ଲାଗିଛି। ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଲୋକେ ରଣ କରି ଚାଲିଥିବାରୁ ଏପରି ହେଉଛି। ରଣ ନେବାରୁ ପୂର୍ବ ବର୍ଷର ରେକର୍ଡକୁ ଲୋକେ ଭାଙ୍ଗି ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୧ ମାସରେ ବ୍ୟାଙ୍କଗୁଡ଼ିକ ୧୫.୩୩ ଲକ୍ଷ କୋଟି ଟଙ୍କାର ନୂଆ ରଣ ଦେଇଛନ୍ତି। ଏହା ସହିତ ବ୍ୟାଙ୍କଗୁଡ଼ିକର ମୋଟ ରଣ ୧୭୫. ୫୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୯.୩ ପ୍ରତିଶତ ଅଧିକ। ଲୋକେ ସବୁଠୁ ଅଧିକ ବ୍ୟକ୍ତିଗତ ରଣ ନେଇଛନ୍ତି। ମୋଟ ନୂଆ ରଣରେ ବ୍ୟକ୍ତିଗତ ରଣ ପରିମାଣ ସର୍ବାଧିକ ରହିଛି। ତେବେ ଉଦ୍ୟୋଗ କ୍ଷେତ୍ରକୁ ଦିଆଯାଉଥିବା ରଣ ହ୍ରାସ ପାଇଛି। ଏହା କେବଳ ୧୪.୫ ପ୍ରତିଶତ ରହିଛି। ସେହିପରି ଉଦ୍ୟୋଗ କ୍ଷେତ୍ରକୁ ଦିଆଯାଇଥିବା ରଣଠାରୁ ଗୃହରଣ ଅଧିକ ରହିଛି। ଏହା ପ୍ରାୟ ୧୭ ପ୍ରତିଶତ ରହିଛି।

ରିପୋର୍ଟ ଅନୁଯାୟୀ ୧୫.୩୩ ଲକ୍ଷ କୋଟିର 'ନନ୍ ଫୁଡ୍ ଲୋନ୍'ରେ ବ୍ୟକ୍ତିଗତ ରଣ ସର୍ବାଧିକ ରହିଛି। ଏହା ୫.୪୭ ଲକ୍ଷ କୋଟିରେ ପହଞ୍ଚି ଯାଇଛି। ଏହି ରାଶି ମୋଟ ରଣର ୩୫.୭୧ ପ୍ରତିଶତ। ଏହା ପଛରେ ସେବା କ୍ଷେତ୍ର ରହିଛି। ଏହି କ୍ଷେତ୍ରକୁ ୪.୬୪ ଲକ୍ଷ କୋଟିର ରଣ ଦିଆଯାଇଛି। ଏହା ମୋଟ ରଣର ୩୦.୩ ପ୍ରତିଶତ। ସେହିପରି ବ୍ୟକ୍ତିଗତ ରଣରେ ଗୃହରଣର ଚାହିଦା ସର୍ବାଗ୍ରେ ରହିଛି। ଏହା ୨.୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଏହା ମୋଟ ରଣର ୧୬.୯୫ ପ୍ରତିଶତ। ଏବେ ବ୍ୟକ୍ତିଗତ ରଣ ନେବା ବହୁତ ସହଜ ହୋଇଯାଇଛି। ଏଭଳି ଅନେକ ଏନ୍‌ବିଏଫ୍‌ସି କମ୍ପାନୀ ଅଛନ୍ତି ଯେଉଁମାନେ ବହୁତ କମ୍ କାଗଜପତ୍ରରେ ସହଜରେ ରଣ ପ୍ରଦାନ କରୁଛନ୍ତି। ଏହି ରଣ ପାଇଁ ବ୍ୟାଙ୍କ ଯିବାକୁ ପଡୁନାହିଁ। ଅନ୍‌ଲାଇନରେ ସବୁ କାମ ହେଇଯାଉଛି। ବୃତ୍ତିଗତଙ୍କୁ ଆହୁରି ଶୀଘ୍ର ଏବଂ ସୁବିଧାରେ ରଣ ମିଳିପାରୁଛି। ଏଥିଯୋଗୁଁ ବ୍ୟକ୍ତିଗତ ରଣ ଚାହିଦା ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ ଶିଳ୍ପ କ୍ଷେତ୍ରକୁ କେବଳ ୨.୨୨ ଲକ୍ଷ କୋଟି ଟଙ୍କାର ରଣ ଦିଆଯାଇଛି। ଏହା ମୋଟ ରଣର ୧୪.୫୧ ପ୍ରତିଶତ ରହିଛି।

କୃଷି ରଣରେ ମଧ୍ୟ ଦ୍ରୁତ ବୃଦ୍ଧି ଦେଖା ଦେଇଛି। ଏହା ୧.୯୩ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଏହା ମୋଟ ରଣର ୧୨.୫୯ ପ୍ରତିଶତ ରହିଛି। ବଡ଼ ଶିଳ୍ପକୁ ରଣପ୍ରଦାନ ହାର ସାମାନ୍ୟ ମନ୍ଥର ରହିଛି। ଏହି କମ୍ପାନୀଗୁଡ଼ିକୁ କେବଳ ୧.୧୫ ଲକ୍ଷ କୋଟିର ରଣ ମିଳିଛି। ସେବା କ୍ଷେତ୍ରରେ ବ୍ୟବସାୟ ଏବଂ ରିୟଲ ଇଷ୍ଟେଟରେ ସର୍ବାଧିକ ରଣ ନିଆଯାଇଛି। ଏଭଳି କିଛି କ୍ଷେତ୍ର ଅଛନ୍ତି ଯାହାର ରଣ ହାର ହ୍ରାସ ପାଇଛି। ହାଉସିଂ ଫାଇନାନ୍ସ କମ୍ପାନୀ ଗୁଡ଼ିକର ୧୦୫୧ କୋଟି ଟଙ୍କା କ୍ଷତି ହୋଇଛି। ପବ୍ଲିକ ଫାଇନାନ୍ସ ଇନଷ୍ଟିଚ୍ୟୁସନ୍ସ ଗୁଡ଼ିକର ୯୩୬୯ କୋଟି ଟଙ୍କା କ୍ଷତି ହୋଇଛି। ତେବେ ସୁନା ରଣ ବୃଦ୍ଧି ପାଇଛି। ଏହି ରଣ ୮୮, ୬୩୬ କୋଟି ଟଙ୍କା (୫.୭୮%) ବୃଦ୍ଧି ପାଇଛି। ଅର୍ଥାତ୍ ଲୋକେ ସୁନା ବନ୍ଧା ରଖି ରଣ ନେଉଛନ୍ତି। ସେହିପରି ଗାଡ଼ି ରଣ ୪୬, ୩୮୪ କୋଟି ଟଙ୍କା (୩.୦୨%) ବଢ଼ିଛି। କ୍ରେଡିଟ କାର୍ଡରେ ବ୍ୟୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। କ୍ରେଡିଟ କାର୍ଡ ବକେୟା ବିଲ୍ ୩୦, ୦୩୧ କୋଟି ଟଙ୍କା (୧.୦୫%) ବୃଦ୍ଧି ପାଇଛି।

### ଚଳିତ ସପ୍ତାହରେ ପୁଣି ବଢ଼ିଲା

# ସୁନା ୯୯୫ ଟଙ୍କା ଓ ରୁପା ୩, ୨୭୨ ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ସୁନା ଏବଂ ରୁପା ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ଏହା ଦିନକୁ ଦିନ ନୂଆ ରେକର୍ଡ କରିଚାଲିଛି। ଚଳିତ ସପ୍ତାହରେ ୧୦ ଗ୍ରାମ ପିଛା ୨୪ କାରଟ ସୁନା ମୂଲ୍ୟ ୯୯୫ ଟଙ୍କା ବଢ଼ିଛି। ଗତ ୨୨ ତାରିଖରେ ସୁନା ୮୮, ୧୬୯ ଟଙ୍କା ଥିବାବେଳେ ଶନିବାର ଏହା ୮୯, ୧୬୪ ଟଙ୍କାରେ ପହଞ୍ଚି ଯାଇଛି। ସେହିପରି ସମୀକ୍ଷାଧିନ ଅବଧିରେ ରୁପା କେଜି ୩,୨୭୨ ଟଙ୍କା ବଢିଛି। ଗତ ଶନିବାର ଏହା ୯୭, ୬୨୦ ଟଙ୍କା ଥିବାବେଳେ ଏବେ ମୂଲ୍ୟ ୧,୦୦, ୮୯୨ ଟଙ୍କାରେ ପହଞ୍ଚି ଯାଇଛି। ଦିନକ ତଳେ ଶୁକ୍ରବାର ରୁପା ୧, ୦୦, ୯୩୪ ଟଙ୍କା ଏବଂ ସୁନା ୮୯, ୩୦୬ ଟଙ୍କାର ସର୍ବକାଳୀନ ସ୍ତରରେ ପହଞ୍ଚି ଥିଲା। ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏବେ ୧୦ ଗ୍ରାମ ପିଛା ୨୨ କାରଟ ସୁନା ମୂଲ୍ୟ ୮୧, ୬୭୪ ଏବଂ ୧୮ କାରଟ ମୂଲ୍ୟ ୬୬, ୮୭୩ ଟଙ୍କା ରହିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୪ କାରଟ ସୁନା ମୂଲ୍ୟ ୧୩,୦୦୨ ଟଙ୍କା ମହଙ୍ଗା ହେଲାଣି। ସେହିପରି ରୁପା ୧୪, ୮୭୫ ଟଙ୍କା ବଢ଼ିଲାଣି।

# କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ସହ ଜିନ୍ଦଲ ଷ୍ଟିଲ୍‌ର ଏମଓୟୁ

ଭୁବନେଶ୍ୱର, ୨୯।୩ (ଏଜେନ୍ସି)




ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେଇଛି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)। କମ୍ପାନୀ ଦକ୍ଷତା କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀଙ୍କ କୌଶଳ ବୃଦ୍ଧି ପାଇଁ ଓଡ଼ିଶାର ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ-ଓଡ଼ିଶା) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଜେଏସପି ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନ୍ସେଲର ଡ. ଜି ଶ୍ରୀଦେବୀ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜେଏସପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ର, ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର, ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେସନ୍ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ।

ଏହି ଏମଓୟୁ ଅନୁଯାୟୀ ଜେଏସପି ଏବଂ ସିଜିୟୁ ଓଡ଼ିଶା ମିଳିତ ଭାବେ ଜେଏସପିର ଅନୁଗୁଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ। ୱେଲ୍ଡିଂ, ଫେବ୍ରିକେସନ୍ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହିତ ଅନ୍ୟାନ୍ୟ ଦକ୍ଷତା ବୃଦ୍ଧି ଉପରେ ପ୍ରଶିକ୍ଷଣ ଦିଆଯିବ। ଏହାସହିତ ଶିଳ୍ପ ଅଟୋମେସନ୍‌ରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୁଳ) ପଙ୍କଜ ମାଲହନ କହିଛନ୍ତି ଯେ ଭାରତର ଭବିଷ୍ୟତର ଆବଶ୍ୟକତା ପୂରଣ ନିମନ୍ତେ ଏକ ଉଚ୍ଚ କୁଶଳୀ କର୍ମଚାରୀ ଗୋଷ୍ଠୀ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ସହଭାଗୀତା ପ୍ରଦର୍ଶନ କରେ। ଅଧକ୍ଷ ଶ୍ରୀ ଜିନ୍ଦଲଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରୁଥିବା ଏହି ପଦକ୍ଷେପ ଜେଏସପି ତଥା ସମଗ୍ର ଭାରତରେ କାର୍ଯ୍ୟଦକ୍ଷତା ଏବଂ କୌଶଳ ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଶେଷ

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ଭାରତ-ଆମେରିକା ବାଣିଜ୍ୟ କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ମଧ୍ୟରେ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ଗତ ୨୬ରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାର ସମ୍ପାଦନ ଜରିଆରେ ଦୁଇ ଦେଶ ମଧ୍ୟରେ କାରବାରକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ୨୦୨୫ ଫେବୃଆରୀ ୧୩ରେ ଜାରି ଭାରତ-ଆମେରିକା ମିଳିତ ବିବୃତ୍ତିରେ ଉଭୟ ପକ୍ଷ ସହମତ ହୋଇଥିଲେ। ଏହାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବାଣିଜ୍ୟ ପ୍ରତିନିଧିମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ନିରପେକ୍ଷତା, ଜାତୀୟ ସୁରକ୍ଷା ଏବଂ ନିଯୁକ୍ତି ସୃଷ୍ଟି ସୁନିଶ୍ଚିତ କରୁଥିବା ବିକାଶକୁ ପ୍ରୋତ୍ସାହିତ କରିବାର ସହଭାଗୀ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଉଭୟ ପକ୍ଷ ନୂଆଦିଲ୍ଲୀରେ ଚାରି ଦିନିଆ ଆଲୋଚନା ମାଧ୍ୟମରେ ଏକ ପାରସ୍ପରିକ ଲାଭଦାୟକ ବହୁ-କ୍ଷେତ୍ର ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା (ବିଟିଏ) ଦିଗରେ ପରବର୍ତ୍ତୀ ପଦକ୍ଷେପ ଉପରେ ବ୍ୟାପକ ବୁଝାମଣା କରିଛନ୍ତି। ବିଟିଏ ଅଧୀନରେ କ୍ଷେତ୍ରୀୟ ବିଶେଷଜ୍ଞ ସ୍ତରୀୟ କାର୍ଯ୍ୟ ଆଗାମୀ ସପ୍ତାହରେ ଭର୍ଚୁଆଲ ମାଧ୍ୟମରେ ଆରମ୍ଭ ହେବ ଏବଂ ବ୍ୟକ୍ତିଗତ ଭାବେ ଶୀଘ୍ର ଆଲୋଚନା ପାଇଁ ପଥ ପରିଷ୍କାର କରିବ। ଏହି ଆଲୋଚନା ସମୟରେ ଉଭୟ ପକ୍ଷ ବଜାର ପ୍ରବେଶ ବୃଦ୍ଧି, ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକ ହ୍ରାସ ଏବଂ ପାରସ୍ପରିକ ଲାଭପ୍ରଦ ଢଙ୍ଗରେ ଯୋଗାଣ ଶୃଙ୍ଖଳା ଏକୀକରଣକୁ ଗଭୀର କରିବା ସମେତ ପ୍ରାଥମିକତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଗଭୀର କରିବା ଉପରେ ଫଳପ୍ରଦ ମତ ବିନିମୟ କରିଥିଲେ।

# ଭାରତକୁ ଆଉ ଏକ ଝଟ୍‌କା ଦେବେ ଟ୍ରମ୍ପ୍ !

ୱାସିଂଟନ, ୨୯।୩ (ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମଗ୍ରୀ ଉପରେ ଟିକସ ଉପରେ ଟିକସ ଲଗାଇ ଚାଲିଛନ୍ତି। ଅଟୋ ପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ପରେ ସେ ଖୁବଶୀଘ୍ର ଫାର୍ମା କମ୍ପାନୀଙ୍କ ଉପରେ ଟାରିଫ (ଶୁଳ୍କ) ଘୋଷଣା କରିପାରନ୍ତି। ଔଷଧ କମ୍ପାନୀଙ୍କ ସାମଗ୍ରୀ ଉପରେ ଟ୍ରମ୍ପ ନୂଆ ଟିକସ ଲଗାଇବେ ବୋଲି କୁହାଯାଉଛି। ତେବେ ଏହା କେବେ ଏବଂ କେଉଁ ଔଷଧ ଉପରେ କାର୍ଯ୍ୟକାରୀ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଦ୍ୱାରା ଭାରତକୁ ବଡ଼ ଝଟ୍‌କା ଲାଗିବ। କାରଣ ଭାରତ ସିଂହଭାଗ ଔଷଧ ଆମେରିକାକୁ ବିକ୍ରି କରୁଛି। ପ୍ରତି ବର୍ଷ ୮ ବିଲିୟନ ଡଲାରରୁ ଅଧିକ ଔଷଧ ପଠାଉଛି। ତେବେ ଏଥିରେ ଅଧିକାଂଶ ଜେନେରିକ ଔଷଧ ସାମିଲ ରହିଛି। ଏହା ବ୍ରାଣ୍ଡେଡ ଔଷଧ ପରି ହୋଇଥିଲେ ହେଁ ମୂଲ୍ୟ କମ୍ ରହିଥାଏ। ୨୦୨୨ରେ ଆମେରିକାରେ ପ୍ରତି ୧୦ରୁ ଚାରି ପ୍ରେସ୍‌କ୍ରିପସନ୍‌ରେ ଭାରତୀୟ କମ୍ପାନୀଙ୍କ ଔଷଧ ଲେଖା ଯାଇଥିଲା।

ରିପୋର୍ଟ ଅନୁଯାୟୀ ଭାରତର ଜେନେରିକ ଔଷଧ ଦ୍ୱାରା ଆମେରିକା ଲାଭାନ୍ୱିତ ହେଉଛି। ୨୦୨୨ରେ ଏହି ଔଷଧ ପାଇଁ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ୨୧୯ ବିଲିୟନ ଡଲାର ସଞ୍ଚୟ ହୋଇଥିଲା। ୨୦୧୩ରୁ ୨୦୨୨ ମଧ୍ୟରେ ୧.୩ ଟ୍ରିଲିୟନ ଡଲାର ସଞ୍ଚୟ ହୋଇଥିଲା। ଆଗାମୀ ୫ ବର୍ଷରେ ଆହୁରି ୧.୩ ଟ୍ରିଲିୟନ ଡଲାର ସଞ୍ଚୟ ହେବ ବୋଲି ଆକଳନ କରାଯାଉଛି। ଏହା ସତ୍ତ୍ୱେ ଟ୍ରମ୍ପ ଏପରି ନିଷ୍ପତ୍ତି ନେଇ ଭାରତୀୟ ଔଷଧ କମ୍ପାନୀଙ୍କ ଉପରେ ଛାଟ ଲଗାଇବାକୁ ଯାଉଥିବା କୁହାଯାଉଛି। ତେବେ ଟ୍ରମ୍ପ ଚାହୁଁଛନ୍ତି ଯେ ଔଷଧ କମ୍ପାନୀଗୁଡ଼ିକ ଆମେରିକାରେ ଉତ୍ପାଦ ପ୍ରସ୍ତୁତ କରନ୍ତୁ। ଶୁଳ୍କ ଲାଗିବା ପରେ ଆମେରିକାରେ ଏହି ଔଷଧଗୁଡ଼ିକର ଦାମ୍ ବଢ଼ିବ। ଏହା ଦ୍ୱାରା ଲୋକେ ପ୍ରଭାବିତ ହେବେ ଏବଂ ଆମେରିକା ଔଷଧ କମ୍ପାନୀ ଲାଭାନ୍ୱିତ ହେବେ। କିନ୍ତୁ ଏହି ଶୁଳ୍କ ଦ୍ୱାରା ଭାରତର ବିପୁଳ କ୍ଷତି ହେବ। ଅନ୍ୟପଟେ ଆମେରିକା ଟିକସରୁ ବର୍ତ୍ତିବାକୁ ଚାହୁଁଥିବା ଦେଶ ସହ ଟ୍ରମ୍ପ ଚୁକ୍ତି କରିବାକୁ ପ୍ରସ୍ତୁତ ଅଛନ୍ତି।

# ୮ କମ୍ପାନୀଙ୍କ ବଜାର ପୁଞ୍ଜି ୮୮ ହଜାର କୋଟି ବୃଦ୍ଧି

ମୁମ୍ବାଇ, ୨୯।୩ (ଏଜେନ୍ସି)

ଦେଶର ସବୁଠାରୁ ବଡ଼ ୧୦ କମ୍ପାନୀଙ୍କ ମଧ୍ୟରୁ ୮ଟିର ବଜାର ପୁଞ୍ଜି ଚଳିତ ସପ୍ତାହରେ ୮୮, ୦୮୬ କୋଟି ଟଙ୍କା ବୃଦ୍ଧି ପାଇଛି। ଏହି ସମୟରେ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫସିର ସର୍ବାଧିକ ଲାଭ ହୋଇଥିଲା। ଏହାର ବଜାର ପୁଞ୍ଜି ୪୪, ୯୩୪ କୋଟି ଟଙ୍କା ବଢ଼ି ୧୩.୯୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଏଚ୍‌ଡିଏଫସି ବ୍ୟତୀତ ଏସ୍‌ବିଆଇର ଏମକ୍ୟାପ ୧୬, ୬୦୦ କୋଟି ବୃଦ୍ଧି ପାଇ ୬. ୮୯ ଲକ୍ଷ କୋଟି ଛୁଇଁଛି। ସେହିପରି ଟିସିଏସ୍ ଭାଲ୍ୟୁ ୯, ୦୬୩ କୋଟି ଟଙ୍କା, ଆଇସିଆଇସିଆଇ ବ୍ୟାଙ୍କର ୫, ୧୪୦ କୋଟି ଟଙ୍କା ଏବଂ ଆଇଟିସିର ମୂଲ୍ୟ ୫, ୦୩୩ କୋଟି ଟଙ୍କା ବୃଦ୍ଧି ପାଇଛି। ତେବେ ଇନଫୋସିସ ଏବଂ ରିଲାଏନ୍ସର ଏମକ୍ୟାପ ହ୍ରାସ ପାଇଛି। ରିଲାଏନ୍ସ ବଜାର ମୂଲ୍ୟ ୯, ୧୩୬ କୋଟି ଖସି ୬.୫୨ ଲକ୍ଷ କୋଟିକୁ ହ୍ରାସ ପାଇଛି।

# ୧୭୦ରୁ ଅଧିକ ସହରରେ ସେବା ଯୋଗାଉଛି ଆମାଜନ୍ ଫ୍ରେସ୍

ଭୁବନେଶ୍ୱର, ୨୯।୩ (ଏଜେନ୍ସି): ଆମାଜନ ଇଣ୍ଡିଆ ଦେଶର ୧୭୦ ରୁ ଅଧିକ ସହରକୁ ନିଜର 'ଫୁଲ୍ ବାସ୍କେଟ୍ ଗ୍ରୋସରୀ' ସେବା ଆମାଜନ ଫ୍ରେସକୁ ସମ୍ପ୍ରସାରଣ କରିଛି। ଏହା ସହିତ ଆମାଜନ ଫ୍ରେସ ୨୦୨୩ ତୁଳନାରେ ୨୦୨୪ ର ଦ୍ୱିତୀୟାର୍ଦ୍ଧରେ ବାର୍ଷିକ ୫୦% ବୃଦ୍ଧି ହାସଲ କରିଛି। ଆମାଜନ ଫ୍ରେସ୍ ଫଳ, ପନିପରିବା, ଦୁଗ୍ଧ ଏବଂ ବ୍ରେଡ ସମେତ ଡାଏରୀ, ଫ୍ରୋଜେନ୍ ଉତ୍ପାଦ, ସୌନ୍ଦର୍ଯ୍ୟ ସାମଗ୍ରୀ, ଶିଶୁ ଯତ୍ନ ଅତ୍ୟାବଶ୍ୟକ ସାମଗ୍ରୀ, ବ୍ୟକ୍ତିଗତ ଯତ୍ନ ଉତ୍ପାଦ, ଗୃହପାଳିତ ପଶୁ ଯୋଗାଣ ସମେତ ବିଭିନ୍ନ ଓଦା ଏବଂ ଶୁଖିଲା ଗ୍ରୋସରୀ ସାମଗ୍ରୀ ପ୍ରଦାନ କରେ। ବଡ଼ ସଞ୍ଚୟ, ବ୍ୟାପକ ଚୟନ ଏବଂ ସ୍ଲଟ୍ ଡୋରଷ୍ଟେପ ଡେଲିଭରିର ସୁବିଧା ସହିତ ଏକ ନିରବଚ୍ଛିନ୍ନ ସପିଂ



ଅନୁଭୂତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ସତେଜତା ଏବଂ ଗୁଣବତା ସୁନିଶ୍ଚିତ କରିବା ପାଇଁ ଆମାଜନ ଫ୍ରେସ୍ ବିକ୍ରେତାମାନେ ୧୧, ୦୦୦ ରୁ ଅଧିକ ଚାଷୀଙ୍କଠାରୁ ଫଳ ଏବଂ ପନିପରିବା ସଂଗ୍ରହ କରନ୍ତି। ଗ୍ରାହକଙ୍କ ଦ୍ୱାରରେ ପହଞ୍ଚିବା ପୂର୍ବରୁ ସମସ୍ତ ଉତ୍ପାଦକୁ କଠୋର '୪-ଷ୍ଟେପ୍ କ୍ୱାଲିଟି ଚେକ୍' ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିଥାଏ। ଏହା ଗ୍ରାହକଙ୍କ ପ୍ରମୁଖ ପସନ୍ଦ ହୋଇପାରିଛି। ଏ ସମ୍ପର୍କରେ ଆମାଜନ ଫ୍ରେସ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି ଯେ କମ୍ପାନୀ ୧୭୦ରୁ ଅଧିକ ସହରକୁ ସେବା ସମ୍ପ୍ରସାରଣ କରି ଗ୍ରାହକଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚମାନର ଗ୍ରୋସରୀ ସାମଗ୍ରୀ ଉପଲବ୍ଧ କରାଉଛି। ଗ୍ରାହକମାନେ ସଞ୍ଚୟ, ବିଶାଳ ଚୟନ ଏବଂ ଭରସାଯୋଗ୍ୟ ସ୍ଲଟେଡ୍ ଡେଲିଭରି ପାଇଁ ଆମାଜନ ଫ୍ରେସକୁ ଖୁବ୍ ପ୍ରଶଂସା କରୁଛନ୍ତି।

# ଭାରତକୁ କୋହିନୁର ହୀରା ଫେରାଇବ ବ୍ରିଟେନ୍ !

ଲଣ୍ଡନ, ୨୯।୩ (ଏଜେନ୍ସି): ବ୍ରିଟେନ ସରକାର ଭାରତରୁ କୋହିନୁର ହୀରା ନେଇ ଯାଇଛନ୍ତି। ଏହି ହୀରା ବ୍ରିଟେନ ରାଣୀଙ୍କ ମୁକୁଟରେ ଲାଗିଛି। ଦୀର୍ଘ ବର୍ଷ ହେଲା ଏହି ବହୁମୂଲ୍ୟ ହୀରା ଫେରାଇବା ପାଇଁ ଭାରତ ପକ୍ଷରୁ ଦାବି କରାଯାଉଛି। ମାତ୍ର ଏବେ ବ୍ରିଟେନ ସରକାର ଏହି ହୀରାକୁ ଫେରାଇବା ନେଇ ଆଶା ସୃଷ୍ଟି ହୋଇଛି। କାରଣ ନିକଟରେ ନାଜି ଶାସନ ସମୟରେ ଲୁଟ୍ କରାଯାଇଥିବା ଏକ ବହୁମୂଲ୍ୟ



ଚିତ୍ରକଳାକୁ ତାହାର ମୂଳ ବଂଶୋଦ୍ଭବ ଇହୁଦୀ ପରିବାରକୁ ଫେରାଇବା ଲାଗି ବ୍ରିଟେନ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଆଧାରରେ ଭାରତକୁ କୋହିନୁର ଫେରା ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହା ସହିତ ଉପନିବେଶ କାଳରେ ଲୁଟ୍ କରାଯାଇଥିବା ଅନ୍ୟ ଐତିହାସିକ ସ୍ମାରକ ମଧ୍ୟ ଫେରା ଯାଇପାରେ। ଭାରତ ସରକାର ଏବଂ ଐତିହାସିକମାନେ ଏହି ମାମଲା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଯଦି ବ୍ରିଟେନ କୋହିନୂର ଫେରାଇବାକୁ କରିବାକୁ ମଞ୍ଜୁରୀ ଦିଏ ତେବେ ଏହା ଏକ ଐତିହାସିକ ପଦକ୍ଷେପ ସାବ୍ୟସ୍ତ ହୋଇପାରେ। ରିପୋର୍ଟ ଅନୁଯାୟୀ ୧୬୫୪ର ଐତିହାସିକ ଚିତ୍ରକଳା 'ଏନିଅସ ଆଣ୍ଡ ହିଜ୍ ଫ୍ୟାମିଲି ଫ୍ଲିଂ ବର୍ଣ୍ଣ ଟ୍ରୟ'କୁ ତାର ପ୍ରକୃତ ଉତ୍ତରାଧିକାରୀଙ୍କୁ ବ୍ରିଟେନ ଫେରାଇବାକୁ ଯାଉଛି। ୧୯୪୦ରେ ବେଲ୍‌ଜିୟମର ଇହୁଦୀ କଳାକୃତି ସଂରକ୍ଷକ ସାମୁଏଲ ହାର୍ଟୱେଲ୍ଡଙ୍କଠାରୁ ଛଡ଼ାଇ ଅଣାଯାଇଥିଲା। ଏହାକୁ ଲଣ୍ଡନର ଟଟ୍ ବ୍ରିଟେନ ସଂଗ୍ରାହଳୟରେ ରଖା ଯାଇଥିଲା।

# ୨.୮୨ ଲକ୍ଷ କୋଟିରେ 'ଏକ୍ସ' ବିକିଲେ ମସ୍କ

ୱାସିଂଟନ, ୨୯।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ନିଜର ସାମାଜିକ ଗଣମାଧ୍ୟମ କମ୍ପାନୀ 'ଏକ୍ସ'କୁ ବିକ୍ରି କରିଦେଇଛନ୍ତି। ତେବେ ଅନ୍ୟ କୌଣସି ସଂସ୍ଥା ନୁହେଁ, ନିଜର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କମ୍ପାନୀ 'ଏକ୍ସଏଆଇ'କୁ ୩୩ ବିଲିୟନ ଡଲାର ଅର୍ଥାତ୍ ୨.୮୨ ଲକ୍ଷ



କୋଟି ଟଙ୍କାରେ ଏହାକୁ ବିକିଛନ୍ତି। ଏହା ଏକ ଅଲ୍-ଷ୍ଟକ୍ ଡିଲ୍। ଏଥିରେ ନଗଦ ପରିବର୍ତ୍ତେ ସେୟାର କାରବାର ହୋଇଛି। ଏହା ଦ୍ୱାରା ଏକ୍ସର ନିବେଶକଙ୍କୁ ସେୟାର ମିଳିବ। ମସ୍କ ନିଜେ ଏହି ସୂଚନା ଦେଇଛନ୍ତି। ଡାଟା, ମଡେଲ, କମ୍ପ୍ୟୁଟିଂ, ବିତରଣ ଏବଂ ପ୍ରତିଭାକୁ ଏକାଠି କରିବା ଦିଗରେ ଏହା ବଡ଼ ପଦକ୍ଷେପ ବୋଲି ମସ୍କ କହିଛନ୍ତି। ଏକ୍ସଏଆଇର ଉନ୍ନତ ଏଆଇ ଜ୍ଞାନକୌଶଳକୁ ଏକ୍ସର ୬୦ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ସହ ଯୋଡିବା ପାଇଁ ମସ୍କ ଏହି ପଦକ୍ଷେପ ନେଇଛନ୍ତି। ଏକ୍ସର ତଥ୍ୟ ବ୍ୟବହାର କରି ଏକ୍ସଏଆଇ ନିଜର ଏଆଇ ମଡେଲ ଗ୍ରୋକ୍ ଚାଟବାଟକୁ ଅଧିକ ସହଜରେ ପ୍ରଶିକ୍ଷିତ କରିପାରିବ। ସୂଚନାଯୋଗ୍ୟ ଯେ ମସ୍କ ୨୦୨୨ ଅକ୍ଟୋବରରେ ୪୪ ବିଲିୟନ ଡଲାର ଦେଇ ଏକ୍ସକୁ କିଣିଥିଲେ। ଆଜିର ହିସାବରେ ଏହା ପ୍ରାୟ ୩.୭୬ ଲକ୍ଷ କୋଟି ଟଙ୍କା ହେବ।

# ପୁଣି ଭାରତ ଫେରିବେ ଲକ୍ଷ୍ମୀ ମିତ୍ତଲ !

ଲଣ୍ଡନ, ୨୯।୩ (ଏଜେନ୍ସି): ବିଶ୍ୱର ପ୍ରମୁଖ ଷ୍ଟିଲ କମ୍ପାନୀଙ୍କ ମଧ୍ୟରେ ସାମିଲ 'ଆର୍ସେଲରମିତ୍ତଲ'ର ମାଲିକ ତଥା ଭାରତୀୟ ଉଦ୍ୟୋଗପତି ଲକ୍ଷ୍ମୀ ନିବାସ ମିତ୍ତଲ ୩୦ ବର୍ଷ ପରେ ପୁଣି ଭାରତ ଫେରିପାରନ୍ତି। ଏଥିପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଥିବା କୁହାଯାଉଛି। ଅନ୍ୟ ବିକଳ୍ପ ଉପରେ ମଧ୍ୟ ବିଚାର କରାଯାଉଛି। ବର୍ଷ ଶେଷ ସୁଦ୍ଧା ଏ ନେଇ ସେ ଚୂଡ଼ାନ୍ତ ନିଷ୍ପତ୍ତି



ନେଇପାରନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ବ୍ୟବସାୟ ପାଇଁ ସେ ୧୯୯୫ରେ ବ୍ରିଟେନ ଚାଲି ଯାଇଥିଲେ। ଏବେ ବି ଏହି ବ୍ୟବସାୟୀଙ୍କ ଦିଲ୍ଲୀର ଲୁଟିୟନ୍ସ ଜୋନ୍‌ରେ ଏକ ବଙ୍ଗଳା ରହିଛି। ବ୍ରିଟେନର ନୂଆ ଲେବର ପାର୍ଟି ସରକାର 'ଟିକସ ସଂସ୍କାର' ପାଇଁ ପଦକ୍ଷେପ ନେବା ଆରମ୍ଭ କରିଦେଇଥିବାବେଳେ ଏହି ଖବର ସାମ୍ନାକୁ ଆସିଛି। ବ୍ରିଟେନ ସରକାର ଟିକସ ବ୍ୟବସ୍ଥାରେ ସୁଧାର କରି 'ନନ୍-ଡୋମିସାଇଲ୍ଡ ରିଜିମ'କୁ ବନ୍ଦ କରିଦେଇଛନ୍ତି। ବ୍ରିଟେନର କିଛି ନାଗରିକଙ୍କୁ ଏହାର ଲାଭ ମିଳୁଥିଲା। ଏମାନଙ୍କୁ ବିଦେଶରେ କରାଯାଇଥିବା ଆୟ ଏବଂ ବଜାର ପୁଞ୍ଜି ବୃଦ୍ଧି ଉପରେ ବ୍ରିଟେନରେ ଟିକସ ଦେବାକୁ ପଡୁ ନ ଥିଲା। ସୂଚନା ଅନୁଯାୟୀ ଆର୍ସେଲରମିତ୍ତଲର ୪୦ ପ୍ରତିଶତ ସେୟାର ଲକ୍ଷ୍ମୀ ମିତ୍ତଲଙ୍କ ପାଖରେ ରହିଛି। ସେ ବ୍ରିଟେନର ସପ୍ତମ ଧନୀ। ସେ ପ୍ରାୟ ୪ ବର୍ଷ ତଳେ ନିଜ ପୁଅ ଆଦିତ୍ୟ ମିତ୍ତଲଙ୍କ ପାଇଁ ଆର୍ସେଲରମିତ୍ତଲର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ଇସ୍ତଫା ଦେଇଥିଲେ।

■ ଆର୍ଜେଣ୍ଟିନାଠୁ ହାରିବା ପଡ଼ିଲା ମହଙ୍ଗା

# ବ୍ରାଜିଲ ମୁଖ୍ୟ ପ୍ରଶିକ୍ଷକ ବହିଷ୍କୃତ

ସାଓ ପାଓଲୋ, ୨୯।୩ (ଏଜେନ୍ସି): ଆର୍ଜେଣ୍ଟିନାଠାରୁ ପରାଜିତ ହେବା ମହଙ୍ଗା ପଡ଼ିଛି ବ୍ରାଜିଲ୍‌ର ହେଡ କୋଚ୍ ବା ମୁଖ୍ୟ ପ୍ରଶିକ୍ଷକ ଡୋରିଭାଲ ଜୁନିୟରଙ୍କ



ପାଇଁ। ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଏହି ମ୍ୟାଚ୍‌କୁ ଆର୍ଜେଣ୍ଟିନା ୪-୧ ଗୋଲରେ ବିଜୟୀ ହେବା ପରେ ଡୋରିଭାଲଙ୍କୁ ବହିଷ୍କୃତ କରିଛି ବ୍ରାଜିଲ ଫୁଟବଲ ମହାସଂଘ। କେବଳ ଏହି ମ୍ୟାଚ୍ ହାରିବା ନୁହେଁ, ଡୋରିଭାଲ ଦାୟିତ୍ୱ ନେବାର ୧୪ ମାସ ମଧ୍ୟରେ ବ୍ରାଜିଲର ପ୍ରଦର୍ଶନ ନିରାଶାଜନକ ହୋଇଛି। ଏଣୁ ତାଙ୍କୁ କୋଚ୍ ପଦରୁ ହଟାଇଦିଆଯାଇଛି ବୋଲି ବ୍ରାଜିଲ ଫୁଟବଲ ମହାସଂଘ ସଭାପତି ଏଡ୍‌ନାଲଡୋ ରୋଡ୍ରିଗ୍ସେଜ୍ କହିଛନ୍ତି। ଏବେ ଆମେ ତାଙ୍କ ସ୍ଥାନରେ ଜଣେ ନୂଆ କୋଚ୍‌ଙ୍କୁ ଖୋଜିବାକୁ ଉଦ୍ୟମ ଆରମ୍ଭ କରିଦେଇଛୁ ବୋଲି ସେ କହିଛନ୍ତି। ଏହି ପଦବୀ ଲାଗି ଦୁଇଜଣ ବିଦେଶୀଙ୍କୁ ରୋଡ୍ରିଗ୍ସେଜ୍ ନଜରରେ ରଖିଛନ୍ତି ଓ ଦାୟିତ୍ୱ ନେବାକୁ ପ୍ରସ୍ତାବ ଦେଇଛନ୍ତି। ସେମାନେ ହେଲେ ରିୟଲ ମାଡ୍ରିଡ୍‌ର କାର୍ଲୋ ଆନ୍‌ସେଲୋଟି ଓ ଅଲ-ହିଲାଲ କୋଚ୍ ଜୋର୍ଜ ଜେସସ। ଉଭୟଙ୍କ ତତ୍ତ୍ୱାବଧାନରେ ଦୁଇ କ୍ଲବ୍ ଆସନ୍ତାମାସ ଆମେରିକାରେ ଖେଳାଯିବାକୁ ଥିବା କ୍ଲବ୍ ବିଶ୍ୱକପ୍‌ରେ ଭାଗନେବେ। ଅତିକମ୍‌ରେ ଏହି ମାସ ପର୍ଯ୍ୟନ୍ତ ଉଭୟ ଦାୟିତ୍ୱ ଛାଡିବେ ନାହିଁ। ଦକ୍ଷିଣ ଆମେରିକା ଗ୍ରୁପ୍ ବିଶ୍ୱକପ୍ ଯୋଗ୍ୟତାପର୍ଯ୍ୟାୟ ମୁକାବିଲାରେ ବ୍ରାଜିଲ ଏବେ ୫ମ ସ୍ଥାନରେ ରହିଛି। ଏହି ମହାଦେଶରୁ ୬ଟି ଦେଶ ୨୦୨୬ ବିଶ୍ୱକପ୍‌ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ବ୍ରାଜିଲ ଯଦି ଏଭଳି ପ୍ରଦର୍ଶନ କରେ, ତେବେ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବା କଷ୍ଟକର। ୨୦୨୨ ବିଶ୍ୱକପ୍‌ରେ ପାରାଗୁଏଠାରୁ ପେନାଲ୍ଟି ସୁଟ୍‌ଆଉଟରେ ହାରି ବ୍ରାଜିଲ ଅଭିଯାନ ଶେଷ କରିଥିଲା।

# ଷ୍ଟୁଆର୍ଟ ଲ' ନେପାଳ କ୍ରିକେଟ ଦଳର ମୁଖ୍ୟ କୋଚ୍

କାଠମାଣ୍ଡୁ, ୨୯।୩(ଏଜେନ୍ସି): ଅଷ୍ଟ୍ରେଲିଆ ପୂର୍ବତନ ବ୍ୟାଟର ଷ୍ଟୁଆର୍ଟ ଲ' ନେପାଳ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ପାଇଛନ୍ତି। ସେ ଆଗାମୀ ଦୁଇବର୍ଷ ପାଇଁ ଦାୟିତ୍ୱରେ ରହିବେ। ଭାରତର ମଣ୍ଟି ଦେଶାଇଙ୍କ ଦୁଇ ବର୍ଷୀୟ କାର୍ଯ୍ୟକାଳ ଶେଷ ହେବା ପରେ ଷ୍ଟୁଆର୍ଟ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ ବୋଲି କ୍ରିକେଟ ଆସୋସିଏସନ ଅଫ୍ ନେପାଳ (ସିଏଏନ୍) ଶନିବାର ସୂଚନା ଦେଇଛି। କୋଚ୍ ଭାବେ ତାଙ୍କର ବହୁତ ଅଭିଜ୍ଞତା ରହିଛି। ସେ ନିକଟ ଅତୀତରେ ଆମେରିକା ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଆମେରିକାର ୨୦୨୪ ଟି-୨୦ ବିଶ୍ୱକପ୍ ଖେଳିଥିଲା ଓ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନ ଭଳି ଦଳକୁ ପରାସ୍ତ କରି ମହା-ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଏହାପୂର୍ବରୁ ଆମେରିକା



କାନାଡାକୁ ମଧ୍ୟ ପରାସ୍ତ କରିଥିଲା ଓ ସୁପର-୮ରେ ପ୍ରବେଶ କରିଥିଲା। ୫୬ ବର୍ଷୀୟ ଷ୍ଟୁଆର୍ଟ ୧୯୯୪ରୁ ୧୯୯୯ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୫୪ ଦିନିକିଆ ଓ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ମଧ୍ୟ ପୂର୍ବରୁ ଶ୍ରୀଲଙ୍କା, ବାଂଲାଦେଶ, ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ଦଳ ସହ ସଫଳତାର ସହ କାର୍ଯ୍ୟ କରିଛନ୍ତି।

■ ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ

# ଗଙ୍ଗପଡ଼ା-ଯଦୁପୁର ଫାଇନାଲ ଆଜି

ଭୁବନେଶ୍ୱର,୨୯।୩ (ସମିସ): ଗଙ୍ଗପଡ଼ା ଓ ଯଦୁପୁର କ୍ରିକେଟ ଟିମ୍ ମଧ୍ୟରେ ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆସନ୍ତାକାଲି ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଯଦୁପୁର ୭ ୱିକେଟରେ ଜାଆଁଳା କ୍ରିକେଟ ଟିମ୍‌କୁ ଓ ଦ୍ୱିତୀୟ ସେମିଫାଇନାଲରେ ଗଙ୍ଗପଡ଼ା ୧୧୬ ରନ୍‌ରେ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କ୍ଲବ୍ ସମ୍ପାଦକ ଅମୂଲ୍ୟ କୁମାର ଜେନା ଜଣାଇଛନ୍ତି।

ଭାରତୀୟ ଟେବଲ ଟେନିସ କିଂବଦନ୍ତି

# ଶରତ କମଲଙ୍କ ଯୁଗ ଶେଷ



ଚେନ୍ନାଇ, ୨୯।୩ (ଏଜେନ୍ସି):

ପରାଜୟ ସହ ଭାରତୀୟ ଟେବଲ୍ ଟେନିସ (ଟିଟି)ର ମହାନ ଖେଳାଳି ଅଚନ୍ତ ଶରତ କମଲଙ୍କ ୨୩ ବର୍ଷର ଦୀର୍ଘ କ୍ୟାରିୟର ଅନ୍ତ ଘଟିଛି। ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଡବ୍ଲ୍ୟୁଟିଟି ଷ୍ଟାର୍ କଣ୍ଟେଣ୍ଡର ପ୍ରତିଯୋଗିତାର ପୁରୁଷ ଏକକ ରାଉଣ୍ଡ-୧୬ ମ୍ୟାଚରେ ପାଞ୍ଚଥରର ଅଲିମ୍ପିଆନ ଶରତ ୯-୧୧, ୮-୧୧, ୯-୧୧ ଗେମ୍‌ରେ ୨୪ ବର୍ଷୀୟ ସ୍ନେହିତ ସୁରଭିଜ୍ଜୁଲାଙ୍କ ନିକଟରୁ ପରାସ୍ତ ହୋଇଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଠିକ୍ ୨୩ ବର୍ଷ ତଳେ ଏହି ଜନ୍ମଭୂମିର ଭେନ୍ୟୁରେ ହିଁ ଶରତ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୪୨ ବର୍ଷୀୟ ଶରତଙ୍କୁ ଭାରତୀୟ ଟେବଲ୍ ଟେନିସ ଜଗତର କିଂବଦନ୍ତି ଖେଳାଳି ଭାବେ ବିବେଚିତ କରାଯାଏ। ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଭାରତୀୟ ଟିଟିର ପରିଚିତ ଚେହେରା ଥିଲେ। କ୍ୟାରିୟରରେ ସେ ୧୩ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ଜିତିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣିମ ସଫଳତା ରହିଛି। ସେହିଭଳି ଏସିଆନ୍ ଚାମ୍ପିଅନସିପ୍‌ରେ ସେ ମଧ୍ୟ ୪ଟି ପଦକ ହାସଲ କରିଛନ୍ତି। ଏହାବାଦ୍ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ୫ଥର ଖେଳିବାର ସୌଭାଗ୍ୟ ହାସଲ କରିଥିଲେ ଶରତ। କ୍ୟାରିୟରର ଶେଷ ଭାଗରେ ଶରତ ଯୁବ ଖେଳାଳି ମାନଭ ଠାକ୍କର, ମନୁଷ ଶାହ, ଅଙ୍କୁର ଭଟ୍ଟାଚାର୍ଯ୍ୟଙ୍କ ଲାଗି ମେଣ୍ଟର ସଦୃଶ ଭୂମିକା ତୁଲାଇଥିଲେ।

## ■ ୨୦୨୨ରେ ପାଇଥିଲେ 'ଖେଳରତ୍ନ'



୨୦୨୨ ମସିହାରେ ଶରତଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିଭଳି ୨୦୧୯ ରେ ସେ ଭାରତର ୪ର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ଆଭୂଷିତ ହୋଇଥିଲେ। କ୍ୟାରିୟରର ପ୍ରଥମ ବଡ଼ ସମ୍ମାନ ଭାବେ ସେ ୨୦୦୪ରେ 'ଅର୍ଜୁନ' ପୁରସ୍କାର ଜିତିଥିଲେ।

## ■ ପିତାଙ୍କଠାରୁ ୪ ବର୍ଷରେ ଶିଖିଥିଲେ ଟିଟି

୧୨ ଜୁଲାଇ ୧୯୮୨ରେ ମାଦ୍ରାସ (ବର୍ତ୍ତମାନ ଚେନ୍ନାଇ)ରେ ଏକ ତେଲଗୁ ପରିବାରରେ ଶରତଙ୍କ ଜନ୍ମ ହୋଇଥିଲା। ତାଙ୍କ ବାପାଙ୍କ ନାମ ଅଚନ୍ତ ଶ୍ରୀନିବାସ ରାଓ ଓ ମା'ଙ୍କ ନାମ ଅଚନ୍ତ ଅନ୍ନପୂର୍ଣ୍ଣା। ମାତ୍ର ୪ ବର୍ଷ ବୟସ ହୋଇଥିବାବେଳେ ଶରତ ଟେବଲ୍ ଟେନିସ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ବାପା ଶ୍ରୀନିବାସ ଓ ମାମୁଁ ମୁରଲୀଧର ରାଓ ହିଁ ତାଙ୍କର ଆଦ୍ୟଗୁରୁ ଥିଲେ। ଉଭୟ ପିତା ଓ ମାମୁ ଯେହେତୁ ଜାତୀୟସ୍ତରୀୟ ଟିଟି ଖେଳାଳି ଓ ପ୍ରଶିକ୍ଷକ ଥିଲେ ତେଣୁ ଶରତଙ୍କୁ ଏହି କ୍ରୀଡ଼ା ଶିଖିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା।

# ବିସିସିଆଇ ଏଲିଟ୍ କ୍ୟାମ୍ପରେ ଓଡ଼ିଶାର ୪ ଜଣ ଖେଳାଳି

ଭୁବନେଶ୍ୱର,୨୯।୩ (ସମିସ): ବିସିସିଆଇ ଆନୁକୂଲ୍ୟରେ ବିଭିନ୍ନ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ଏବେ ପ୍ରତିଭାବାନ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବାର ସମୟ ଆସିଛି। ଦେଶରେ ଥିବା ବିଭିନ୍ନ ଜାତୀୟ ଏକାଡେମୀରେ ଏହି ଶିବିର ଲାଗିବ ଓ ଏଠାରେ ମନୋନୀତ ଏଲିଟ ଗ୍ରୁପ୍‌ର ଖେଳାଳିମାନେ ପ୍ରଶିକ୍ଷଣ ନେବେ। ୨୦୨୪-୨୫ ସିଜନ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ସଫଳତା ପାଇଥିବା ଖେଳାଳିମାନଙ୍କୁ ଏହି ଶିବିର ଲାଗି ଚୟନ କରାଯାଇଛି। ଏଥିରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମହେଶ ସାହୁ, ପାନକଳ ମୋକ୍ଷିତ, ସ୍ୱାଗତ ସୌଭ ମିଶ୍ର ଓ ରାଜା ଯାଦବ। ସଲେମରେ ହେବାକୁ ଥିବା ଟିମ୍-ଏ' ଶିବିରରେ ମହେଶ, ଜୟପୁରରେ ଟିମ୍-ବି' ଶିବିରରେ ମୋକ୍ଷିତ, ପୁଣେରେ ହେବାକୁ ଥିବା ଶିବିରରେ ସ୍ୱାଗତ ଓ ରାଜାଙ୍କୁ ସ୍ଥାନ ମିଳିଛି। ଏହି ଶିବିର ଏପ୍ରିଲ ୧୮ରୁ ଆରମ୍ଭ ହୋଇ ମେ' ୨୫ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଶୁଭକାମନା ଦିଆଯାଇଛି।


ମହେଶ ସାହୁ


ପାନକଳ ମୋକ୍ଷିତ


ରାଜା ଯାଦବ


ସ୍ୱାଗତ ସୌଭ ମିଶ୍ର

ମାର୍କ ଚାପ୍‌ମ୍ୟାନଙ୍କ ଶତକ; ପଦାର୍ପଣରେ ପାକ୍ ବଂଶୋଦ୍ଭବ ଆବାସଙ୍କ ବିଶ୍ୱ ରେକର୍ଡ

# ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡଠୁ ହାରିଲା ପାକିସ୍ତାନ

ନାପିଏର,୨୯।୩(ଏଜେନ୍ସି): ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିବା ପାକିସ୍ତାନ କ୍ରିକେଟ ଦଳର ପରାଜୟଧାରା ବଜାୟ ରହିଛି। ଟି-୨୦ ସିରିଜରେ ୧-୪ରେ ପରାସ୍ତ ହେବାପରେ ପାକିସ୍ତାନ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ମଧ୍ୟ ପରାସ୍ତ ହୋଇଛି। ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୭୩ ରନରେ ପାକିସ୍ତାନକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମଧ୍ୟକ୍ରମ ବ୍ୟାଟର ମାର୍କ ଚାପମ୍ୟାନଙ୍କ ଦ୍ରୁତ ଶତକୀୟ ପାଳି ବଳରେ ୯ ୱିକେଟ ହରାଇ ୩୪୪ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ମଧ୍ୟକ୍ରମ ଓ ଟେଲଏଣ୍ଡରଙ୍କ ବିଫଳତା ଯୋଗୁ ୪୪.୧ ଓଭରରେ ୨୭୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ୧୧୧ ବଲ୍ ଖେଳି ୧୩ ଚୌକା ଓ ୬ ଛକା ସହ ୧୩୨ ରନର ଶତକୀୟ ପାଳି ଖେଳିଥିବା ଚାପମ୍ୟାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଆସନ୍ତା ୨ ତାରିଖରେ ହାମିଲଟନ୍‌ରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପାଇଁ ପାକିସ୍ତାନ ବଂଶୋଦ୍ଭବ ତଥା ଲାହୋର ଜନ୍ମିତ ୨୧ ବର୍ଷୀୟ ମଧ୍ୟକ୍ରମ ବ୍ୟାଟର ମହମ୍ମଦ ଆବାସ ପଦାର୍ପଣରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ନିଜର ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୨୪ ବଲର ସମ୍ମୁଖୀନ ହୋଇ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୨୬ ବଲ ଖେଳି ୩ଟି ଲେଖାଏ ଚୌକା ଓ ଛକା ସହ ୫୩ରନକରି ଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ୨୦୨୧ରେ ଭାରତର କ୍ରୁନାଲ ପାଣ୍ଡ୍ୟା ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରି ୨୬ ବଲରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଥିଲେ। ସେହିପରି ଚାପମ୍ୟାନଙ୍କ ଶତକକୁ ବାଦ୍‌ଦେଲେ ଡାରିଲ ମିଚେଲ ୭୬, ନିକ କେଲି ୧୫, ହେନେରୀ ନିକୋଲ୍ସ ୧୧ ରନ ସଂଗ୍ରହ କରିଥିଲେ। ପାକିସ୍ତାନ ପାଇଁ ବୋଲିଂରେ ଇର୍ଫାନ ଖାନ୍ ୩, ହାରିସ ରୌଫ ୨, ନସିମ ଶାହା ଓ ମହମ୍ମଦ ଅଲି ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।





୭ ଓଭର ଓ ୨୨ ରନରେ ଅନ୍ତିମ ୭ ପାକ୍ ୱିକେଟର ପତନ

୩୪୫ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ପାକିସ୍ତାନ ଭଲ ଆରମ୍ଭ କରିଥିଲା। ଏକଦା ପାକିସ୍ତାନ ୩୮.୩ ଓଭରରେ ୩ ୱିକେଟ ହରାଇ ୨୪୯ ରନକରି ଦୃଢ଼ ସ୍ଥିତିରେ ରହିଥିଲା। କିନ୍ତୁ ଏହାପରେ ପାକିସ୍ତାନ ଇନିଂସ ତାସ୍‌ଘର ପରି ଭୁସୁଡି ପଡିଥିଲା। ମାତ୍ର ୨୨ ରନ ଓ ୭ ଓଭର ମଧ୍ୟରେ ପାକିସ୍ତାନ ତା'ର ଅନ୍ତିମ ୭ ୱିକେଟ ହରାଇଥିଲା। ବାବର ଆଜମ ସର୍ବାଧିକ ୭୮, ସଲମାନ ଆଘା ୫୮, ଉସ୍‌ମାନ ଖାନ୍ ୩୯, ଅବଦୁଲ୍ଲା ସାଫିକ ୩୬, ଅଧିନାୟକ ମହମ୍ମଦ ରିଜୱାନ ୩୦ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ତିମ ୬ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ନାତନ ସ୍ମିଥ୍ ୪, ଜ୍ୟାକବ ଡଫି ୨, ୱିଲ ଓ'ରୁର୍କ, ମାଇକେଲ ବ୍ରେସ୍‌ୱେଲ୍ ଓ ମହମ୍ମଦ ଆବାଦ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

କଳାହାଣ୍ଡି କପ୍

# ଢେଙ୍କାନାଳ, ସମ୍ବଲପୁର-ଏ'ର ବଡ଼ ବିଜୟ

ଭୁବନେଶ୍ୱର, ୨୯।୩ (ସମିସ):


ମୁସ୍ତାକ ବାଗ୍


ପଦ୍ମଲୋଚନ ପଣ୍ଡା


ପ୍ରଶାନ୍ତ ଠାକ୍କର


ରାଜଦୀପ ଦାସ

ରାଜ୍ୟର ସବୁଠୁ ସମ୍ମାନଜନକ କ୍ରିକେଟ ପ୍ରତିଯୋଗିତା କଳାହାଣ୍ଡି କପ୍‌ର ପ୍ରିଲିମିନାରୀ ଲିଗ୍ ପର୍ଯ୍ୟାୟ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଜାରି ରହିଛି। ଏହିକ୍ରମରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଢେଙ୍କାନାଳ, ସମ୍ବଲପୁର-ଏ ଓ ରାଉରକେଲା ବୃହତ୍ ବିଜୟ ହାସଲ କରିଛନ୍ତି। ରେଳବାଇ ଷ୍ଟାଡିୟମ ଗ୍ରାଉଣ୍ଡରେ ଢେଙ୍କାନାଳ ୧୬୧ ରନରେ ରାୟଗଡ଼ାକୁ ପରାସ୍ତ କରିଛି। କାହ୍ନା ଭୁତିଆଙ୍କ ୬୦ ରନ ବଳରେ ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ୱିକେଟ ହରାଇ ୨୯୭ ରନ କରିଥିଲା। ରାୟଗଡ଼ାର ଉମା ସାହୁ ୪ଟି ୱିକେଟ୍ ନେଇଥିଲେ। ଜବାବରେ ରାୟଗଡ଼ା ମୁସ୍ତାକ ବାଗ୍ (୪/୩୦)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୨.୩ ଓଭରରେ ୧୩୬ ରନରେ ସୀମିତ ରହିଥିଲା।

ସେହିଭଳି ଜଟଣୀ ରେଳବାଇ ଗ୍ରାଉଣ୍ଡରେ ସମ୍ବଲପୁର-ଏ ପକ୍ଷରୁ ପ୍ରଦତ୍ତ ୨୪୪ ରନର ଲକ୍ଷ୍ୟକୁ ପିଛା କରି ସୋନପୁର ୮୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ସମ୍ବଲପୁର-ଏ'କୁ ୧୫୫ ରନରେ ଜିତାଇବାରେ ପ୍ରଶାନ୍ତ ଠାକ୍କର ୫ ୱିକେଟ୍ ନେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରେଭେନଶା ଗ୍ରାଉଣ୍ଡ-୨'ରେ ଏମ୍‌ଡି ଇକ୍ରାମଙ୍କ ୪ ୱିକେଟ୍ ସଫଳତା ବଳରେ ରାଉରକେଲା ୧୪୪ ରନରେ ଅନୁଗୋଳକୁ ହରାଇଦେଇଛି। ଜ୍ଞାନ ନାୟକଙ୍କ ୬୧ ରନ ବଳରେ ରାଉରକେଲା ୪୯.୧ ଓଭରରେ ୨୨୪ ରନରେ ସୀମିତ ରହିଥିଲା। ଅନୁଗୋଳର ରାଜଦୀପ ଦାସ ୪ଟି ୱିକେଟ୍ ନେଇଥିଲେ। ଜବାବରେ ଅନୁଗୋଳ ୮୦ ରନରେ ଅଲ୍‌ଆଉଟ୍ ହୋଇଥିଲା।

ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଗଞ୍ଜାମ ୭ ୱିକେଟ୍‌ରେ କଟକ-ବି'କୁ ହରାଇ ବିପର୍ଯ୍ୟୟ ଘଟାଇଛି। ସେହିଭଳି ସମ୍ବଲପୁର-ବି ୪୩ ରନରେ ଭଦ୍ରକକୁ, ଝାରସୁଗୁଡ଼ା ୪ ୱିକେଟ୍‌ରେ ମାଲକାନଗିରିକୁ, ଭୁବନେଶ୍ୱର-ଏ ୭୧ ରନରେ ବଲାଙ୍ଗିରକୁ, ପୁରୀ ୬ ୱିକେଟ୍‌ରେ ଦେଓଗଡ଼କୁ, ବାଲେଶ୍ୱର ୮ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ଭୁବନେଶ୍ୱର-ଏ'ର ରୀତେଶ ପ୍ରିୟରଞ୍ଜନ (୪/୧୦), ପୁରୀର ପଦ୍ମଲୋଚନ ପଣ୍ଡା (୪/୯), ବାଲେଶ୍ୱରର ଶେଖର ମାଝୀ (୪/୨୯), ଝାରସୁଗୁଡ଼ାର ଏମ୍‌ଡି ଅର୍ମାନ (୪/୩୦), ସମ୍ବଲପୁର-ବି'ର ଦେବାଶିଷ ବାଗ୍ (୩୯ ରନ ଓ ୨ ୱିକେଟ୍) ଓ ଗଞ୍ଜାମର ଗେଡ଼ିୟା ଜୟେଶଭାଇ (୪/୨୪) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

■ ମିଆମି ଓପନ୍ ଟେନିସ୍

# ଜୋକୋଭିଚ୍ ୧୦୦ତମ ଟାଇଟଲ୍‌ର ନିକଟତର

ମିଆମି,୨୯।୩(ଏଜେନ୍ସି): ଏଠାରେ ଚାଲିଥିବା ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ସର୍ବିଆ ଖେଳାଳି ନୋଭାକ ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ୩୭ ବର୍ଷୀୟ ଜୋକୋଭିଚ ସେମିଫାଇନାଲରେ ୬-୨, ୬-୩ ସିଧାସଳଖ ସେଟ୍‌ରେ ୧୪ତମ ସିଡ୍ ବୁଲ୍‌ଗେରିଆର ଗ୍ରିଗର ଡିମିଟ୍ରୋଭଙ୍କୁ ପରାସ୍ତ



କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଫାଇନାଲରେ ବିଜୟୀ ହେଲେ ସେ କ୍ୟାରିଅରର ୧୦୦ତମ ଏଟିପି ଟାଇଟଲ ହାସଲକରି ରେକର୍ଡ କରିବେ। ଆମେରିକାର ଜିମ୍ମି କର୍ଣ୍ଣର ୧୦୯ ଓ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଏଟିପି ଟାଇଟଲ ଜିତି ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜୋକୋଭିଚ୍ ୯୯ ଟାଇଟଲ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଭଜୋକୋଭିଚ୍ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଚେକ୍‌ଗଣରାଜ୍ୟର ଜାକୁବ ମେନସିକଙ୍କୁ ଭେଟିବେ। ମେନସିକ ଅନ୍ୟଏକ ସେମିରେ ତୃତୀୟ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୭-୬, ୪-୬, ୭-୬ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଷ୍ଟାଣ୍ଡରେ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଜୋକୋଭିଚ୍‌ଙ୍କ ମ୍ୟାଚ୍ ଉପଭୋଗ କରୁଥିବାର ଦେଖାଯାଇଥଲା।

## ସାବାଲେଙ୍କା-ପେଗୁଲା ଫାଇନାଲ

ମିଆମି ଓପନ୍ ମହିଳା ଏକକର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଟପ୍ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲା ପରସ୍ପରକୁ ଭେଟିବେ। ସେମିଫାଇନାଲ ମୁକାବିଲାରେ ସାବାଲେଙ୍କା ୬-୨, ୬-୨ ସିଧାସଳଖ ସେଟ୍‌ରେ ଷଷ୍ଠ ସିଡ୍ ଇଟାଲୀର ଜସ୍ମିନ ପାଓଲିନିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପେଗୁଲା ୭-୬, ୫-୭, ୬-୩ ସେଟ୍‌ରେ ୧୯ ବର୍ଷୀୟ ଫିଲିପାଇନ୍ସ ଟେନିସ ସେନସେସନ ଆଲେକଜାଣ୍ଡ୍ରା ଏଲାଙ୍କୁ ପରାସ୍ତ କରିଥିଲେ।



■ ଏସିଆନ ରେସଲିଂ ଚାମ୍ପିଅନସିପ୍

## ମନୀଷାଙ୍କୁ ସ୍ୱର୍ଣ୍ଣିମ ସଫଳତା

ଆମାନ,୨୯ ।୩(ଏଜେନ୍ସି): ଜୋର୍ଡାନର ଆମାନଠାରେ ଚାଲିଥିବା ଏସିଆନ ରେସଲିଂ ଚାମ୍ପିଅନସିପ୍‌ରେ ଭାରତର ମନୀଷ ଭାନୱାଲା ମହିଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ମରୁଡିରେ ଅନ୍ତ



ଘଟାଇଛନ୍ତି। ଦୀର୍ଘ ୪ ବର୍ଷ ପରେ ସେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେବେ ଭାରତୀୟ ପୁରୁଷ ରେସଲର ମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ୨୮ ବର୍ଷୀୟ ମନୀଷା ୬୨ କେଜି ପ୍ରତିଯୋଗିତାରେ ଉତ୍ତରକୋରିଆର ଓକେ ଜେ କିମ୍‌ଙ୍କୁ ୮-୭ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ସେ ତାଙ୍କର ପ୍ରଥମ ଏସିଆନ ଟାଇଟଲ ହାସଲ କରିଛନ୍ତି। ସେ କ୍ରମାଗତ ୪ ଚତୁର୍ଥ ପଦକ ହାସଲ କରିଛନ୍ତି। ପୂର୍ବରୁ ସେ ୨୦୨୨ରୁ ୨୦୨୪ ମଧ୍ୟରେ ୬୨ ଓ ୬୫ କେଜିରେ କ୍ରମାଗତ ୩ଟି କାଂସ୍ୟ ପଦକ ହାସଲ କରିଥିଲେ। ମନୀଷା ପୂର୍ବରୁ ବିଶ୍ୱ କାଂସ୍ୟ ବିଜୟିନୀ ମାନସୀ ଅହଲାୱତ୍‌ଙ୍କୁ ନ୍ୟାସନାଲ ଟ୍ରାଏଲ୍‌ରେ ପରାସ୍ତ କରି ଏସିଆନ ରେସଲିଂ ଚାମ୍ପିଅନସିପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ରୁଷିଆ ଛାଡ଼ିଲେ; ଅଷ୍ଟ୍ରେଲିଆରୁ ଖେଳିବେ ଡାରିଆ

ଦୁବାଇ, ୨୯ ।୩ (ଏଜେନ୍ସି): ରୁଷିଆର ଉଦୀୟମାନ ମହିଳା ଟେନିସ ଖେଳାଳି ଡାରିଆ କାସାତକିନା ଏବେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅଷ୍ଟ୍ରେଲିଆର ସ୍ଥାୟୀ ନାଗରିକ



ଲାଗି ୨୭ ବର୍ଷୀୟା ଡାରିଆ ଆବେଦନ କରିଥିଲେ। ଯାହାକୁ ଅଷ୍ଟ୍ରେଲିଆ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି। ଫଳରେ ଏବେ ଜନ୍ମଭୂମି ଛାଡ଼ି ସେ ଆଗାମୀ ଦିନରେ ଅଷ୍ଟ୍ରେଲିଆ ପାଇଁ ଟେନିସ୍‌ରେ ଅଂଶଗ୍ରହଣ କରିବେ।

ବିଶ୍ୱ ମହିଳା ଟେନିସ ଏକକ ମାନ୍ୟତାରେ ଡାରିଆ ବର୍ତ୍ତମାନ ଦ୍ୱାଦଶ ସ୍ଥାନରେ ରହିଛନ୍ତି। କ୍ୟାରିୟରରେ ସେ ୮ଟି ଟାଇଟଲ୍ ମଧ୍ୟ ଜିତିଛନ୍ତି। ତେବେ ରୁଷିଆର ଏଲ୍‌ଜିବିଟି ନିୟମକୁ ଡାରିଆ ସମାଲୋଚନା କରି ବିବାଦକୁ ଆସିଥିଲେ। ଏଥିସହ ୟୁକ୍ରେନ ବିପକ୍ଷରେ ରୁଷିଆର ଯୁଦ୍ଧକୁ ନେଇ ସେ ନିଜ ସରକାରଙ୍କୁ ବିରୋଧ କରିଥିଲେ। ଏହି ଦୁଇଟି ବିବାଦୀୟ ଘଟଣାପରେ ରୁଷିଆ ଛାଡ଼ି ଡାରିଆ ଗତ ଅଢ଼େଇ ବର୍ଷ ହେବ ଦୁବାଇରେ ଅବସ୍ଥାନ କରୁଥିଲେ। ଗତ ମାସରେ ଡବ୍ଲୁଟିଏ ଟୁର୍‌ର ଏକ ମ୍ୟାଚ୍ ସମୟରେ ତାଙ୍କ ନାମ ପାଖରେ ସ୍ପେନ ମିଶ୍ରିତ ପତାକା ଦେଖିବାକୁ ମିଳିଥିଲା। ଫଳରେ ସେ ସ୍ପେନର ନାଗରିକ ହେବାକୁ ଯାଉଥିବା ଚର୍ଚ୍ଚା ହୋଇଥିଲା। ଯାହାକୁ ପରେ ଡାରିଆ ଖଣ୍ଡନ କରିଥିଲେ। ଏବେ ସେ ଅଷ୍ଟ୍ରେଲିଆ ନାଗରିକତ୍ୱ ହାସଲ କରିଥିବା ଏବଂ ମେଲବୋର୍ଣ୍ଣ ତାଙ୍କର ପରବର୍ତ୍ତୀ ଘର ହେବାକୁ ଯାଉଥିବା ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

■ ୩୦୦୦ ରନ ଓ ୧୦୦ ୱିକେଟ୍

## ଆଇପିଏଲ୍‌ରେ ଜାଡେଜାଙ୍କ କୀର୍ତ୍ତିମାନ

ଚେନ୍ନଇ, ୨୯ ।୩ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଶୁକ୍ରବାର ରାତିରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ୫୧ ରନରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇର ଭେଟେରାନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକ ବିରଳ କୀର୍ତ୍ତିମାନ ହାସଲ କରିଛନ୍ତି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସେ ପ୍ରଥମ ଖେଳାଳି ଭାବେ ୩୦୦୦ ରନ ପୂରଣ କରିବା ସହ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ସଫଳତା ପାଇଛନ୍ତି। ଏହି ମ୍ୟାଚରେ ୨୫ ରନ କରିବା ଅବସରରେ ସେ ୩୦୦୦ ରନ ମାଇଲଖୁଣ୍ଟ ଛୁଇଁଥିଲେ। ବର୍ତ୍ତମାନ ଆଇପିଏଲ୍‌ରେ ୨୪୨ ମ୍ୟାଚରୁ ଜାଡେଜାଙ୍କ ନାମରେ ୩୦୦୧ ରନ ଓ ୧୬୦ ୱିକେଟ୍ ଲିପିବଦ୍ଧ ରହିଛି।



### ସୁଦର୍ଶନଙ୍କ ଅର୍ଦ୍ଧଶତକ, ସିରାଜଙ୍କ ଘାତକ ବୋଲିଂ

# ମୁମ୍ବାଇକୁ ହରାଇଲା ଗୁଜରାଟ

ଅହମ୍ମଦାବାଦ, ୨୯।୩ (ଏଜେନ୍ସି): ଓପନର ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ଓ ମହମ୍ମଦ୍ ସିରାଜଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍-୧୮'ର ୯ମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜ୍ୟାଣ୍ଟସ ୩୬ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ପରାସ୍ତ କରିଛି। ଏହା ଫଳରେ ଦ୍ୱିତୀୟ ମ୍ୟାଚ୍‌ରୁ ଗୁଜରାଟ ପ୍ରଥମ ବିଜୟ ହାସଲ କରିଥିଲାବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ସୁଦର୍ଶନ ୪୧ବଲ୍‌ରେ ୬୩, ଶୁବମନ ଗିଲ୍ ୩୮ ଓ ଜୋଶ ବଟଲର ୩୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜ୍ୟାଣ୍ଟସ ୮ ୱିକେଟରେ ୧୯୬ ରନ୍ କରିଥିଲା। ଜବାବରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୪୮, ତିଳକ ବର୍ମା ୩୯ ରନ୍ କରିଥିଲେ। କିନ୍ତୁ ଦୁଇ ତାରକା ଖେଳାଳି ରୋହିତ ଶର୍ମା (୮) ଓ ରୟାନ୍ ରିକେଲଟନ୍ (୬)ଙ୍କୁ ବୋଲ୍ଡ ଆଉଟ କରି ଗୁଜରାଟ ଜ୍ୟାଣ୍ଟସ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ୨ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ମିଚେଲ ସାଣ୍ଟନର ୧୮ ଓ ନମନ ଧୀର ୧୮ ରନ୍‌ରେ ଅପରାଜିତ ରହିଥିଲେ। ବିଜୟୀ ଦଳର ପ୍ରସିଦ୍ଧ କ୍ରିଷ୍ଣା ଚତୁର ବୋଲିଂ କରି ୪ ଓଭରରେ ୧୮ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।

| ଆଜିର ଆଇପିଏଲ୍ ମ୍ୟାଚ୍ | |
|---|---|
| ଦିଲ୍ଲୀ ବନାମ ହାଇଦରାବାଦ୍ | |
| ଅପରାହ୍ଣ ୩.୩୦ | ବିଶାଖାପାଟଣା |
| ରାଜସ୍ଥାନ ବନାମ ଚେନ୍ନାଇ | |
| ରାତି ୭.୩୦ | ଗୌହାଟୀ |

ପୂର୍ବରୁ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତିବା ପରେ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଆରମ୍ଭରୁ ଭଲ ଖେଳିଥିଲା। ଦୁଇ ଓପନର ସୁଦର୍ଶନ ଓ ଗିଲ ହାତଖୋଲା ସଟ୍‌ମାନ ଖେଳି ପ୍ରଥମ ୱିକେଟରେ ୮.୩ ଓଭରରୁ ୭୮ ରନ୍ ଉଠାଇଥିଲେ। ଗିଲ୍ ୨୭ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୩୮ ରନ୍‌ରେ ଆଉଟ ହୋଇଥିଲେ। ମୁମ୍ବାଇ ଅଧିନାୟକ ପାଣ୍ଡ୍ୟା ଚତୁର୍ଥଥର ଲାଗି ଗିଲ୍‌ଙ୍କୁ ଆଉଟ କରିଥିଲେ। ତାଙ୍କ ଆଉଟ ପରେ ସୁଦର୍ଶନଙ୍କ ସହ ଯୋଗଦେଇଥିଲେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋଶ ବଟଲର। ଏମାନେ ମଧ୍ୟ ଦ୍ରୁତଗତିରେ ରନ୍ ସଂଗ୍ରହ କରି ଦ୍ୱିତୀୟ ୱିକେଟରେ ୩୨ ବଲ୍‌ରୁ ୫୧ ରନ୍ ଉଠାଇଥିଲେ। କିନ୍ତୁ ବଟଲର ୨୪ ବଲ୍‌ରେ ୫ ଚୌକା ଓ ୧ ଛକା ସହ ୩୯ ଓ ପରେ ଚତୁର୍ଥ ଖେଳାଳି ଭାବେ ସୁଦର୍ଶନ ଆଉଟ ହେବା ପରେ ମୁମ୍ବାଇ ବୋଲର ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଯାଇଥିଲେ। ସୁଦର୍ଶନ ୪୧ ବଲ୍ ଖେଳି ୪ ଚୌକା ଓ ୨ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୬୩ ରନ୍ କରିବାରେ ସମର୍ଥ ହୋଇଥିଲେ। ଏହା ଫଳରେ ଗତ ୬ଟି ଆଇପିଏଲ୍ ଇନିଂସରେ ଏହା ହେଉଛି ତାଙ୍କର ୫ମ ଅର୍ଦ୍ଧଶତକ। ଏହା ମଧ୍ୟରେ ଗୋଟିଏ ଶତକ ରହିଛି। ସୁଦର୍ଶନଙ୍କ ଆଉଟ ପରେ ଆଉ କେହି ବଡ଼ ସ୍କୋର କରି ନ ଥିଲେ କିମ୍ବା ବଡ଼ ପାର୍ଟନରସିପ୍ ହୋଇ ପାରି ନ ଥିଲା। ଯାହା ଫଳରେ ଦଳ ୮ ୱିକେଟରେ ୧୯୬ ରନ୍‌ରେ ସୀମିତ ରହିଥିଲା।

ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ଟି ୱିକେଟ ପାଇଥିଲେ। ତାଙ୍କ ଛଡ଼ା ଟ୍ରେଣ୍ଟ ବୋଲ୍ଟ, ଦୀପକ ଚହର, ମୁଜୀବ-ଉର-ରହମନ ଓ ସତ୍ୟନାରାୟଣ ରାଜୁଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

**ଫେରିଲେ ପାଣ୍ଡ୍ୟା :** ଏହି ମ୍ୟାଚ୍‌ରେ ମୁମ୍ବାଇ ଦଳର ନେତୃତ୍ୱ ନେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଗତବର୍ଷ ନିୟମ ଅନୁଯାୟୀ ମ୍ୟାଚ୍‌ରେ ସ୍ଲୋ ଓଭରରେଟ ବୋଲିଂ ଯୋଗୁ ପାଣ୍ଡ୍ୟାଙ୍କୁ ଗୋଟିଏ ମ୍ୟାଚ୍‌ର ବାସନ୍ଦ କରାଯାଇଥିଲା। ଫଳରେ ସେ ମୁମ୍ବାଇର ପ୍ରଥମ ମ୍ୟାଚ୍‌ରେ ନେତୃତ୍ୱ ନେଇ ପାରି ନ ଥିଲେ। ପ୍ରଥମ ମ୍ୟାଚ୍ ହାରିଥିବା ମୁମ୍ବାଇ ଦଳରେ ଦୁଇଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଥିଲା। ରବିନ୍‌ଙ୍କୁ ଇମ୍ପାକ୍ଟ ଖେଳାଳି ନିଆଯାଇଥିଲେ ମଧ୍ୟ ସେ ସଫଳ ହୋଇ ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

**ଗୁଜରାଟ ଜ୍ୟାଣ୍ଟସ**
**୧୯୬/୮, ୨୦ ଓଭର**
(ସାଇ ସୁଦର୍ଶନ-୬୩, ଶୁବମନ ଗିଲ-୩୮, ଜୋଶ ବଟଲର-୩୯, ହାର୍ଦ୍ଦିକ ପାଣ୍ଡ୍ୟା-୨/୨୦)।

**ମୁମ୍ବାଇ ଇଣ୍ଡିଆନ୍ସ : ୧୬୦/୬, ୨୦ ଓଭର**
(ସୂର୍ଯ୍ୟକୁମାର ଯାଦବ -୪୮, ତିଳକ ବର୍ମା-୩୯, ରୋହିତ ଶର୍ମା-୮, ନମନ-୧୮, ପ୍ରସିଦ୍ଧକ୍ରିଷ୍ଣା- ୨/୧୮, ମହମ୍ମଦ୍ ସିରାଜ-୨/୨୬)।

## ଦ୍ୱିତୀୟଥର ଲାଗି ନଂ- ୯ରେ ବ୍ୟାଟିଂ କଲେ ଧୋନି

ଚେନ୍ନଇ, ୨୯ ।୩ (ଏଜେନ୍ସି): ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ସବୁଠୁ ସଫଳ ତଥା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ବ୍ୟାଟିଂକ୍ରମର ନଂ-୯ରେ ବ୍ୟାଟିଂ କରିବାକୁ ଆସିଥିଲେ। ଯାହାକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ଏହି ମ୍ୟାଚରେ ବେଙ୍ଗାଲୁରୁ ପକ୍ଷରୁ ଧାର୍ଯ୍ୟ ୧୯୭ ରନର ଲକ୍ଷ୍ୟକୁ ପିଛା କରି ସୁପର୍ କିଙ୍ଗ୍‌ସ ୮ ୱିକେଟ୍‌ରେ ୧୪୬ ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ଚେନ୍ନାଇ ଘରୋଇ ଗ୍ରାଉଣ୍ଡରେ ୫୧ ରନରେ ଏହାର ସବୁଠୁ ବଡ଼ ପରାଜୟର ସାମ୍ନା କରିଥିଲା।

ଚେନ୍ନାଇ ଶେଷ ୮ ଓଭରରେ ବିଜୟ ଲାଗି ୧୧୭ ରନ ଆବଶ୍ୟକ କରୁଥିଲା। ଏହି ସମୟରେ ୬ଷ୍ଠ ୱିକେଟ୍ ପତନ ପରେ ବ୍ୟାଟିଂରେ ଧୋନିଙ୍କ ଉପରେ ବୋଲିଂ ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ କ୍ରିଜକୁ ଆସିଥିଲେ। ସୁପର୍ କିଙ୍ଗ୍‌ସର ଏହି ରଣକୌଶଳକୁ ନେଇ ଅନେକ ପୂର୍ବତନ ଚେନ୍ନାଇ ସୁପର୍ କିଙ୍ଗ୍‌ସ କ୍ରିକେଟର୍ ନାପସନ୍ଦ କରିଛନ୍ତି। ୪୩ ବର୍ଷୀୟ ଧୋନି ତାଙ୍କ ଟି-୨୦ କ୍ୟାରିୟରରେ ୨ୟଥର ଲାଗି ବ୍ୟାଟିଂକ୍ରମର ନଂ- ୯ରେ ଖେଳିଥିଲେ। ସେ ୨ଟି ଛକା ଓ ୪ଟି ଚୌକା ସହ ୧୬ ବଲରୁ ଅପରାଜିତ ୩୦ ରନର ପାଳି ଖେଳିଥିବାବେଳେ ଚେନ୍ନାଇ ଶେଷରେ ୫୧ ରନରେ ପରାସ୍ତ ହୋଇଥିଲା। ୨୦୧୮ରୁ ୨ ବର୍ଷ ଧରି ଚେନ୍ନାଇ ପାଇଁ ଖେଳିଥିବା ଶେନ ୱାଟସନ କହିଛନ୍ତି, 'ଏହାହିଁ ସିଏସ୍‌କେ ପ୍ରଶଂସକ ଦେଖିବାକୁ ଚାହୁଁଛନ୍ତି। କିନ୍ତୁ ମୁଁ ଧୋନିଙ୍କୁ ବ୍ୟାଟିଂକ୍ରମର ଉପରେ ଖେଳୁଥିବାର ଦେଖିବାକୁ ଭଲପାଏ।' ସେହିଭଳି ରବିନ ଉଥପ୍ପା କହିଛନ୍ତି, 'ଧୋନି ନଂ- ୯ରେ ଆସିବାର କୌଣସି ମାନେ ନାହିଁ। ସେ ଉପରେ ଆସିଥିଲେ ଦଳର ରନରେଟ୍ ଉନ୍ନତ ହୋଇଥାନ୍ତା।' ପୂର୍ବତନ ଅଲ୍‌ରାଉଣ୍ଡର ଇର୍ଫାନ ପଠାନଙ୍କ ମତରେ, ଧୋନି ନଂ- ୯ରେ ଆସିବା ସପକ୍ଷରେ ମୁଁ ରହିବି ନାହିଁ। ଏହା ଦଳର ଏକ ଉପଯୁକ୍ତ ନିଷ୍ପତ୍ତି ନ ଥିଲା।

## ଆଇପିଏଲ୍‌ରେ ଇଂଲଣ୍ଡ ଖେଳାଳିଙ୍କ ସଂଖ୍ୟା ହ୍ରାସ

ନୂଆଦିଲ୍ଲୀ,୨୯।୩ (ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଇଂଲଣ୍ଡ ଖେଳାଳିଙ୍କ ସଂଖ୍ୟା କମୁଛି। ଚଳିତ ସିଜନ ଲାଗି ମହାନିଲାମିରେ ୧୨ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ୍ କିଣିଥିଲେ। ସେମାନଙ୍କ ମଧ୍ୟରୁ ହ୍ୟାରୀ ବ୍ରୁକ୍ ଓ ଆହତ ବ୍ରାଇଡନ କାର୍ସ ପ୍ରତିଯୋଗିତାରୁ ଓହରି ଯାଇଥିଲେ। ଆଇପିଏଲ୍-୨୦୨୫ରେ ସ୍ଥାନ ପାଇଥିବା ଇଂଲଣ୍ଡ ଖେଳାଳିମାନେ ହେଲେ, ମୋଇନ୍ ଅଲି, ଜୋଫ୍ରା ଆର୍ଚର, ଜ୍ୟାକବ ବେଥେଲ, ଜୋଶ ବଟଲର, ସାମ କୁରାନ, ୱିଲ ଜ୍ୟାକ୍ସ, ଲିଆମ ଲିଭିଙ୍ଗଷ୍ଟୋନ୍, ଜାମି ଓଭରଟନ, ଫିଲ ସଲ୍ଟ ଓ ରିସି ଟୋପ୍‌ଲେ। ବ୍ରୁକ୍‌ଙ୍କ ସ୍ଥାନ ନେବାକୁ ବେନ୍ ଡକେଟ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାହାକୁ ଏଡ଼ାଇଯାଇଥିଲେ।





ଗତବର୍ଷ ଇଂଲଣ୍ଡରୁ ୧୮ଜଣ ଖେଳାଳି ଆଇପିଏଲ୍‌ରେ ସାମିଲ ଥିଲେ। ଏ ବର୍ଷ ମହାନିଲାମି ସତ୍ତ୍ୱେ ମାତ୍ର ୧୦ଜଣ ଖେଳାଳି ଖେଳୁଛନ୍ତି। ଏହାର କାରଣ କ'ଣ ? ଇଂଲଣ୍ଡ ଖେଳାଳି ଆଇ ଆଇପିଏଲ୍‌ରେ ଖେଳିବାକୁ ଆଗ୍ରହୀ ନୁହଁନ୍ତି, କିମ୍ବା ଫ୍ରାଞ୍ଚାଇଜ୍‌ମାନେ ଇଂଲଣ୍ଡ ଖେଳାଳିଙ୍କୁ ଦଳରେ ନେବାକୁ ଚାହୁଁନାହାନ୍ତି। ଏହାର ଉପଯୁକ୍ତ କାରଣ ଜଣାପଡିନାହିଁ। କିନ୍ତୁ ଇଂଲଣ୍ଡ କ୍ରିକେଟ ବୋର୍ଡର ଦାୟିତ୍ୱ ନେବାପରଠାରୁ ଘରୋଇ କ୍ରିକେଟ ଖେଳିବା କିମ୍ବା ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ରବର୍ଟ କୀ' ଉତ୍ସାହିତ କରିଆସୁଛନ୍ତି। ଇଂଲଣ୍ଡ ଖେଳାଳିଙ୍କ ଲାଗି ସର୍ବଦା କିଛି ନା କିଛି କ୍ରିକେଟ ଖେଳ ରହିଛି। ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍, ଏହା ପରେ ଅଷ୍ଟ୍ରେଲିଆ ସହ ଆସେସ ସିରିଜ୍ ରହିଛି। ଘରୋଇ କ୍ରିକେଟ ସହ ଅନ୍ୟ ଫ୍ରାଞ୍ଚାଇଜ୍ ଭିତ୍ତିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟ ଖେଳାଯାଉଛି। ଆଇପିଏଲ୍ ଖେଳିବାକୁ ହେଲେ ସେମାନଙ୍କୁ ଅନେକ ଦୂର ଆସିବାକୁ ପଡୁଛି। ଦେଶରୁ ବାହାରେ ବା ଭିନ୍ନ ସଂସ୍କୃତିରେ ଦୀର୍ଘଦିନ ରହିବା ଇଂଲଣ୍ଡ ଖେଳାଳିଙ୍କ ଲାଗି କଷ୍ଟକର ହେଉଛି। ଏହା ମଧ୍ୟରେ ବିଦେଶୀ ଖେଳାଳିଙ୍କ ଉପରେ ଦୁଇଗୁଣା ଆୟକର ଲଗାଉଛନ୍ତି ଭାରତ ସରକାର। ଏହା ଫଳରେ କମ୍ ଦାମ୍‌ରେ ବିକ୍ରି ହେଉଥିବା ଖେଳାଳିମାନେ ଲାଭବାନ୍ ହୋଇପାରୁ ନାହାନ୍ତି।

ଅନ୍ୟପକ୍ଷରେ ନିକଟରେ ଖେଳାଯାଇଥିବା ଆଇସିସି ସୀମିତ ଓଭର କ୍ରିକେଟରେ ଇଂଲଣ୍ଡର ପ୍ରଦର୍ଶନ ଭଲ ହୋଇନାହିଁ କିମ୍ବା ଖେଳାଳିଙ୍କ ଚମକ ଦେଖିବାକୁ ମିଳିନାହିଁ। ଫଳରେ ଫ୍ରାଞ୍ଚାଇଜ୍ ମାଲିକମାନେ ଇଂଲଣ୍ଡ ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ସବୁଠାରୁ ବଡ଼ କଥା ହେଲା ଭାରତୀୟ ଉପମହାଦେଶ ପିଚ୍‌ରେ ନବାଗତ ଇଂଲଣ୍ଡ ଖେଳାଳି ସଫଳ ହେଉ ନାହାନ୍ତି। ଏଣୁ ଫ୍ରାଞ୍ଚାଇଜ୍‌ମାନେ ଆଗ୍ରହ ନ ଦେଖାଇବା ସ୍ୱାଭବିକ୍। ପ୍ରକୃତ କାରଣ ଯାହା ହେଉନା କାହିଁକି, କ୍ରମାଗତ ଭାବେ ଇଂଲଣ୍ଡ ଖେଳାଳିଙ୍କ ସଂଖ୍ୟା ଆଇପିଏଲ୍‌ରେ ହ୍ରାସ ହେବା କ୍ରିକେଟପ୍ରେମୀଙ୍କ ଲାଗି ଚିନ୍ତାର କାରଣ ହୋଇଛି।

# ଫିଫା ବିଶ୍ୱକପ୍ ଖେଳିବେ ସରପ୍ରୀତ୍ ସିଂହ

ପଣଜୀ,୨୯।୩ (ଏଜେନ୍ସି): ଫିଫା ବିଶ୍ୱକପ୍ ଖେଳିବା ଲାଗି ହୁଏତ ଭାରତକୁ ଆଉ ଗୋଟିଏ ଯୁଗ ଲାଗିପାରେ, କିନ୍ତୁ ଆସନ୍ତାବର୍ଷ ଉତ୍ତର ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଭାରତୀୟଙ୍କ ଲାଗି ଖୁସି ଖବର ଆଣିଛି। ଏହି ଖୁସି ଖବରଟି ହେଉଛି ମାତ୍ର ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ବିଶ୍ୱକପ୍ ଖେଳିବେ ସରପ୍ରୀତ ସିଂହ। ସରପ୍ରୀତ ଏବେ ନ୍ୟୁଜିଲାଣ୍ଡ ପକ୍ଷରୁ ଫୁଟବଲ ଖେଳୁଛନ୍ତି। ଓସେନିଆ ଗ୍ରୁପ୍‌ରେ ନ୍ୟୁ କାଲେଡୋନିଆକୁ ୩-୦ ଗୋଲରେ ପରାସ୍ତ କରି ନ୍ୟୁଜିଲାଣ୍ଡ ତୃତୀୟଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ସରପ୍ରୀତ ଯୋଗ୍ୟତା ଅର୍ଜନ କରିଛନ୍ତି।



ସରପ୍ରୀତ ଯଦି ୨୦୨୬ ବିଶ୍ୱକପ୍‌ରେ ଖେଳିବାରେ ସକ୍ଷମ ହୁଅନ୍ତି, ତେବେ ଫିଫା ବିଶ୍ୱକପ୍‌ର ୧୦୦ ବର୍ଷର ଇତିହାସରେ ସେ ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ଖେଳାଳି। ତାଙ୍କ ପୂର୍ବରୁ ୨୦୦୬ ଫିଫା ବିଶ୍ୱକପ୍‌ରେ ଫ୍ରାନ୍ସର ବିକାଶ ଧୁରାସୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳିଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିଛନ୍ତି। ଏଣୁ ସମସ୍ତ ଭାରତୀୟ କିମ୍ବା ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କ ଲାଗି ଫିଫା ବିଶ୍ୱକପ୍ ଖେଳିବା ଏକ ସ୍ୱପ୍ନ ପରି। ଏହି ସ୍ୱପ୍ନକୁ ଏବେ ସାର୍ଥକ କରିବାକୁ ଯାଉଛନ୍ତି ସରପ୍ରୀତ।

ଏହି ମିଡ୍‌ଫିଲ୍ଡର ଏବେ ପର୍ତ୍ତୁଗୀଜ୍ ଲିଗ୍ ଖେଳୁଛନ୍ତି। ଏହା ପୂର୍ବରୁ ସେ ୨୦୧୯ରେ ଜର୍ମାନୀ ବୁନ୍ଦେସ୍‌ଲିଗା ଲିଗ୍‌ରେ ବାଇରେନ୍ ମ୍ୟୁନିକ୍ ପକ୍ଷରୁ ଖେଳିଥିଲେ। ଦୀର୍ଘଦିନ ଧରି ସେ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିଆସୁଛନ୍ତି। 'ମୁଁ ନ୍ୟୁଜିଲାଣ୍ଡରେ ଜନ୍ମ ହୋଇଥିଲେ ମଧ୍ୟ ଭାରତୀୟ (ପଞ୍ଜାବୀ)ଙ୍କ ମଧ୍ୟରେ ବଢ଼ିଆସିଛି। ଭାରତୀୟ ସଂସ୍କୃତି, ସେମାନଙ୍କ ମନୋଭାବ, ଭାବପ୍ରବଣତା ଓ ଗର୍ବ ସମ୍ପର୍କରେ ଭଲଭାବେ ଅବିହିତ ଅଛି। ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବା ପରେ ମୋ ଉପରେ ଭଲ ପ୍ରଦର୍ଶନ କରିବାକୁ ଅନେକ ଭରସା ରଖିଛନ୍ତି। ମୋତେ ନିଶ୍ଚିତ ଭାରତୀୟମାନେ ସମର୍ଥନ କରୁଛନ୍ତି। ସେମାନଙ୍କ ଆଶା ଓ ଆକାଂକ୍ଷାକୁ କିପରି ପୂରଣ କରିପାରିବି ସେଥିଲାଗି ସମସ୍ତ ପ୍ରକାର ଚେଷ୍ଟା କରିବି ବୋଲି କହନ୍ତି ସରପ୍ରୀତ। ସରପ୍ରୀତ ଜଣେ ପଞ୍ଜାବୀ ମାତାପିତାଙ୍କଠାରୁ ଜନ୍ମ ହୋଇଛନ୍ତି। ନ୍ୟୁଜିଲାଣ୍ଡରେ ବସବାସ କରୁଥିଲେ ମଧ୍ୟ ଭାରତ ଓ ଭାରତୀୟଙ୍କ ପ୍ରତି ଦୁର୍ବଳତା ରହିଛି। ସେମାନଙ୍କ ଭାବପ୍ରବଣତା ମୋତେ ଅଧିକ ସଫଳତା ଲାଗି ଉତ୍ସାହିତ କରିଆସିଛି ଓ ଏହାକୁ ମୁଁ ପୂରଣ କରିବି ବୋଲି ସରପ୍ରୀତ କହିଛନ୍ତି। ବିଶ୍ୱକପ୍‌ରେ ଖେଳିବା ସରପ୍ରୀତଙ୍କ ଲାଗି ଏକ ବ୍ୟକ୍ତିଗତ ସଫଳତା ବୋଲି ବିବେଚନା କରାଯାଇପାରିବ ନାହିଁ। ତାଙ୍କ ଅଂଶଗ୍ରହଣ ଅର୍ଥ ଦକ୍ଷିଣ ଏସୀୟ ଫୁଟବଲ ଲାଗି ସଫଳତା ଓ କୃତିତ୍ୱର ଏକ ବଡ଼ ଉଦାହରଣ ବୋଲି ଏସୀୟ ଫୁଟବଲ ପୁରସ୍କାର ପ୍ରତିଷ୍ଠାତା ବଲଜିତ ସିଂହ କହନ୍ତି। ଇଂଲଣ୍ଡରେ ବସବାସ କରୁଥିବା ବଲଜିତ୍ ସର୍ବଦା ଦକ୍ଷିଣ ଏସୀୟ ଫୁଟବଲକୁ ସମର୍ଥନ ଦେଇଆସିଛନ୍ତି।

୨୦୧୦ ପରେ ନ୍ୟୁଜିଲାଣ୍ଡ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୨୦୨୬ରେ କାନାଡା, ମେକ୍ସିକୋ ଓ ଆମେରିକାରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିବାରେ ନ୍ୟୁଜିଲାଣ୍ଡ ହେଉଛି ୭ମ ରାଷ୍ଟ୍ର। ପ୍ରଥମେ ୩ ଆୟୋଜକ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ପରେ ଜାପାନ, ଇରାନ ଓ ଆର୍ଜେଣ୍ଟିନା ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ୨୦୨୬ ଫିଫା ବିଶ୍ୱକପ୍‌ରେ ମୋଟ ୪୮ଟି ଦେଶ ଅଂଶଗ୍ରହଣ କରିବେ।

■ ଇଣ୍ଡିଆନ ସୁପର ଲିଗ୍

## ସେମିଫାଇନାଲରେ ବେଙ୍ଗାଲୁରୁ

ବେଙ୍ଗାଲୁରୁ,୨୯ ।୩(ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୧ତମ ସଂସ୍କରଣରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫସି ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ କାନ୍ତିରାଭା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ପ୍ଲେ ଅଫ୍ ମୁକାବିଲାରେ ବେଙ୍ଗାଲୁରୁ ୫-୦ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ଏକପାଖିଆ ଭାବେ ପରାସ୍ତ କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏବେ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲରେ ବେଙ୍ଗାଲୁରୁ ଆସନ୍ତା ୨ ଓ ୬ ତାରିଖରେ ଏଫ୍‌ସି ଗୋଆକୁ ଭେଟିବ। ପୂର୍ବରୁ ଟେବଲ ଟପ୍ପର ମୋହନ ବାଗାନ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ରବିବାର ଦ୍ୱିତୀୟ ପ୍ଲେ-ଅଫ୍ ମୁକାବିଲାରେ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ବିଜୟୀ ଦଳ ସେମିକୁ ଉଠି ମୋହନ ବାଗାନକୁ ଭେଟିବ। ଆଇଏସଏଲ୍ ପ୍ଲେ-ଅଫ୍ ଇତିହାସରେ ବେଙ୍ଗାଲୁରୁ ସର୍ବବୃହତ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ପରାଜୟ ସହ ମୁମ୍ବାଇ ସିଟି ଏଫ୍‌ସି ଖେଳାଳି ନିରାଶ ହୋଇଥିଲେ।



ସମ୍ପୂର୍ଣ୍ଣ ଏକପାଖିଆ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଧିନାୟକ ସୁନୀଲ ଛେତ୍ରୀ ୭୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ତେବେ ପ୍ରଥମେ ସୁରେଶ ସିଂ ୱାଙ୍ଗଜାମ ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ଏଡଗାର ମଣ୍ଡେଜ ୪୨ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ସେହିପରି ରିଆନ ୱିଲିୟମ୍ସ ୬୨ତମ ମିନିଟ୍‌ରେ ଦଳର ତୃତୀୟ ଗୋଲ ଦେଇଥିଲେ। ଶେଷରେ ୮୩ତମ ମିନିଟ୍‌ରେ ଜର୍ଜ ପେରେରା ଗୋଲ ଦେଇ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ମୁମ୍ବାଇ ସଟ୍, ବଲ୍ ପଜେସନ, ପାସ, ପାସ୍ ଆକ୍ୟୁରେସିରେ ଯଥେଷ୍ଟ ଅଗାରେ ରହିଥିଲା। କିନ୍ତୁ ଗୋଲ ପୋଷ୍ଟକୁ ସଟ୍ ମାରିବାରେ ବେଙ୍ଗାଲୁରୁ ଦୁଇପାଦ ଆଗରେ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS